R.N.I. REGN. No. 65000/96 POSTAL REGN. No. OI

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୯୧
ତିଥି: ଦ୍ୱାଦଶୀ
୨୬ ଜୁଲାଇ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 291
26 July 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ସୁନାରେ ଝଲସିଲେ ତିନି ଠାକୁର







**୧୩୮ ପ୍ରକାରର ରତ୍ନଖଚିତ ସୁନା ଅଳଙ୍କାରରେ ସୁସଜ୍ଜିତ**

**୧୮ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ**

ପୁରୀ, ୨୫ ।୭ (ସବ୍ୟୁ) : ପବିତ୍ର ହରିଶୟନ ଏକାଦଶୀ ତିଥିରେ ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନି ରଥ ଉପରେ ଶ୍ରୀଜୀଉମାନଙ୍କର ଦୁର୍ଲ୍ଲଭ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ରଥାରୁଢ଼ ବିଗ୍ରହମାନଙ୍କର ସୁନାବେଶ ଦେଖି ଭକ୍ତମାନେ ଆମ୍ ବିଭୋର ହୋଇଥିଲେ । ଉଜ୍ଜଳ ଆଲୋକରେ ଝଲସି ଉଠିଥିଲେ ବିଗ୍ରହମାନେ। ଯାହା ଅତ୍ୟନ୍ତ ଆକର୍ଷଣୀୟ ଓ ମନୋରମ ଦେଖାଯାଇ ଥିଲା। ବିଗ୍ରହମାନଙ୍କର ସୁନାବେଶ ଦେଖିବା ପାଇଁ ପୁରୀରେ ଆଜି ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି।ବଡଦାଣ୍ଡ ଏକ ଜନ ସମୁଦ୍ରରେ ପରିଣତ ହୋଇ ଥିବାର ଦେଖା ଯାଇ ଥିଲା। ଶ୍ରୀମନ୍ଦିର ପରମ୍ପରା ଅନୁଯାଇ ବାହୁଡ଼ା ଯାତ୍ରା ପର ଦିନ ରଥ ଉପରେ ଶ୍ରୀଜୀଉମାନଙ୍କର ସୁନାବେଶ ଅନୁଷ୍ଠିତ ହୋଇଥାଏ। ଏହାକୁ ସୁନାବେଶ ବା ବଡ଼ ତଡ଼ାଉ ବେଶ କୁହାଯାଏ। ବର୍ଷକୁ ପାଞ୍ଚଥର ମନ୍ଦିର ଭିତରେ ସୁନାବେଶ ଅନୁଷ୍ଠିତ ହୋଇଥାଏ। ହରିଶୟନ ଏକାଦଶୀ ତିଥିରେ ତିନି ରଥ ଉପରେ ଶ୍ରୀଜୀଉମାନଙ୍କର ସୁନାବେଶ ଅନୁଷ୍ଠିତ ହୋଇଥାଏ। ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ରଥାରୂଢ଼ ଶ୍ରୀବିଗ୍ରହମାନଙ୍କୁ ସୁନା ବେଶରେ ସୁସଜ୍ଜିତ କରାଯାଇଥିଲା। ସୁନାବେଶ ପାଇଁ (୯ ପୃଷ୍ଠାରେ)

### ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାରେ ସିଜେପିର ଆନ୍ଦୋଳନ ପ୍ରଭାବ

# ଇସ୍ତଫା ଦେଲେ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ, ୨୫ ।୭ : କକ୍ରୋଚ୍ ଜନତାପାର୍ଟି ପକ୍ଷରୁ ନୂଆଦିଲ୍ଲୀ ସମେତ ଦେଶର ବିଭିନ୍ନ ରାଜ୍ୟରେ ନିଟ୍ ପ୍ରଶ୍ନପତ୍ର ଲିକ୍ ନେଇ ଚାଲିଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ସମୟରେ ଚାପରେ ଆସି ଇସ୍ତଫା ଦେବାରେ ଧର୍ମେନ୍ଦ୍ର ହେଉଛନ୍ତି ପ୍ରଥମ ମନ୍ତ୍ରୀ ବୋଲି କୁହାଯାଉଛି। ତୃତୀୟ ପର୍ଯ୍ୟାୟର ଆଲୋଚନା ପୂର୍ବରୁ ଏହି ଇସ୍ତଫା ହୋଇଛି ।

**ପ୍ରଧାନମନ୍ତ୍ରୀଙ୍କୁ ପଠାଇଲେ ଇସ୍ତଫାପତ୍ର**

**ଇସ୍ତଫାକୁ ଗ୍ରହଣ କଲେ ରାଷ୍ଟ୍ରପତି**

**ଦେଶ ବିରୋଧୀ ଶକ୍ତି ଯେପରି ଯନ୍ତର ମନ୍ତର ସ୍ଥିତିରୁ ଫାଇଦା ନ ନିଅନ୍ତି ସେଥିପାଇଁ ଇସ୍ତଫା ଦେଲି : ଧର୍ମେନ୍ଦ୍ର**

ପ୍ରଧାନମନ୍ତ୍ରୀଙ୍କୁ ଶ୍ରୀ ପ୍ରଧାନ ତାଙ୍କ ଇସ୍ତଫା ପତ୍ର ପଠାଇ ଦେଇଛନ୍ତି । ତାଙ୍କ ଇସ୍ତଫା ପତ୍ରକୁ ପ୍ରଧାନମନ୍ତ୍ରୀ ଗ୍ରହଣ କରିଛନ୍ତି ଓ ଏହାକୁ ରାଷ୍ଟ୍ରପତିଙ୍କ ନିକଟକୁ ମଧ୍ୟ ପଠାଇଛନ୍ତି । (୯ ପୃଷ୍ଠାରେ)

# ପ୍ରହ୍ଲାଦ ଯୋଶୀଙ୍କୁ ଶିକ୍ଷା ମନ୍ତ୍ରଣାଳୟ ଦାୟିତ୍ୱ



ନୂଆଦିଲ୍ଲୀ, ୨୫ ।୭ : ଖାଦ୍ୟ ଓ ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ଥିବା ପ୍ରହ୍ଲାଦ ଯୋଶୀଙ୍କୁ ଶିକ୍ଷା ମନ୍ତ୍ରଣାଳୟର ମନ୍ତ୍ରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନ ଆଜି ଇସ୍ତଫା ଦେଇଥିଲେ। ତାଙ୍କ ଇସ୍ତଫା ପତ୍ରକୁ ରାଷ୍ଟ୍ରପତି ଗ୍ରହଣ କରିନେଇଛନ୍ତି । ଏହାପରେ ଶ୍ରୀ ଯୋଶୀଙ୍କୁ ଶିକ୍ଷା ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଧର୍ମେନ୍ଦ୍ରଙ୍କ ଇସ୍ତଫା ଗ୍ରହଣ ହୋଇଥିବା ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। କର୍ଣ୍ଣାଟକ ରାଜନୀତିର ଜଣେ ପ୍ରଭାବଶାଳୀ ଚେହେରା ହେଉଛନ୍ତି ଶ୍ରୀ ଯୋଶୀ । ସେ ଲଗାତର ୫ ଥର ସାଂସଦ ହୋଇଛନ୍ତି ।

## ଦୁର୍ଘଟଣାରେ ବାପ-ଝିଅ ମୃତ

ଭୁବନେଶ୍ୱର, ୨୫ ।୭ (ସବ୍ୟୁ) : ରାଜଧାନୀ ଉପକଣ୍ଠ ଇନ୍ଫୋଭାଲି ଥାନା ଅର୍ନ୍ତଗତ ଗଙ୍ଗପଡା ଛକରେ ଶନିବାର ଅପରାହ୍ନ ସମୟରେ ସଡକ ଦୁର୍ଘଟଣା ଘଟି ବାପ -ଝିଅଙ୍କ ମୃତ୍ୟୁ ହୋଇଛି । ଶବ ରଖି ସ୍ଥାନୀୟ ଲୋକେ ଦୁଇଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଜାତୀୟ ରାଜପଥ ଅବରୋଧ କରିଥିଲେ । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି । ଏହା ସହିତ ସେମାନଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ଲକ୍ଷ ଲେଖାଏଁ ଟଙ୍କା ସହାୟତା ଘୋଷଣା କରିଛନ୍ତି ।

**ଶବ ରଖି ଦୁଇଘଣ୍ଟା ରାସ୍ତା ଅବରୋଧ**

**ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ଶନିବାର ଅପରାହ୍ନ ସମୟରେ ଗଙ୍ଗପଡା ଭାତକୁଡି ଗ୍ରାମର ନିରଞ୍ଜନ ମହାପାତ୍ର ତାଙ୍କ ଝିଅ (୯ ପୃଷ୍ଠାରେ)

## ମାଓବାଦୀ ପୋତିନଥିବା ମାରଣାସ୍ତ୍ର ଉଦ୍ଧାର

ମାଲକାନଗିରି, ୨୫ ।୭ (ସବ୍ୟୁ): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ଘନବେଡାରେ ବିଏସ୍ଏଫ୍ ବାହିନୀ ଏକ ମାଓବାଦୀ ମିଳିତ ଅପରେସନ ସମୟରେ ସ୍ୱାଭିମାନ ଅଞ୍ଚଳରେ ଥିବା ଏକ ଜଙ୍ଗଲରୁ ମାଓବାଦୀଙ୍କ ଦ୍ୱାରା ପୋତାଯାଇନଥିବା ମାରଣାସ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରାଯାଇଛି । ବିଶେଷ ସୂତ୍ରରୁ ଖବର ପାଇ ଘନବେଡାସ୍ଥିତ ୧୭୭ ବାଟାଲିୟନ ବିଏସ୍ଏଫ୍ ବାହିନୀ ଏବଂ ଡିଭିଏଫ୍ ବାହିନୀ ମିଳିତ ଭାବେ ଜୋଡାମ୍ବ ଥାନା ଅଞ୍ଚଳରେ କମ୍ବିଂ ଅପରେଶନ ଆରମ୍ଭ କରିଥିଲେ । କମ୍ବିଂ ଅପରେଶନ ସମୟରେ ଜୋଡାମ୍ବ ଥାନା ଅନ୍ତର୍ଗତ ଅରାପଦର ଓ ଘୁସୁମପଦର ମଧ୍ୟରେ ଥିବା ଜଙ୍ଗଲ ଅଞ୍ଚଳରେ ଏକ ସ୍ଥାନରେ ମାଓବାଦୀ (୯ ପୃଷ୍ଠାରେ)

### ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି

# ୫ ଦିନ ଯାଏ ପ୍ରବଳ ବର୍ଷିବ



ଭୁବନେଶ୍ୱର, ୨୫ ।୭ (ସବ୍ୟୁ) : ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହାର ସଲଗ୍ନ ପଶ୍ଚିମବଙ୍ଗ ଉପକୂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହି କ୍ଷେତ୍ର ଆଗାମୀ ଦୁଇ ଦିନରେ ଆହୁରି ଘନିଭୂତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟରେ ୫ ଦିନ ଲାଗି ବର୍ଷା ସମ୍ଭାବନା ସୃଷ୍ଟି ହୋଇଛି । ଏହି ଘୂର୍ଣ୍ଣିବଳୟଟି ସମୂଦ୍ର ପତନର ୯.୪ କିମି ଉପରେ ରହିଛି । ଦୁଇରୁ ତିନି ଦିନ ମଧ୍ୟରେ ଏହା ସ୍ପଷ୍ଟ ଚିହ୍ନିତ କ୍ଷେତ୍ର ହେବ ।

ଏହାର ପ୍ରଭାବରେ ପଶ୍ଚିମ-ଉତ୍ତର ଉପକୂଳ ଓ ଆଭ୍ୟନ୍ତରିଣ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି । କିଛି ଜିଲ୍ଲାରେ ବର୍ଷା ସହ ୩୦ ରୁ ୪୦ କିମି ବେଗରେ ପବନ ବୋହିବା ନେଇ ମଧ ପୂର୍ବ ଅନୁମାନ କରାଯାଇଛି । ସମୂଦ୍ର ଅଶାନ୍ତ ରହିବା କାରଣରୁ ୨୭ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୂଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି । ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ ଓ କେନ୍ଦୁଝର ଜିଲ୍ଲା ଲାଗି ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ବାଲେଶ୍ୱର, ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, ମୟୂରଭଞ୍ଜ, ବୌଦ୍ଧ, ପୁରୀ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାଲାଗି ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଥିବାବେଳେ ଝାରସୁଗୁଡ଼ା, ବରଗଡ, ସମ୍ବଲପୁର, ଦେବଗଡ଼, ସୁବର୍ଣ୍ଣପୁର, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ ଓ ଗଞ୍ଜାମ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ୨୭ ତାରିଖ ଲାଗି କେନ୍ଦୁଝର ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଦିଆଯାଇଛି । ଏହି (୯ ପୃଷ୍ଠାରେ)


## ନୈତିକ ମୂଲ୍ୟବୋଧକୁ ପ୍ରାଥମିକତା ଦେଇ ଇସ୍ତଫା



ଭୁବନେଶ୍ୱର, ୨୫ ।୭ (ସବ୍ୟୁ) : ବୃହତ୍ତର ସାମାଜିକ ହିତ ଓ ନୈତିକ ମୂଲ୍ୟବୋଧକୁ ପ୍ରାଥମିକତା ଦେଇ ପଦବୀରୁ ଇସ୍ତଫା ଦେବାପାଇଁ ଧର୍ମେନ୍ଦ୍ର ପ୍ରଧାନ ଗ୍ରହଣ କରିଥିବା ନିଷ୍ପତ୍ତି ତାଙ୍କ ଉଚ୍ଚ ନୀତି, ଆଦର୍ଶର ପରିଚାୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଉପରେ ପ୍ରତିକ୍ରିୟା ରଖି ସୋସିଆଲ ମିଡ଼ିଆରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷାନୀତି ଭଳି ଐତିହାସିକ ନୀତିକୁ କାର୍ଯ୍ୟକାରୀ କରିବା ସହ ଦେଶର କୋଟି କୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଶିକ୍ଷାରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିଛନ୍ତି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରୁ ଆଗାମୀ ଦିନରେ ତାଙ୍କର ଏହି କର୍ମମୟ ଯାତ୍ରା ଆହୁରି ଅଧିକ ସଫଳତା ଓ ପ୍ରତିଷ୍ଠା ଆଣିଦେବ ବୋଲି ମୋର ଦୃଢ଼ ବିଶ୍ୱାସ ।

## ଯୁବକମାନଙ୍କ ସ୍ୱର ଶୁଣିବାର ଆବଶ୍ୟକତା ଅଛି



ଭୁବନେଶ୍ୱର, ୨୫ ।୭ (ସବ୍ୟୁ) : ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଜେନ୍ ଜେଡ୍‌କୁ ପ୍ରଶଂସା କରିଛନ୍ତି । ସେ ମଧ ଭାରତର ଯୁବକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ସେ କହିଛନ୍ତି ଯେ ଜନମତ ପ୍ରତି ସମ୍ବେଦନଶୀଳତା ଓ ଉତ୍ତରଦାୟିତ୍ୱ ଶକ୍ତିଶାଳୀ ଗଣତନ୍ତ୍ରର ଅବିଚ୍ଛେଦ୍ୟ ମୂଲ୍ୟବୋଧ। କେହି ଲୋକଙ୍କ ଇଚ୍ଛାଶକ୍ତି ଉପରେ ନୁହଁନ୍ତି । ବିଶେଷକରି ଆମେ ଯୁବ ସମାଜର ସ୍ୱର ଶୁଣିବା ଉଚିତ୍ । ଭାରତର ଭବିଷ୍ୟତ, ଯୁବ ସମାଜ ଉପରେ ନିର୍ଭରଶୀଳ । ଆମ ଲୋକଙ୍କ ସ୍ୱର ବିଶେଷକରି ଯୁବକମାନଙ୍କ ସ୍ୱର ସବୁବେଳେ ଶୁଣିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

# ସିଜେପିର ୩ ଦାବି ମାନିଲେ ସରକାର



ନୂଆଦିଲ୍ଲୀ, ୨୫ ।୭ : ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ବିଭିନ୍ନ ପରୀକ୍ଷାରେ ହେଉଥିବା ତ୍ରୁଟିକୁ ବିରୋଧ କରି କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ୪୯ ଦିନ ଧରି ଚାଲିଥିବା ଆନ୍ଦୋଳନ ଆଜି ପତ୍ୟାହାର ହୋଇଛି । ସିଜେପି ପକ୍ଷରୁ ଯେଉଁ ୩ ଦାବି କରାଯାଇଥିଲା ସରକାର ସମସ୍ତ ଦାବିକୁ ଗ୍ରହଣ କରିନେଇଛନ୍ତି । ସରକାର ସବୁ ଦାବିକୁ ଗ୍ରହଣ କଲାପରେ ସିଜେପି ମୁଖ୍ୟ ମୁଖପାତ୍ର ସୌରଭ ଦାସ କହିଛନ୍ତି ଯେ ଭଲ ବିଶ୍ୱାସ ନେଇ ଆମେ ଆନ୍ଦୋଳନ ପ୍ରତ୍ୟାହାର କରୁଛୁ । ସରକାର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆମର ସମସ୍ତ ଦାବିକୁ ପୂରଣ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଏବଂ ସରକାରଙ୍କ ସହ ପୁଣି ଆଲୋଚନା କରାଯିବ ।

ସିଜେପିର ପ୍ରତିନିଧିଙ୍କ ସହ କେନ୍ଦ୍ରମନ୍ତ୍ରୀ ଜେପି ପଡ୍ଡା ଓ ଜିତେନ୍ଦ୍ର ସିଂ ଆଜି ତୃତୀୟ ପର୍ଯ୍ୟାୟ ଆଲୋଚନା କରିଥିଲେ। ସିଜେପି ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାକୁ ପ୍ରମୁଖ ଦାବି କରାଯାଇଥିଲା । ଗତକାଲି ଆଲୋଚନା ସମୟରେ ଆଜି ଅପରାହ୍ଣ ସୁଦ୍ଧା ସରକାର ଇସ୍ତଫା ସମ୍ପର୍କରେ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆଲୋଚନା ପୂର୍ବରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇସାରିଥିଲେ। ଏହାପରେ ଉଭୟ ପକ୍ଷ ଆଲୋଚନାରେ ବସିଥିଲେ। ଜୁନ୍ ୬ରୁ ସିଜେପିର ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ୪୯ ଦିନରେ ପହଞ୍ଚିଥିଲା । ସିଜେପି ମୁଖ୍ୟତଃ ତିନୋଟି ଦାବି ରଖିଥିଲା । କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା,

**▸▸ ୪୯ ଦିନର ଆନ୍ଦୋଳନ ପ୍ରତ୍ୟାହୃତ**

**▸▸ ଜେନ୍-ଜେଡ୍‌ର ଶକ୍ତି ଦେଖିଲା ଦେଶ**

**▸▸ ଶିକ୍ଷାରେ ସଂସ୍କାର ଲାଗି ଦେଇଥିବା ପ୍ରସ୍ତାବକୁ ଗ୍ରହଣ କରାଯିବ**

ପ୍ରତିବାଦକାରୀ ଓ ଆୟୋଜକଙ୍କ ନାମରେ ହୋଇଥିବା ସମସ୍ତ ଏତଲା ଓ ଆଇନ୍‌ଗତ ମାମଲାର ପ୍ରତ୍ୟାହାର ଏବଂ ନିଟ୍ ପ୍ରଶ୍ନପତ୍ର ଲିକ୍ ଯୋଗୁ ଯେଉଁ ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରିଛନ୍ତି ତାଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ । ସରକାର ଏହି ୩ ଦାବିକୁ ମାନି ନେଇଛନ୍ତି । ନିଟ୍ ପେପର ଲିକ୍ ଯୋଗୁ ଆତ୍ମହତ୍ୟା କରିଥିବା ପରୀକ୍ଷାର୍ଥୀଙ୍କ ପରିବାରକୁ ଯେତେ ଅଧିକ କ୍ଷତିପୂରଣ ଦିଆଯାଇପାରିବ ସେ ନେଇ ସରକାର ପ୍ରତିଶ୍ରୁତି ଦେଇଛନ୍ତି । କେନ୍ଦ୍ର ସରକାର ଓ ଏନ୍‌ଡିଏ ଶାସିତ ରାଜ୍ୟରେ ଛାତ୍ରମାନଙ୍କ ବିରୋଧରେ ଯେଉଁ ଏତଲା ହୋଇଛି ତାହାକୁ ପ୍ରତ୍ୟାହାର କରିନିଆଯିବ । କୌଣସି ପ୍ରତିବାଦକାରୀଙ୍କ ବିରୋଧରେ ଭବିଷ୍ୟତରେ ମଧ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନାହିଁ। ଏହାଛଡା ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ପାଇଁ ସିଜେପି ଦେଇଥିବା ୫ ସୂତ୍ରୀ ପ୍ରସ୍ତାବ ଉପରେ ସରକାର ପୁନର୍ବାର ଆଲୋଚନା କରିବେ । ଦିଲ୍ଲୀ ପୋଲିସ ପକ୍ଷରୁ ଅନେକ ଏତଲା ଦାଖଲ କରାଯାଇଛି । ବିଜେପି ଶାସିତ ରାଜ୍ୟରେ ମଧ ଏତଲା ହୋଇଛି । ଦିଲ୍ଲୀରେ କେବଳ ୧୫ ରୁ ୨୦ ଏତଲା ହୋଇଥିବା ସିଜେପି ପକ୍ଷରୁ ଦର୍ଶାଯାଇଥିଲା । ଏହି ଏତଲାର କପି ମିଳିବା ପରେ ୩ ରୁ ୪ ଦିନ ମଧ୍ୟରେ ସବୁ ମାମଲାକୁ ରଦ୍ଦ କରାଯିବ । ସରକାର ମଧ ଏ (୯ ପୃଷ୍ଠାରେ)

## ବନ୍ୟାରେ ୩୦ ଗ୍ରାମ ଜଳବନ୍ଦୀ

ସୋର, ୨୫ ।୭ (ସବ୍ୟୁ): ଗତ ୬ ଦିନଧରି ପ୍ରବଳ ଲଗାଣ ବର୍ଷା ଯୋଗୁଁ କାଂଶବାଂଶ ନଦୀରେ ବନ୍ୟା ଆସିବା ଫଳରେ ସୋର ବ୍ଲକର ସବିରା, କେଦାରପୁର ଏବଂ ତଳନଗର ପଞ୍ଚାୟତର ସବିରା, ବ୍ରାହ୍ମଣ ସବିରା, ଚପରପଦା, ସାଜନପୁର, ଘାସୁଆ, କବିରପୁର, ତଳ ସବିରା, ଡିଅସବିରା, ଗଣ୍ଡତରା, ତଳନଗର, ସାଲମପୁର, ଦାଣ୍ଡପଳାସା, ସୁନାରା, ପଦନପ ଅସ୍ତବାଙ୍କ, ଧାନବରଖୁଣ୍ଟା, ଧଅଳି, ବାଉଁଶଖୁଣ୍ଟା, ଅଗପ ବେଲ ସବିରା, କସବା, ଅଲ୍ଲୀପୁର ଆଦି ୩୦ରୁ ଅଧିକ ଗ୍ରାମ ଲୋକମାନେ ଏବେ ଜଳବନ୍ଦୀ ଅବସ୍ଥାରେ ରହିଥିବା ବେଳେ ଯୋଗାଯୋଗ ସଂପୂର୍ଣ୍ଣ ବନ୍ଦ ହୋଇଥିବାରୁ ଲୋକମାନେ ଘରୁ ବାହାରି ନପାରି ଭୋକ ଉପବାସରେ ପଡ଼ି ରହିଛନ୍ତି । ଅଧିକାଂଶ ଘର ଭିତରେ ପାଣି ପଶିଯାଇଥିବା ବେଳେ ଲୋକମାନେ ଉଚ୍ଚସ୍ଥାନରେ ଆଶ୍ରୟ ନେଇଛନ୍ତି ।

ଖବର ପାଇ ଆଜି ସୋର ବିଧାୟକ ମାଧବ ଧଡ଼ା ଏବଂ ତଳନଗର ସରପଞ୍ଚ ଗୀତାରାଣୀ ଦାଶ, ରାଜେନ୍ଦ୍ର ଦାଶଙ୍କ ସହିତ ଅନ୍ୟ ସହଯୋଗୀମାନେ ବନ୍ୟାଞ୍ଚଳରେ ପହଞ୍ଚି ଦୁର୍ଗତମାନଙ୍କର ଅସୁବିଧା ବୁଝିବା ସହିତ ଶୁଖିଲ । ଖାଦ୍ୟ ବାଣ୍ଟିଥିଲେ । ବନ୍ୟାଞ୍ଚଳରୁ ବିଧାୟକ ଶ୍ରୀ ଧଡ଼ା ଏ ସଂପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଅବଗତ କରିବା ପରେ ସେ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।



# ଅଧର ପଣା

ବାହୁଡା ଯାତ୍ରା ପରେ ସିଂହଦ୍ୱାରଠାରେ ତିନି ରଥ ଉପରେ ସୁନାବେଶ ଓ ତତ୍ ପରଦିନ ଠାକୁରମାନଙ୍କ ଉଦ୍ଦେଶ୍ୟରେ ଅଧର ପଣା ଭୋଗ ହୋଇଥାଏ । ରଥାରୂଢ଼ ଠାକୁରମାନଙ୍କ ଅଧର ଉଚ୍ଚ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟି ହାଣ୍ଡିରେ ହେଉଥିବା ପଣା ଭୋଗକୁ ଅଧର ପଣା କୁହାଯାଏ । ଗବେଷକ ଡଃ ସୁରେନ୍ଦ୍ର କୁମାର ମିଶ୍ର ଓଡ଼ିଆ ମଠରୁ ପ୍ରାପ୍ତ ସନନ୍ଦକୁ ଆଧାର କରି ଉଲ୍ଲେଖ କରିଛନ୍ତି ଯେ, ପୂର୍ବେ ବାହୁଡା ଦଶମୀ ଦିନ ତିନି ହାଣ୍ଡି, ଏକାଦଶୀରେ ତିନି ହାଣ୍ଡି ଓ ଦ୍ୱାଦଶୀ ଦିନ ତିନି ହାଣ୍ଡି ଏହିପରି ନଅ ହାଣ୍ଡି ଅଧର ପଣା ଓ ବଳଭଦ୍ରଙ୍କ ରଥରେ ରାମ , କୃଷ୍ଣଙ୍କ ଉଦ୍ଦେଶ୍ୟରେ ୨ ହାଣ୍ଡି (ସାନ) ଓ ଜଗନ୍ନାଥଙ୍କ ରଥରେ ମଦନମୋହନ ଠାକୁରଙ୍କ ନିମିତ୍ତ ୧ ହାଣ୍ଡି (ସାନ) କ୍ରମରେ ମୋଟ ୧୨ଟି ହାଣ୍ଡି ଅଧର ପଣା ଭୋଗ ହେଉଥିଲା । ସମ୍ପ୍ରତି ତିନି ରଥ ପାଇଁ ଦ୍ୱାଦଶୀ ଦିନ ମୋଟ ୯ ହାଣ୍ଡି ଅଧର ପଣା ଭୋଗ ହେଉଅଛି । ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ଠାକୁରମାନଙ୍କ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅଧର ପଣା ପ୍ରସ୍ତୁତି ଓ ନୀତି ଆରମ୍ଭ ହୋଇଥାଏ । ମନ୍ଦିର ପ୍ରଶାସନ , ରାଘବ ଦାସ ଓ ବଡ଼ ଓଡ଼ିଆ ମଠ ପ୍ରଦତ୍ତ ଛାଚି, ସର, କଦଳୀ , ଛେନା, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ଇତ୍ୟାଦି ପଣା ଦ୍ରବ୍ୟ ସାମଗ୍ରୀ ପାଳିଆ ମହାସୁଆର ରଥ ଉପରେ ରଖିଥାନ୍ତି । ପ୍ରତ୍ୟେକ ଠାକୁରଙ୍କ ସମ୍ମୁଖରେ ରଥ ଉପରେ ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁମାନଙ୍କର ଶ୍ରୀଅଧର ଉଚ୍ଚ ଥିବା ଡ଼ୁମ୍ବ ଆକୃତି ଭଳି ମାଟିର ତିନୋଟି ହାଣ୍ଡି ରଖାଯାଏ । କିନ୍ତୁ ପ୍ରତ୍ୟେକ ହାଣ୍ଡି ସମାନ ମାପର ହୋଇ ନଥାଏ । ପୂର୍ବରୁ ପାଣିଆ ଆପଟ ସେବକମାନେ ସିଂହଦ୍ୱାର ଛାଉଣୀ ମଠ ସମ୍ମୁଖସ୍ଥ କୂପରୁ ଗରାମାନଙ୍କରେ ଜଳ କାଢି ରଥ ଉପରକୁ ବୋହି ନେଇ ବଡ଼ ପିତଳ ହଣ୍ଡାମାନଙ୍କରେ ରଖିଥାନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ପୂର୍ବେ ଅଧର ପଣା ପାଇଁ ଆବଶ୍ୟକ ଜଳ ରାଧାବଲ୍ଲଭ ମଠ କୂପରେ ଆସୁଥିଲା । ପରବର୍ତ୍ତୀ ସମୟରେ ସିଂହଦ୍ୱାରା ସମ୍ମୁଖ କୂପରୁ ଏହି ଜଳ ଅଣାଯାଉଛି । ଜଳବୁହା ବେଳେ ମନ୍ଦିର ଚର୍ଚ୍ଚା ଓ ବରକନ୍ଦାଜ କର୍ମଚାରୀମାନେ ଆଗରେ ଗୁଆ ଖୋଳପା ଧରି ଲୋକଙ୍କୁ ଆଡେଇଥାନ୍ତି, ଯେପରିକି କେହି ଜଳକୁ ସ୍ପର୍ଶ କରିପାରିବେ ନାହିଁ । ଅଧରପଣା ଭୋଗ ପୂର୍ବରୁ ମହାସୁଆରମାନେ ଥାଇ ଭିତରଚ୍ଛ, ତଳୁଚ୍ଛ ଓ ସୁଭଦ୍ରାଙ୍କ ରଥରେ ପାଳିଆ ପୁଷ୍ପାଳକ ଅଧର ଆଗରେ ଖଣ୍ଡେ ନୂଆ ଗାମୁଛା ଟେରା ଧରିଥାନ୍ତି । ଅଧରପଣା ହାଣ୍ଡି ଉପରେ ଖଣ୍ଡେ ଲେଖାଏଁ ଧଳା କରିକା (ଜାଲିକନା) ପକାଯାଏ । ଜଳ ଛଣା ଉଦ୍ଦେଶ୍ୟରେ ଏହା ପକାଯାଏ ବୋଲି କଥିତ ରହିଛି । ମହାସୁଆରମାନେ ପ୍ରତି ରଥରେ ଅଧର ହାଣ୍ଡିରେ ପଣା ପ୍ରସ୍ତୁତ କରିଥାନ୍ତି । ଏହାପରେ ପତ୍ରିବଡୁ, ସୁଆରବଡୁ ଓ ଗରାବଡୁ ପାଳିଆ ସେବକ ତିନି ରଥରେ ପୂଜା ଠା' କରନ୍ତି । ତତ୍ ପରେ ପାଳିଆ ପୂଜା ପଣ୍ଡା ପଞ୍ଚୋପଚାରରେ ପୂଜା କରିଥାନ୍ତି । ପୂଜା ପରେ ଏହାକୁ ରଥ ଉପରେ ଭଙ୍ଗା ଯିବାର ନୀତି ରହିଛି । ଏହା ପ୍ରସାଦ ମଣିଷଙ୍କ ଉଦ୍ଦେଶ୍ୟରେ ନୁହେଁ ବରଂ ରଥଯାତ୍ରାରେ ରଥରେ ଥିବା ପାର୍ଶ୍ୱଦେବତା ଓ ବିଭିନ୍ନ ଆତ୍ମା ମାନଙ୍କ ପାଇଁ ଥାଏ, ତେଣୁ ଏହାକୁ ରଥ ଉପରେ ହିଁ ଭଙ୍ଗା ଯାଇଥାଏ ।



## ସୋସିଆଲ କୋଟ୍ସ



ପ୍ରିୟ ଛାତ୍ର ତୁମେମାନେ ଦେଖେଇଦେଲ କି ଅସଲ ଶକ୍ତି କେଉଁଠି ଅଛି । ବହି, କଲମ ଓ ସ୍ୱର ଉତ୍ତୋଳନରେ ହିଁ ଅସଲ ଶକ୍ତି ଲୁଚି ରହିଛି । ମୁଁ ତୁମ ମାନଙ୍କ ସହ ଅଛି ।

**ଶାହରୁଖ ଖାନ, ଅଭିନେତା**



ଇଣ୍ଡଷ୍ଟ୍ରୀର ଲୋକଙ୍କ ପାଖକୁ ଅନେକ ଗ୍ରୁପ ଓ ବିଭିନ୍ନ ଲୋକଙ୍କ ପାଖରୁ ଫୋନ ଆସୁଛି । ସେମାନେ ରାଲିରେ ଯିବା ପାଇଁ ଓ ସେମାନଙ୍କର ଚେହେରା ହେବା ପାଇଁ ପଇସା ମଧ୍ୟ ଯାଚୁଛନ୍ତି ।

**ଆକାଂକ୍ଷା ପୁରୀ, ଅଭିନେତ୍ରୀ**



ଏ କେଉଁ ପ୍ରକାର ଯୁବଗୋଷ୍ଠୀ, ଯେଉଁମାନେ ଅଭଦ୍ର ଭାଷାର ପ୍ରୟୋଗ କରୁଛନ୍ତି । ଏମାନେ କଣ ସତରେ ନିଟର ଛାତ୍ର ।

**ମୀରା ଚୋପ୍ରା, ଅଭିନେତ୍ରୀ**

## ଦିବ୍ୟ ବ୍ୟଞ୍ଜନ



## ଶାଗମୁଗ

**ସାମଗ୍ରୀ-** ଭଜା ମୁଗ ଡାଲି : ୧/୨ କପ, କୋଶଳା ଶାଗ: ୧ ବିଡା (ଭଲ ଭାବରେ ଧୋଇ କାଟି ରଖନ୍ତୁ), ପରିବା : କଖାରୁ, ସାରୁ, କଞ୍ଚା କଦଳୀ, ଦେଶୀ ଆଳୁ ଓ ବାଇଗଣ (ଛୋଟ ଛୋଟ ଖଣ୍ଡ କରି କଟା), କୋରା ନଡ଼ିଆ : ୧/୪ କପ୍, ଘିଅ : ୨ ରୁ ୩ ଚାମଚ, ଗୋଟା ଜିରା: ୧ ଚାମଚ, ଗୋଲମରିଚ : ୧/୨ ଚାମଚ (ସଦ୍ୟ ବଟା/ଗୁଣ୍ଡ), ହେଙ୍ଗୁ : ୧/୪ ଚାମଚ, ସୋରିଷ : ୧/୨ ଚାମଚ, ହଳଦୀ ଗୁଣ୍ଡ ଓ ଲୁଣ (ସେନ୍ଧବ ଲୁଣ): ସ୍ୱାଦ ଅନୁସାରେ, ତେଜପତ୍ର : ୧-୨ ଟି ।

**ପ୍ରସ୍ତୁତି -** ପ୍ରଥମେ ମୁଗ ଡାଲିକୁ ସାମାନ୍ୟ ଭାଜି ଧୋଇ ଦିଅନ୍ତୁ । ଦେଶୀ ହାଣ୍ଡି କିମ୍ବା କୋରାଇରେ ଆବଶ୍ୟକ ପରିମାଣର ପାଣି, ହଳଦୀ, ଲୁଣ, ତେଜପତ୍ର ଓ ଭଜା ମୁଗ ଡାଲି ପକାଇ ସିଝିବାକୁ ଦିଅନ୍ତୁ । ଡାଲି ଅଧା ସିଝି ଆସିଲେ ସେଥିରେ କଟା ହୋଇଥିବା ପରିବା (କଖାରୁ, ସାରୁ, କଦଳୀ, ଆଳୁ) ମିଶାନ୍ତୁ । ପରିବା ନରମ ହୋଇ ଆସିଲେ କଟା ଶାଗ ଓ ବାଇଗଣ ପକାଇ ଭଲ ଭାବରେ ଗୋଳାଇ କିଛି ସମୟ ଫୁଟିବାକୁ ଛାଡ଼ନ୍ତୁ । ସବୁ ସାମଗ୍ରୀ ଭଲ ଭାବେ ସିଝି ମିଶିଗଲା ପରେ ସେଥିରେ କୋରା ନଡ଼ିଆ, ଜିରା-ଗୋଲମରିଚ ଗୁଣ୍ଡ ପକାଇ ଅଳ୍ପ ସମୟ ଆଞ୍ଚରେ ରଖନ୍ତୁ । ଶେଷରେ ଅନ୍ୟ ଏକ ପାତ୍ରରେ ଘିଅ ଗରମ କରି ସୋରିଷ, ଜିରା ଓ ହେଙ୍ଗୁର ଛୁଙ୍କ ପ୍ରସ୍ତୁତ କରି ସେହି ଶାଗ-ମୁଗ ମିଶ୍ରଣରେ ଢାଳି ତୁରନ୍ତ ଘୋଡ଼ାଇ ଦିଅନ୍ତୁ, ପ୍ରସ୍ତୁତ ହୋଇଯିବ ଶାଗମୁଗ ।



## ଟାଇଟ୍ ପ୍ୟାଣ୍ଟ ନେଲା ପଦବୀ

ତୁର୍କୀର ଅର୍ଦାହାନ ପ୍ରଦେଶର ଗଭର୍ଣ୍ଣର ମେହମତ ଫାତିହ ଚିଚେକଲୀ ସାଇକ୍ଲିଂକୁ ପ୍ରୋତ୍ସାହିତ କରିବା ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ତେବେ ଏଥିରେ ସେ ଟାଇଟ୍ ସାଇକ୍ଲିଂ ପ୍ୟାଣ୍ଟ ପିନ୍ଧି ଭାଗ ନେବା ପରେ, ତାଙ୍କର ଏହି ପୋଷାକକୁ ପଦବୀ ଓ ସାଂସ୍କୃତିକ ପରମ୍ପରାର ବିରୋଧୀ ଦର୍ଶାଇ ସୋସିଆଲ ମିଡିଆରେ ବିରୋଧ ଦେଖିବାକୁ ମିଳିଥିଲା । ଏହାପରେ ରାଷ୍ଟ୍ରପତିଙ୍କ ଆଦେଶକ୍ରମେ ତାଙ୍କୁ ଗଭର୍ଣ୍ଣର ପଦରୁ ହଟାଇ ଦିଆଯାଇଛି । ତେବେ ଏହି କାର୍ଯ୍ୟାନୁଷ୍ଠାନ ପରେ ଗଭର୍ଣ୍ଣର ଚିଚେକଲୀ ସ୍ପଷ୍ଟ କରିଛନ୍ତି ଯେ ସେ କେବଳ ସାଇକ୍ଲିଂ ପାଇଁ ଉଦ୍ଦିଷ୍ଟ ସାଧାରଣ ସ୍ପୋର୍ଟସ୍ ଡ୍ରେସ୍ ପିନ୍ଧିଥିଲେ । ଅପରପକ୍ଷରେ ତାଙ୍କ ସମର୍ଥନରେ ୧୦ ହଜାରରୁ ଅଧିକ ଲୋକ ତାଙ୍କ ପୁନଃସ୍ଥାପନ ପାଇଁ ପିଟିସନରେ ସ୍ୱାକ୍ଷର କରିବା ସହ ସାଇକେଲ ଚାଳକମାନେ ତାଙ୍କ ବିଦାୟ ସମୟରେ ଏକ ସମର୍ଥନ ସାଇକେଲ ରାଲି ବାହାର କରିଥିବା ଜଣା ପଡିଛି ।

## ଇତିହାସ

୧୮୪୪- ଭାରତୀୟ ପ୍ରମୁଖ ଶିକ୍ଷାବିତ୍ ଗୁରୁଦାସ ବାନାର୍ଜୀଙ୍କ ଜନ୍ମ ।
୧୮୭୬- କୋଲକାତାରେ ଇଣ୍ଡିଆନ୍ ଆସୋସିଏସନ୍‌ର ସ୍ଥାପନା ।
୧୯୬୫- ବ୍ରିଟେନ୍ କବଜାରୁ ମାଳଦ୍ୱୀପ ସ୍ୱାଧୀନ ହେଲା ।
୧୯୯୮- ପ୍ରସିଦ୍ଧ ଆଥ୍ଲେଟ୍ ଜ୍ୟାକି ଜାୟନର କର୍ସୀ ଆଥ୍ଲେଟିକ୍ସରୁ ସନ୍ୟାସ ନେଲେ ।
୨୦୦୫- ଆର୍ଥିକ ରାଜଧାନୀ ମୁମ୍ବାଇରେ ରେକର୍ଡ ପରିମାଣର ବର୍ଷା ହୋଇ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନୀ ।
୨୦୦୫- ନାସା ପକ୍ଷରୁ ସଟଲ୍ ଡିସ୍କୋଭରୀର ପ୍ରକ୍ଷେପଣ ।
୨୦୦୭- ପାକିସ୍ତାନ ପକ୍ଷରୁ ପରମାଣୁ ଶକ୍ତିସମ୍ପନ୍ନ କ୍ରୁଜ୍ ମିସାଇଲ୍ ବାବର୍ ହତ୍ଫ-୭ର ସଫଳ ପରୀକ୍ଷଣ ।
୨୦୦୮- ଗୁଜରାଟର ଅହମ୍ମଦାବାଦରେ ୨୧ଟି ସିରିଜ୍ ବମ୍ ବିସ୍ଫୋରଣ ଘଟି ୫୬ ଜଣଙ୍କ ମୃତ୍ୟୁ ।
୨୦୦୮ -ୟୁରୋପୀୟ ବୈଜ୍ଞାନିକମାନେ ସୌରମଣ୍ଡଳ ବାହାରେ ନୂତନ ଗ୍ରହର ସନ୍ଧାନ କଲେ ।
୨୦୧୨- ସିରିଆ ହିଂସାରେ ଆଜିର ଦିନରେ ୨୦୦ ଲୋକଙ୍କ ମୃତ୍ୟୁ ।



## ଚରିତ୍ର ଅନେକକିଛି ଶିଖାଇଛି

ନିତେଶ ତିୱାରୀଙ୍କ ବହୁଭାଷୀ ମେଗା ପ୍ରକଳ୍ପ 'ରାମାୟଣ' କୁ ନେଇ ଅନେକ ଚର୍ଚ୍ଚା ଜାରି ରହିଛି । ଏଥିରେ ରାମଙ୍କ ଭୂମିକାରେ ରଣବୀର କପୁରଙ୍କୁ ଦେଖିବାକୁ ମିଳିବ । ତେବେ ଏହି ଚରିତ୍ର ପାଇଁ ସେ ଖୁବ ପରିଶ୍ରମ କରିଥିବାନେଇ ନିଜେ ପ୍ରକାଶ କରିଛନ୍ତି । ଫିଲ୍ମ ଆରମ୍ଭରୁ ମନରେ ଥିବା ଭୟ ସୁଟିଂ ଆରମ୍ଭପରେ ଧୀରେଧୀରେ କମିଥିଲା । ପ୍ରଥମେ ଅଭିନୟକୁ ନେଇ ସନ୍ଦେହ ଥିଲେ ବି ପରବର୍ତ୍ତୀ ସମୟରେ ଏହା କୃତଜ୍ଞତା ଓ ନୈତିକ କର୍ତ୍ତବ୍ୟରେ ପରିଣତ ହୋଇଥିଲା । ରଣବୀରଙ୍କ ଏହି କଥାକୁ ସାଉଥ୍ ସୁପରଷ୍ଟାର୍ ଯଶ ବହୁତ ପ୍ରଶଂସା କରିବା ସହ ରଣବୀରଙ୍କ କଠିନ ପରିଶ୍ରମ, ନିଷ୍ଠା ଏବଂ ଶାରୀରିକ ପରିବର୍ତ୍ତନକୁ ଉଚ୍ଚ ପ୍ରଶଂସା କରିଥିଲେ । ନମିତ ମାଲହୋତ୍ରାଙ୍କ ଦ୍ୱାରା ନିର୍ମିତ ଏହି ଫିଲ୍ମରେ ସାଇ ପଲ୍ଲବୀ, ସନ୍ନି ଦେଓଲ ଓ ରବି ଦୁବେଙ୍କ ଭଳି କଳାକାରଙ୍କ ଅଭିନୀତ ଏହି ମେଗା ବଜେଟ୍ ସିନେମାଟି ୨୦୨୬ ଦୀପାବଳି ଅବସରରେ ଏହା ରିଲିଜ ହେବବୋଲି ଯୋଜନା ରହିଛି ।

## ମଦବୋତଲ ଜଗୁଛନ୍ତି ସୁରକ୍ଷାକର୍ମୀ

ଏକ ମଦ ବୋତଲ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ହରିୟାଣାର ଗୁରୁଗ୍ରାମ୍‌ସ୍ଥିତ ଏମ.ଜି. ରୋଡ୍‌ରେ ଥିବା ଏକ ୱାଇନ୍ ସପ୍‌ରେ ରଖାଯାଇଥିବା ୭୫ ଲକ୍ଷ ଟଙ୍କାର ଏକ ମଦ ବୋତଲକୁ ଦେଖିବା ପାଇଁ ଲୋକମାନେ ଧାଡି ଲଗଉଛନ୍ତି । କେବଳ ଦେଖିବା ପାଇଁ ନୁହେଁ ଏହି ବୋତଲ ସହିତ ସେଲ୍ଫି ନେବା ପାଇଁ ମଧ୍ୟ ପ୍ରଚୁର ଭିଡ ଦେଖିବାକୁ ମିଳୁଛି । ସ୍କଟଲ୍ୟାଣ୍ଡରୁ ଆମଦାନୀ କରାଯାଇଥିବା ଏହି ବୋତଲଟି ପ୍ରିମିୟମ୍ କଲେକ୍ସନ ଅନ୍ତର୍ଭୁକ୍ତ । ସେହିଭଳି ଦୋକାନର ଦାବି ଅନୁଯାୟୀ ଏହା ଭାରତରେ ନିଜ ପ୍ରକାରର ଏକମାତ୍ର ବୋତଲ । ଏତେ ମହଙ୍ଗା ହୋଇଥିବା ହେତୁ ଏବଂ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଏହାର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଭାବେ ସୁରକ୍ଷା କର୍ମୀ ମୁତୟନ କରାଯାଇଛି ।





**ମେଷ:** କାର୍ଯ୍ୟରେ ଅଶାନ୍ତି, ଶାରୀରିକ ଅସୁସ୍ଥ, ହେବା କାର୍ଯ୍ୟରେ ବିଳମ୍ବ, ବନ୍ଧୁ କଳହ, ସ୍ୱଜନ ବିରୋଧ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ। ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୪, ଆରାଧନା- ମା' ମଙ୍ଗଳା।

**ବୃଷ:** ଆକସ୍ମିକ ଧନଲାଭ, ମାନସିକ ଶାନ୍ତି, ଦେବଦର୍ଶନ, ଉତ୍ସବକୁ ନେଇ ଶୁଭ ଆଲୋଚନା, ଶରୀର ସୁସ୍ଥ, ସୁମିଷ୍ଟ ଭୋଜନ, ପାରିବାରିକ ଶାନ୍ତି। ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ମା' ଭଗବତୀ।

**ମିଥୁନ:** ନୂତନ ଖବର, ଶୁଭ ଆଲୋଚନା, ବନ୍ଧୁ ବିରୋଧ, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟ ଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଯାତ୍ରାରେ ସତର୍କ। ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୭, ଆରାଧନା- ମହାଲକ୍ଷ୍ମୀ।

**କର୍କଟ:** ଦ୍ରବ୍ୟ ଲାଭ, ଶୁଭ ଖବର, ଦାମ୍ପତ୍ୟ ଖୁସି, ମାନସିକ ଶାନ୍ତି, ବିଦ୍ୟାରେ ସଫଳତା, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ନୂତନ ବାଣିଜ୍ୟ ଆରମ୍ଭ। ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣି, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ।

**ସିଂହ:** ସନ୍ତାନ ଚିନ୍ତା, ନୂତନ କର୍ମନିଯୁକ୍ତି, ମାନସିକ ଶାନ୍ତି, ନୂତନ ବନ୍ଧୁଲାଭ, ଦୂର ଯାତ୍ରା, ସମ୍ପତ୍ତି ବିବାଦ, କିଛି କାର୍ଯ୍ୟରେ ବିରୋଧ। ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ମାଟିଆ, ସଂଖ୍ୟା-୮, ଆରାଧନା-ସୂର୍ଯ୍ୟ ନାରାୟଣ।

**କନ୍ୟା:** ଅପବାଦ, ଦେବକାର୍ଯ୍ୟରେ ବିରୋଧ, ବ୍ୟବସାୟିକ କଷ୍ଟ, ବନ୍ଧୁ ସାହାଯ୍ୟ, ସୁମିଷ୍ଟ ଭୋଜନ, ସମ୍ମାନ ହାନି, ଶାରୀରିକ ସୁସ୍ଥ, ବିଦ୍ୟାରେ ସଫଳ, ଯାତ୍ରା ଶୁଭ। ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୭, ଆରାଧନା- ମା'କାଳୀ।

**ତୁଳା:** ନୂତନ ବନ୍ଧୁ ଲାଭ, ଶୁଭ ଖବର, ବିବାଦ ସମାଧାନ, ଦାମ୍ପତ୍ୟ କଳହ, ଦୂରଯାତ୍ରା ସଫଳ, ପାରିବାରିକ ଶାନ୍ତି, ଶାରୀରିକ ସୁସ୍ଥ, ଅର୍ଥ ଲାଭ, ସମ୍ପତ୍ତି ଖୁସି। ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୯, ଆରାଧନା- ଶଙ୍କର ଭଗବାନ।

**ବିଛା:** ଆୟ ଉତ୍ତମ, ଶୁଭ କାର୍ଯ୍ୟ ପ୍ରତି ଆଗ୍ରହ, ଦ୍ରବ୍ୟ ଲାଭ, ଭୂସମ୍ପତ୍ତି ଲାଭ, ସନ୍ତାନ ଖୁସି, ନୂତନ ଖବର, ମାନସିକ ଶାନ୍ତି, ଭ୍ରମଣ ବାଧା, ଆଶା ସଫଳ, ବନ୍ଧୁ ସାହାଯ୍ୟ। ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ବିଷ୍ଣୁ ଭଗବାନ।

**ଧନୁ:** ଯାତ୍ରା ଶୁଭ, ଶୁଭ ଆଲୋଚନା, ବିଶିଷ୍ଟ କାର୍ଯ୍ୟରେ ଲାଭ, ବନ୍ଧୁ ସହଯୋଗ, ବିବାଦ ସମାଧାନ, ଦ୍ରବ୍ୟ ଲାଭ, ଅର୍ଥ ଲାଭ, ଆଶୀର୍ବାଦ ପ୍ରାପ୍ତି। ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା- ମହାଲକ୍ଷ୍ମୀ।

**ମକର:** କିଛି କାର୍ଯ୍ୟରେ ବିଳମ୍ବ, ବ୍ୟବସାୟରେ ଶୁଭ, ଦେବଦର୍ଶନ, ଦୂରଯାତ୍ରାରେ କଷ୍ଟ, ଦ୍ରବ୍ୟ ନଷ୍ଟ, ବନ୍ଧୁ ସାହାଯ୍ୟ, ବିଦ୍ୟାରେ ସଫଳତା, ନୂତନ ଆଶା ସଫଳ, ଧନ ଲାଭ। ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୫, ଆରାଧନା- ପ୍ରଭୁ ଜଗନ୍ନାଥ।

**କୁମ୍ଭ:** ଅର୍ଥ ଲାଭ, ଦୂର ଯାତ୍ରା ସଫଳ, ସମ୍ମାନ ପ୍ରାପ୍ତି, ଗୃହେ ଉତ୍ସବ, ପାରିବାରିକ ଶାନ୍ତି, ଲୋକସମ୍ପର୍କରେ ଉନ୍ନତି, ବନ୍ଧୁ କଳହ, ଶାରୀରିକ ସୁସ୍ଥ। ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୩, ଆରାଧନା- ପ୍ରଭୁ ଶଙ୍କର।

**ମୀନ:** ମାନସିକ ଶାନ୍ତି, ଦୂର ଯାତ୍ରା, ସ୍ୱାଦିଷ୍ଟ ଭୋଜନ, ନୂତନ କର୍ମ ଲାଭ, ଶୁଭ ଖବର, ସ୍ୱଜନ କଳହ, ଶାରୀରିକ ସୁସ୍ଥ, ଗୃହେ ସାହାଯ୍ୟ, ଦ୍ରବ୍ୟ ଲାଭ, ଆଶା ସଫଳ। ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ମା' ଗୌରୀ।

**ଆଷାଢ଼ ଶୁକ୍ଳପକ୍ଷ ଦ୍ୱାଦଶୀ**
**୨୬.୭.୨୦୨୬, ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ସୁନାବେଶରେ ଚତୁର୍ଦ୍ଧାମୂର୍ତ୍ତି

















## ସାପ କାମୁଡ଼ାରେ ଶିଶୁ କନ୍ୟାର ମୃତ୍ୟୁ

ଢେଙ୍କିକୋଟ ,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ବାଲିଯୋଡି ଗ୍ରାମମୁଣ୍ଡା ସାହିର ବୀର ମୁଣ୍ଡାଙ୍କ ତିନିବର୍ଷର ଝିଅ ମେଗା ମୁଣ୍ଡା (୩)ର ସାପ କାମୁଡ଼ରେ ମୃତ୍ୟୁ ହୋଇଛି । ଶୁକ୍ରବାର ରାତିରେ ସେ ଘରେ ତଳେ ଶୋଇଥିବା ବେଳେ ବିଷଧର ଚିତି ସାପ କାମୁଡି ଦେଇଥିଲା । ତାକୁ ଗୁରୁତର ଅବସ୍ଥାରେ ପ୍ରଥମେ ଘଟଗାଁ ଓ ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଡ଼ାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଶନିବାର ଦିନ ଘଟଗାଁ ଥାନା ଏଏସଆଇ ଗିରିଧାରୀ କିଷାନ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରାଇଛନ୍ତି ।

## ବ୍ରାଉନସୁଗର ଜବତ୍ ; ଜଣେ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ସଦର ଅବକାରୀ ଟିମ୍ ଶିଙ୍ଗଂଚଳ ଥାନା ଅନ୍ତର୍ଗତ ହଳଦିଆ ତାଡିକିମୁଣ୍ଡିଆ ନିକଟ ହନୁମାନମନ୍ଦିର ପାଶ୍ୱର୍ରୁ ଜଣେ ବ୍ରାଉନସୁଗର ବେପାରୀକୁ ଧରିଛି। ବେପାରୀ ଜଣକ ଗଡହଳଦିଆ ଅଂଚଳର ଜଣେ ୧୭ବର୍ଷ ର ନାବାଳକ। ତାଙ୍କ ନିକଟରୁ ୭୫ଗ୍ରାମ ଓଜନର ବ୍ରାଉନସୁଗର ସମେତ ଏକ ବାଇକ ଓ ଫୋନ୍ କୁ ଜବତ୍ କରିଛି। ଜବତ୍ ବ୍ରାଉନସୁଗରର ମୂଲ୍ୟ ସାଢେ ୭ଲକ୍ଷ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ହଳଦିଆ ତାଡିକିମୁଣ୍ଡିଆ ନିକଟ ହନୁମାନମନ୍ଦିର ପାଶ୍ୱର୍ରେ ଜଣେ ବେପାରୀ ଗ୍ରାହକ କୁ ଅପେକ୍ଷା କରିଥିବା ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇଥିଲା। ତାଙ୍କୁ ଧରିବା ଲାଗି ଅବକାରୀ ଅଧିକ୍ଷକ ସୁମତି ତ୍ରୀପାଠୀଙ୍କ ନିର୍ଦ୍ଦେଶକ୍ରମେ ସଦର ଓଆଇସି ସୁଜିତ କୁମାର ନାଗଙ୍କ ନେତୃତ୍ୱରେ ଏକ ଟିମ୍ ଚଢଉ କରିଥିଲେ। ଅବକାରୀ ଚଢଉ ଦେଖି ବେପାରୀ ଜଣକ ଖସିବାକୁ ଉଦ୍ୟମ କରିଥିଲେ ହେଁ ଅବକାରୀ ଟିମ୍ ତାଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଏନେଇ ଅବକାରୀ ପୁଲିସ ୮୯/୨୬ରେ ଏକ ମାମଲା ରୁଜୁ କରିଛି।

## ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଛାତ୍ରୋଂ କି ଗୁଞ୍ଜ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଶନିବାର ସ୍ଥାନୀୟ ଲୋହିଆ ଏକାଡେମୀ ଠାରେ ଛାତ୍ରୋଂ କି ଗୁଞ୍ଜ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା ଯୋଗଦେଇ କଂଗ୍ରେସର ଦାବି ସମ୍ପର୍କରେ ଉପସ୍ଥାପନ କରିଥିଲେ । ଦାୟୀତ୍ୱ ନିର୍ବାହରେ ଅବହେଳା ଏବଂ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ପାଇଁ ଦାୟୀ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଛାତ୍ର ଛାତ୍ରୀ ମାନଙ୍କ ଉପରେ ପୋଲିସର ଅମାନବୀୟ ଅତ୍ୟାଚାରକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀଙ୍କ ହସ୍ତକ୍ଷେପ ଏବଂ ଏହା ଉପରେ ମନ୍ତବ୍ୟ ରଖିଥିଲେ । ଦେଶରେ ପରୀକ୍ଷା ଏବଂ ଶିକ୍ଷା ବ୍ୟବସ୍ଥା ଉପରେ ସଂସଦରେ ଆଲୋଚନା କରିବା ସହ ବିଳମ୍ବ, ସ୍ୱଚ୍ଛତାରେ ବିଫଳତା ଏବଂ ଛାତ୍ରଛାତ୍ରୀ ମାନଙ୍କର ଅଭିଯୋଗକୁ ସମାଧାନ ପାଇଁ ସମୟସୀମା ସ୍ଥିର କରିବା ।



ଛାତ୍ରଛାତ୍ରୀଙ୍କର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ବିରୁଦ୍ଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଉପରେ ନିରପେକ୍ଷ ତଦନ୍ତ ଦାବି କରାଯାଇଥିଲା । ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିକୁ ସଂପୂର୍ଣ୍ଣ ଭାଙ୍ଗିବା ।ଏକ ବାଧ୍ୟତା ମୂଳକ ବାର୍ଷିକ ପରୀକ୍ଷା ଏବଂ ନିଯୁକ୍ତିର କ୍ୟାଲେଣ୍ଡର ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଦିଲ୍ଲୀର ଛାତ୍ର ଆନ୍ଦୋଳନକୁ କେନ୍ଦ୍ର ସରକାରର ଅମାନବୀୟ ଆଚରଣକୁ ସାଂସଦ ଶ୍ରୀ ଉଲ୍ଲାକା ଘୋର ନିନ୍ଦା କରିଥିଲେ । ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସର ସାଂସଦ ମାନେ ଛାତ୍ର ମାନଙ୍କର ଦାବି ପୂରଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ତାଙ୍କର ବାସଭବନକୁ ଯାଇଥିବା ବେଳେ ସେମାନଙ୍କୁ ଅଟକ ରଖାଗଲା । ରାହୁଲ ଗାନ୍ଧୀଙ୍କୁ ଆକ୍ରମଣ କରିବା ଗଣତନ୍ତ୍ର ଉପରେ ଆକ୍ରମଣ । ଦେଶର ୭.୫ କୋଟି ଛାତ୍ରଛାତ୍ରୀ ୧୫୨ ଟି ପେପର ଲିକ ଘଟଣାରେ ଗତ ୧୨ ବର୍ଷରେ ପ୍ରଭାବିତ ହୋଇଛନ୍ତି । ପରୀକ୍ଷାକୁ ବାତିଲ କରାଯାଇଛି, ଫଳାଫଳ ପ୍ରକାଶରେ ବିଳମ୍ବ କରାଯାଇଛି ଏବଂ ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରିଦିଆଯାଇଛି । ଫଳରେ ଦେଶର ଯୁବକ ଓ ଛାତ୍ରମାନଙ୍କ ଭବିଷ୍ୟତକୁ ବିପଦକୁ ଠେଲି ଦିଆଗଲା । ନିଟ-୨୦୨୬ ପରୀକ୍ଷା ଦୁର୍ନୀତି ସରକାରଙ୍କର ସଂପୂର୍ଣ୍ଣ ବିଫଳତାକୁ ପଦାରେ ପକାଉଛି । ଯେଉଁଥିରେ ୨୨ ଲକ୍ଷ ଆଶାୟୀ ଛାତ୍ର ଛାତ୍ରୀ ପ୍ରଭାବିତ ହୋଇଛନ୍ତି । ସେହିଭଳି ଓଡ଼ିଶାର ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ହଜାର ହଜାର ତ୍ରୁଟି ପରଲିକ୍ଷିତ ହୋଇଛି । ସୁତରାଂ ଦେଶର ଓ ରାଜ୍ୟର ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି । ରାହୁଲ ଗାନ୍ଧୀ ଛାତ୍ରମାନଙ୍କ ପାଖରେ ଛିଡା ହୋଇଛନ୍ତି ଏବଂ ଛାତ୍ରୋଂ କି ଗୁଞ୍ଜ କାର୍ଯ୍ୟକ୍ରମ ମାଧ୍ୟମରେ କୋଟା, ଡେରାଡୁନ ଠାରେ ସିଧାସଳଖ ଛାତ୍ରଛାତ୍ରୀ ଅଭିଭାବକ ଏବଂ ଆଶାୟୀଙ୍କ ସହିତ ସିଧା ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ୟାସିର ନୱାଜ, ମହମ୍ମଦ ଇମଦାଦ, ମନୋଜ ବିଶ୍ୱାଳ, ମହମ୍ମଦ ଗୁଲଫାମ, ସୁନିଲ ସାହୁ ଗାନ୍ଧୀ, ସୁରଜ ରାଉତ, ଚିରଞ୍ଜନ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ପୂର୍ତ୍ତ ବିଭାଗର ଅବହେଳା, ଫୁଲନଖରା-ନିଆଳି ରାଜପଥ ମରଣଯନ୍ତା

ଫୁଲନଖରା (ସବ୍ୟୁ): କଟକ ପୂର୍ତ୍ତ ବିଭାଗ ଡିଭିଜନ୨ ଅଧୀନସ୍ଥ ଫୁଲନଖରା ନିଆଳି ମୁଖ୍ୟ ରାଜ୍ୟ ରାଜପଥ ବର୍ତ୍ତମାନ ଯାତ୍ରୀ ଓ ସାଧାରଣ ଜନତାଙ୍କ ପାଇଁ ଏକ ମରଣଯନ୍ତାରେ ପରିଣତ ହୋଇଛି । ଫୁଲନଖରା ଛକରୁ ବଡଝରିଲୋ ଦେଇ ସୁନ୍ଦରଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୧୦ କିଲୋମିଟର ରାସ୍ତାର ଅବସ୍ଥା ଏପରି ଦୟନୀୟ ହୋଇପଡ଼ିଛି ଯେ, ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି । ହେଲେ ପୂର୍ତ୍ତ ବିଭାଗ ଓ ଦାୟିତ୍ୱରେ ଥିବା ଅଧିକାରୀମାନେ ନିରବ ଦର୍ଶକ ସାଜିଥିବାରୁ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ଏହି ରାସ୍ତାର ଦୁର୍ଦ୍ଦଶା ସମ୍ପର୍କରେ ବହୁବାର ବିଭିନ୍ନ ପତ୍ରପତ୍ରିକା ଓ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ଓ ଉଚ୍ଚପଦସ୍ଥ ଅଧିକାରୀମାନେ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରିନାହାନ୍ତି । ରାଜ୍ୟ ସରକାର ପ୍ରତିବର୍ଷ ରାସ୍ତା ନିର୍ମାଣ, ପ୍ରଶସ୍ତୀକରଣ ଓ ମରାମତି ପାଇଁ ପୂର୍ତ୍ତ ବିଭାଗକୁ କୋଟି କୋଟି ଟଙ୍କା ବରାଦ କରୁଥିବା ବେଳେ ଏହି ଗୁରୁତ୍ୱପୂର୍ଣ୍ଣ ମୁଖ୍ୟ ରାଜ୍ୟ ରାଜପଥ ପ୍ରତି ଚରମ ଅବହେଳା କାହିଁକି କରାଯାଉଛି, ତାହା ସାଧାରଣ ଲୋକଙ୍କ ମନରେ ଗଭୀର ସନ୍ଦେହ ସୃଷ୍ଟି କରିଛି । ଲୋକଙ୍କ ଟିକସ ଅର୍ଥରେ ବିଭାଗ ଚାଲୁଥିବା ବେଳେ ଲୋକଙ୍କ ଜୀବନକୁ ବିପଦରେ ପକାଇବା ଭଳି ଅବହେଳା କଦାପି ଗ୍ରହଣଯୋଗ୍ୟ ନୁହେଁ । ବିଶେଷକରି ଫୁଲନଖରା ଛକ, ପଞ୍ଚବଟୀ ବଜାର ପେଟ୍ରୋଲ ପମ୍ପ ନିକଟ, ବ୍ରାହ୍ମଣଝରିଲୋ ଓ ବଡଝରିଲୋ ଅଞ୍ଚଳରେ ରାସ୍ତା ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି । ସାମାନ୍ୟ ବର୍ଷା ହେଲେ ଏହି ଖାଲଗୁଡ଼ିକ ପାଣିରେ ଭରିଯାଇ ରାସ୍ତା ଓ ଗର୍ତ୍ତ ମଧ୍ୟରେ ପାର୍ଥକ୍ୟ କରିବା ଅସମ୍ଭବ ହୋଇପଡୁଛି । ଫଳରେ ଦୁଇଚକିଆ ଓ ଚାରିଚକିଆ ଯାନ ନିୟନ୍ତ୍ରଣ ହରାଇ ଓଲଟି ପଡୁଛି ଏବଂ ପ୍ରତିଦିନ ଦୁର୍ଘଟଣା ଘଟୁଛି । ଅନେକ ଯାତ୍ରୀ ଆହତ ହେଉଥିବା ସେ%୦ ବିଭାଗ ନିଦ୍ରାରେ ଥିବା ପରି ମନେ ହେଉଛି । ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସାଧାରଣ ଲୋକ, ଛାତ୍ରଛାତ୍ରୀ, ଚାକିରିଆ, ବ୍ୟବସାୟୀ, ରୋଗୀବାହୀ ଆମ୍ବୁଲାନ୍ସ ସମେତ ଭାରୀ ଯାନବାହନ ଯାତାୟାତ କରୁଛି । କିନ୍ତୁ ରାସ୍ତାର ଅବସ୍ଥା ଏପରି ହୋଇଛି ଯେ, ପ୍ରତ୍ୟେକ ଯାତ୍ରା ଜୀବନ ସହିତ ଏକ ପ୍ରକାର ଜୁଆ ଖେଳିବା ସଦୃଶ ହୋଇପଡ଼ିଛି । ଯଦି ଆଗାମୀ ଦିନରେ କୌଣସି



ବଡ଼ ଧରଣର ଅଘଟଣ ଘଟେ, ତେବେ ତାହାର ସମ୍ପୂର୍ଣ୍ଣ ଦାୟିତ୍ୱ ପୂର୍ତ୍ତ ବିଭାଗ ଓ ସମ୍ପୃକ୍ତ ଅଧିକାରୀମାନଙ୍କ ଉପରେ ରହିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ଅ ଏହି ପରିପ୍ରେକ୍ଷୀରେ ଅଞ୍ଚଳବାସୀଙ୍କ ପକ୍ଷରୁ ଲଳିତ କୁମାର ଦାଶ, ଇଂ. ସୁଶାନ୍ତ କୁମାର ତ୍ରିପାଠୀ, ସୁରେନ୍ଦ୍ର ଛୋଟରାୟ, ଗଣେଶ ପ୍ରସାଦ ଦାଶ, ଅଶୋକ କୁମାର ରଥ, ଅମିତ କୁମାର ପରିଜା, ବିଜୟ କୁମାର ମହାପାତ୍ର, ଗୁରୁଚରଣ ମହାନ୍ତି, ପ୍ରଣବ କୁମାର ପଟ୍ଟନାୟକ, ଅଜୟ କୁମାର ବେଉରା ପ୍ରମୁଖ ମାନ୍ୟବର ପୂର୍ତ୍ତମନ୍ତ୍ରୀଙ୍କୁ ଏହି ମରଣଯନ୍ତା ପାଲଟିଥିବା ଫୁଲନଖରାନିଆଳି ରାସ୍ତା ପ୍ରତି ତୁରନ୍ତ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଓ ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦୃଢ଼ ଦାବି ଜଣାଇଛନ୍ତି ।

## ଟଙ୍କା, ମୋବାଇଲ ଲୁଟିଥିବା ବଞ୍ଜାରା ଗ୍ୟାଙ୍ଗର ୭ ଗିରଫ

# ୧୧ ମୋବାଇଲ ଓ ଟଙ୍କା ଜବତ

ଭୁବନେଶ୍ୱର, (ସବ୍ୟୁ) : ବଞ୍ଜାରା ଗ୍ୟାଙ୍ଗର ୭ ଜଣଙ୍କୁ କମିଶନରେଟ୍ ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୧ ମୋବାଇଲ ଓ ଟଙ୍କା ପ୍ରଭୃତି ଜବତ ହୋଇଛି । ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣଙ୍କୁ ଗିରଫ କରିଥିବା ବେଳେ ନୟାପଲ୍ଲୀ ଥାନା ପୋଲିସ ୬ ଜଣଙ୍କୁ ଗିରଫ କରିଛି । ୭ ଜଣଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି ।



ଗତ କିଛି ମାସ ହେବ ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ, ଗଞ୍ଜାମ, ଭଦ୍ରକ ଓ ବାଂଲାଦେଶ ସୀମାନ୍ତ ଅଞ୍ଚଳରୁ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ ଭୁବନେଶ୍ୱର ଆସି ସକ୍ରିୟ ରହି ଆମବସ୍ ଓ ଗହଳି ସ୍ଥାନମାନଙ୍କରୁ ଲୁଟପାଟ କରୁଛନ୍ତି । ଗହଳି ସ୍ଥାନରୁ ସୁନା, ଟଙ୍କା ଓ ଆମବସରେ କୃତ୍ରିମ ଗହଳି ସୃଷ୍ଟି କରି ଟଙ୍କା, ସୁନା, ମୋବାଇଲ ପ୍ରଭୃତି ଲୁଟପାଟ କରନ୍ତି ଏହି ଗ୍ୟାଙ୍ଗ । ଏମାନଙ୍କ ସମ୍ପର୍କରେ ଖବର ପାଇ ନୟାପଲ୍ଲୀ ଥାନାର ଏକ ସ୍ୱତନ୍ତ୍ର ଟିମ୍ ଶନିବାର ପାଟ୍ରୋଲିଂ କରିବାକୁ ବାହାରି ଥିଲେ । ସକାଳ ପ୍ରାୟ ୮.୩୦ ସମୟରେ ବିଜୁପଟ୍ଟନାୟକ କଲେଜ ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ୬ ଜଣ ହିନ୍ଦୀ ଓ ତେଲୁଗୁ ଭାଷାରେ କଥା ହେଉଥିବା ମହିଳା ମାଷ୍ଟରକ୍ୟାଣ୍ଟିନ ରେଳ ଷ୍ଟେସନ ଅଭିମୁଖେ ଯିବା ପାଇଁ ଜୟଦେବ ବିହାର ବସଷ୍ଟପ୍‌ରେ ଅଟୋକୁ ଅପେକ୍ଷା କରିଥିଲେ । ସେମାନେ ଲୁଟ ସାମ୍ରଗୀ ଭ୍ୟାନିଟ୍‌ରେ ରଖିଥିବା ପୋଲିସ ସୂଚନା ପାଇଥିଲା । ସୂଚନା ଅନୁଯାୟୀ ପୋଲିସ ସେମାନଙ୍କୁ କାବୁ କରି ନେଇଥିଲା । ଯାଞ୍ଚ କରିବା ବେଳେ ତାଙ୍କ ବ୍ୟାଗରୁ ୧୦ ଟି ଲୁଟ୍ ମୋବାଇଲ ମିଳିଥିଲା । ତାଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେମାନେ ଲୁଟପାଟ ସମ୍ପର୍କରେ କହିଥିଲେ । ଗିରଫ ହୋଇଥିବା ୬ ଜଣ ହେଲେ ରାନୀ ସିଂ (୨୫), ଜ୍ୟୋତିଦେବୀ (୨୧), ଶାନ୍ତି ଓରଫ ଜ୍ୟୋତି ରାଓ (୪୮), ମୀନା ଓରଫ ଗୌରୀ (୪୭), ସୁଶୀଳା (୫୨) ଓ ବଉଳମା (୫୨) । ୬ ଜଣ ବଞ୍ଜାରାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନୟାପଲ୍ଲୀ ଥାନା ସୂତ୍ରରୁ ଖବର ମିଳିଛି ।

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳେଶ୍ରୀ ବିହାର ଜଗନ୍ନାଥ ମନ୍ଦିର ନିକଟରେ ବାହୁଡା ଯାତ୍ରା ହେଉଥିବା ବେଳେ ମହିଳାଙ୍କ ପାଖରେ କୃତ୍ରିମ ଗହଳି ସୃଷ୍ଟି କରି ତାଙ୍କ ବେକରୁ ଚେନ୍ କାଟି ନେଉଥିବା ୩ ଜଣ ବଞ୍ଜାରା ମହିଳାଙ୍କୁ ଲୋକେ ଦେଖିଥିଲେ । ସେ ଦୁଇଟି ଲୁଟ କରିବାପରେ ତୃତୀୟ ଲୁଟ ସମୟରେ ଲୋକମାନେ ଜି. ଭାନୁମଣି ନାମକ ଲୁଟେରା ମହିଳାଙ୍କୁ କାବୁ କରି ନେଇଥିଲେ । ତାଙ୍କୁ ଲୋକମାନେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜିମା ଦେବା ପରେ କୋର୍ଟ ଚାଲାଣ କରାଯାଇଥିବା ଇନ୍ସପେକ୍ଟର କହିଛନ୍ତି । ଗିରଫ ଭାନୁମଣି ଓ ତା'ର ଦୁଇ ସହଯୋଗୀ ଦୁଇଟି ସୁନା ଚେନ୍ ଲୁଟ କରିବାରେ ସମର୍ଥ ହୋଇଥିଲେ । ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଦୁଇ ମହିଳା ସେହି ଲୁଟ ଚେନ୍ ଦୁଇଟିକୁ ନେଇ ଯାଇଥିବା ପୋଲିସ କହିଛି । ତଦନ୍ତ ଜାରି ରହିଥିବାରୁ ଖୁବ୍‌ଶୀଘ୍ର ସେ ଦୁହେଁ ଗିରଫ ହେବେ ବୋଲି ସୂଚନା ମିଳିଛି ।

## ଦେବୀ ନଦୀରୁ ମିଳିଲା ନିଖୋଜ ଯୁବକର ଶବ

କଟକ,(ସବ୍ୟୁ): ମାଛ ଧରିବାକୁ ଯାଇ କାଠଯୋଡିରେ ନିଖୋଜ ହୋଇଯାଇଥିବା ଜଗଦୀଶ ଭୋଇ(୨୪)ଙ୍କର ମୃତଦେହ ୪୮ଘଣ୍ଟା ପରେ ଜଗତସିଂହପୁର ଜିଲା ଆଳି ପିଙ୍ଗଳ ଦେବୀନଦୀର ଏକସୁଧା ଘାଟ ପାଖରୁ ମିଳିଛି । ଶନିବାର ଅପରାହ୍ଣ ସାଢ଼େ ୪ଟା ସମୟରେ ଜଣେ ବ୍ୟକ୍ତି ଘାଟ ନିକଟରେ ଶବ ଭାସୁଥିବା ଦେଖି ସଂଗେ ସଂଗେ ସ୍ଥାନୀୟ ଥାନାରେ ଖବର ଦେଇଥିଲେ । ପୁଲିସ ସେଠାରେ ପହଞ୍ଚି ମିଳିଥିବା ମୃତଦେହ ସଂପର୍କରେ କଟକ ସହିତ ଅନ୍ୟାନ୍ୟ ଜିଲାର ଥାନାକୁ ସୂଚନା ଦେଇଥିଲା । ଏହି ଖବର ପାଇବା ପରେ ୪୨ମୌଜା ଥାନା ପୁଲିସ ସେଠାରେ ପହଞ୍ଚି ଶବ ସହିତ ନିଖୋଜ ଜଗଦୀଶଙ୍କ ଫଟୋ ମେଳ କରିଥିଲା,ହେଲେ ଶବ ଫୁଲିଯାଇଥିବାରୁ ଚିହ୍ନଟ କରିବା କଷ୍ଟକର ହୋଇଥିଲା । ଫଳରେ ସନ୍ଦେହରେ ଜଗଦୀଶଙ୍କ ପରିବାରଲୋକଙ୍କୁ ଖବର ଦିଆଯାଇଥିଲା । ସେମାନେ ଆସି ସେଠାରେ ପହଞ୍ଚିବା ପରେ ତାହା ଜଗଦୀଶଙ୍କର ଶବ ହୋଇଥିବା ନେଇ ଚିହ୍ନଟ କରିଥିଲେ । ଏହାପରେ ପୁଲିସ ଶବକୁ ଜବତକରି ମେଡିକାଲ ପଠାଇଥିଲା । ଆସନ୍ତାକାଲି ବ୍ୟବଚ୍ଛେଦ ପରେ ଶବକୁ ତାଙ୍କ ପରିବାର ଜିମା ଦିଆଯିବ ।

ସୂଚନା ଯୋଗ୍ୟ ଯେ ୪୨ମୌଜା ଥାନା ଅନ୍ତର୍ଗତ ଏରଞ୍ଚ ଗ୍ରାମର ରାଜମିସ୍ତ୍ରୀ କାମ କରୁଥିବା ରବୀନ୍ଦ୍ରନାଥ ଭୋଇଙ୍କ ପୁଅ ଜଗଦୀଶ ଗତ ୨୩ ତାରିଖ ଅପରାହ୍ଣ ୩ଟାରେ ମାଛ ଧରିବା ଲାଗି କାଠଯୋଡି ତହିଲପଡାସ୍ଥିତ ଶିଡୁଆ ଘାଟ ପାଖକୁ ଯାଇଥିଲେ । ସେ ନଦୀକୁ ଲାଗିରହିଥିବା ମାଟିର ଉଚ୍ଚ ସ୍ଥାନରେ ଛିଡା ହୋଇ ମାଛ ଧରିବା ସମୟରେ ହଠାତ ପାଦତଳୁ ଅତଡା ଭୁଶୁଡି ପଡିଥିଲା । ଫଳରେ ମାଟି ଅତଡା ସହିତ ଜଗଦୀଶ ନଦୀକୁ ଖସିପଡିଥିଲେ । ଏପଟେ ପାଣିର ସ୍ରୋତ ଅଧିକ ଥିବାରୁ ସେ ବୁଡିଯାଇ ନିଖୋଜ ହୋଇଯାଇଥିଲେ । ଏତିକି ବେଳେ କିଛି ଦୂରରେ ଛିଡା ହୋଇ ମାଛ ଧରୁଥିବା ଜଣେ ବ୍ୟକ୍ତି ଏହା ଦେଖି ତୁରନ୍ତ ପାଖଆଖର ଲୋକଙ୍କୁ ଜଣାଇଥିଲେ । ଏପଟେ ନିଖୋଜ ଜଗଦୀଶଙ୍କୁ ଠାବ କରିବା ଲାଗି ଦୁଇଦିନ ଧରି ଅଗ୍ନିଶମ ଓ ଓଡ୍ରାଫର ଦୁଇଟି ଟିମ ୪୨ମୌଜା ଶିଡୁଆ ଘାଟ ପାଖରୁ ଆରମ୍ଭ କରି ଜଗତସିଂହପୁର ଜିଲାର ଦଳେଇ ଘାଇ ପର୍ଯ୍ୟନ୍ତ ପାୱାରବୋଟ ଓ ଅନ୍ୟାନ୍ୟ ଉପାୟରେ ତଲାସି କରିଥିଲେ । ଏପଟେ ୪୨ମୌଜା ଥାନା ପୁଲିସ ପକ୍ଷରୁ କନ୍ଦରପୁର, ବିରିବାଟୀ, ବିରିଡି, ଦଳେଇ ଘାଇ ପର୍ଯ୍ୟନ୍ତ ନଦୀ କୂଳିଆ ଅଞ୍ଚଳରେ ଯାଞ୍ଚ କରାଯାଇଥିଲା । ଏପରିକି ସ୍ଥାନୀୟ ଲୋକଙ୍କୁ ନଦୀରେ ଜଣେ ଯୁବକ ଭାସିଯାଉଥିବା ଦେଖିଛନ୍ତି କି ନାହିଁ ସେ ସମ୍ପର୍କରେ ମଧ୍ୟ ପଚରାଉଚରା କରିଥିଲା ।



ଆଗାମୀ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ବିଧାୟକ, ବରିଷ୍ଠ ନେତୃମଣ୍ଡଳୀ ଓ କଳାହାଣ୍ଡି ଜିଲ୍ଲାପରିଷଦ ସଦସ୍ୟମାନଙ୍କ ସହିତ ନବୀନ ନିବାସରେ ଆଲୋଚନା କରୁଛନ୍ତି ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ।

## ସନ୍ଦିଗ୍ଧ ଯୁବକକୁ ପଚରା ଉଚୁରା ପରେ ଛାଡ଼ିଲା ପୁଲିସ

କଟକ,(ସବ୍ୟୁ): ଲିଙ୍କରୋଡ ଅଞ୍ଚଳରୁ ଜଣେ ସନ୍ଦିଗ୍ଧ ଯୁବକଙ୍କୁ ଗିରଫ କରାଯାଇଛି । ବାଂଲାଦେଶୀ ସନ୍ଦେହରେ ତାକୁ ସ୍ଥାନୀୟଲୋକେ ଧରି ବାଦାମବାଡି ଥାନା ଜିମା ଦେଇଥିଲେ । ଯୁବକ ଜଣକ ନିଶାସକ୍ତ ଅବସ୍ଥାରେ ଥିବା ଜଣାପଡିବା ପରେ ପୁଲିସ ତାକୁ ଥାନାରେ ଅଟକ ରଖିଛି । ଶନିବାର ମଧ୍ୟାହ୍ନ ସମୟରେ ଲିଙ୍କରୋଡ ସୂର୍ଯ୍ୟ ବିହାର ଲେନ-୧ ଅଞ୍ଚଳରେ ଜଣେ ଯୁବକ ବୁଲାବୁଲି କରୁଥିଲା । ଦୀର୍ଘ ସମୟ ଧରି ନିର୍ଦ୍ଦିଷ୍ଟ ଗୋଟିଏ ଅଞ୍ଚଳରେ ତାର ଗତିବିଧି ଦେଖି ସ୍ଥାନୀୟ ଲୋକେ ସନ୍ଦେହ କରିଥିଲେ । ତାକୁ ଧରି ପଚରାଉଚରା କରିବାରୁ ସେ କିଛି ଠିକ ଭାବେ କହିପାରିନଥିଲା । ସେ ଯେଉଁ ଭାଷା କହୁଥିଲା ତାକୁ କେହି ବୁଝି ପାରିନଥିଲେ । ତାର ମନିପର୍ସ ଯାଞ୍ଚ କରିବାରୁ ଗୋଟିଏ ଆଧାର କାର୍ଡ ମିଳିଥିଲା । କାର୍ଡରେ ଉକ୍ତ ଯୁବକର ଫଟୋ ଥିଲା ବେଳେ ତାର ନାଁ ସେଖ. ମୀରାଜ ବୋଲି ଲେଖାଥିଲା । ସେହିପରି ପର୍ସରୁ ଭାରତୀୟ ଟଙ୍କା ସହ ତିନିଟି ବାଂଲାଦେଶୀ ନୋଟ ମଧ୍ୟ ମିଳିଥିଲା । ଏଥିରୁ ଯୁବକ ଜଣକ ବାଂଲାଦେଶୀ ବୋଲି ଲୋକେ ଭାବି ନେଇଥିଲେ । କୌଣସି ଅପରାଧୀକ କାର୍ଯ୍ୟକଳାପରେ ସେ ସଂପୃକ୍ତ ଥିବା ସନ୍ଦେହରେ ତୁରନ୍ତ ପୁଲିସକୁ ସୂଚନା ଦିଆଯାଇଥିଲା । ବାଦାମବାଡି ଥାନା ପିସିଆର ମଧ୍ୟ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ନିଜ ହେଫାଜତକୁ ନେଇଥିଲା । ଥାନାରେ ଯାଞ୍ଚପ୍ରକ୍ରିୟା ସହ ପଚରାଉଚରା ପରେ ଯୁବକ ଜଣକ ପ୍ରଚୁର ନିଶାପାନ କରିଥିବା ଜଣାପଡିଥିଲା । ସେ ପଶ୍ଚିମବଙ୍ଗରୁ ଆସି ଶ୍ରମିକ ଭାବେ କାମ କରୁଛି । ନିଶାସକ୍ତ ଅବସ୍ଥାରେ ଥିବାରୁ ବାଟ ଜାଣିନପାରି ସୂର୍ଯ୍ୟ ବିହାର ଅଞ୍ଚଳରେ ବୁଲାବୁଲି କରୁଥିଲା ବୋଲି ଜଣାପଡିଥିଲା । ଉକ୍ତ ଯୁବକର ସବିଶେଷ ତଥ୍ୟ ରଖି ପୋଲିସ ତାକୁ ଛାଡି ଦେଇଥିବା ଥାନା ପକ୍ଷରୁ ସୂଚନା ମିଳିଛି ।

## ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମହମବତୀ ପଦଯାତ୍ରା ଓ ସତ୍ୟାଗ୍ରହ

ଭୁବନେଶ୍ୱର,(ସବ୍ୟୁ): କେନ୍ଦ୍ର ସରକାରଙ୍କ ଶିକ୍ଷା ନୀତି ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି । ଶିକ୍ଷା କ୍ଷେତ୍ରରେ ବିଫଳତା ଓ ପରୀକ୍ଷା ପରିଚାଳନାରେ ଅନିୟମିତତା କାରଣରୁ ଲକ୍ଷ ଲକ୍ଷ ଯୁବକ ଓ ଛାତ୍ର ମାନଙ୍କର ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି । କଂଗ୍ରେସ ଦଳ ସର୍ବଦା ଯୁବ ଛାତ୍ର ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଲଢ଼େଇ କରିଆସିଛି । ପ୍ରତିବାଦ କାରଣରୁ କଂଗ୍ରେସ ନେତୃବୃନ୍ଦ ମାନଙ୍କୁ ଅମାନବୀୟ ଆକ୍ରମଣର ଶିକାର ହେବାକୁ ପଡ଼ିଛି । ବିଫଳତା ପ୍ରତିବାଦରେ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କ ନିର୍ଦ୍ଦେଶକ୍ରମେ ଶନିବାର ସଂଧ୍ୟାରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶାନ୍ତିପୂର୍ଣ୍ଣ ମହମବତୀ ପଦଯାତ୍ରା ଓ ସତ୍ୟାଗ୍ରହ ଜିଲ୍ଲା ସଭାପତି ପ୍ରକାଶଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରା କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକରେ ନୀରବ ସତ୍ୟାଗ୍ରହ ଓ ଧାରଣା ପ୍ରଦର୍ଶନ କରାଯାଇଥିଲା । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଯୁବକ ଓ ଛାତ୍ରମାନଙ୍କ ଯେତେ ପର୍ଯ୍ୟନ୍ତ ନ୍ୟାୟ ମିଳିବା ସହ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଭାରତ ବର୍ଷର ସମସ୍ତ ଯୁବ ଛାତ୍ରମାନଙ୍କୁ କ୍ଷମା ମାଗିବା ସହ ତୁରନ୍ତ ସେମାନେ ତାଙ୍କ ପଦରୁ ଇସ୍ତଫା ଦିଅନ୍ତୁ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଅରବିନ୍ଦ ଦାସ, କିଶୋର ଜେନା, ମନୋରଞ୍ଜନ ଦାସ, ସତ୍ୟବ୍ରତ ନାୟକ, ପ୍ରସନ୍ନ ଚମ୍ପତି, ପ୍ରକାଶ ମିଶ୍ର, ଉଦିତ ପ୍ରଧାନ, ଅଶୋକ ଦାସ, ମିହିର ଆଚାର୍ଯ୍ୟ, ଜୟକୃଷ୍ଣ ସୁବୁଧି, ସୁବ୍ରତ ମହାପାତ୍ର, ଶ୍ରୀୟା ମହାନ୍ତି, ଶ୍ରୀୟା ପଣ୍ଡା, ରାଜ କିଶୋର ବାରିକ, ସୂର୍ଯ୍ୟକାନ୍ତ ଜେନା, ଦେବାଶିଷ ରାଉତ, ନାରାୟଣ ଜେନା ପ୍ରମୁଖ କଂଗ୍ରେସ ନେତୃବୃନ୍ଦ ସତ୍ୟାଗ୍ରହରେ ସାମିଲ ଥିଲେ ।



## ବିଦେଶ ଭ୍ରମଣ ପ୍ରତିଶ୍ରୁତିରେ ୧ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବିଦେଶ ଭ୍ରମଣ ପ୍ରତିଶ୍ରୁତିରେ ୧ ଲକ୍ଷ ଟଙ୍କା ଠକି ନେଇଥିବା ଟ୍ରାଭେଲ ଏଜେନ୍ସି ମାଲିକ କୈଳାସ ଚନ୍ଦ୍ର ବାଲା (୫୩)କୁ ଗିରଫ କରିଛି ଇନ୍ଫୋସିଟି ଥାନା ପୋଲିସ । ଅଭିଯୋଗକାରୀ ପ୍ରଦୀପ କୁମାର ରଥଙ୍କ ପରିବାର ପଟିଆ ଅଞ୍ଚଳରେ ରୁହନ୍ତି । ଅଭିଯୁକ୍ତ କୈଳାସ ସେହି ଅଞ୍ଚଳରେ ଥିବା ବିନ୍ଦାସ ଟୁର୍ ଆଣ୍ଡ ଟ୍ରାଭେଲ ଏଜେନ୍ସି ମାଲିକ । ଅଭିଯୋଗକାରୀ ପ୍ରଦୀପ କୁମାରଙ୍କ ପରିଚୟ ହେବା ପରେ ସିଙ୍ଗାପୁର ଓ ମାଲେସିଆ ବୁଲି ଯିବା ପାଇଁ ଅଭିଯୁକ୍ତ ତାଙ୍କୁ ପ୍ରଭାବିତ କରିଥିଲା । ଅଭିଯୁକ୍ତ କଥାରେ ପ୍ରଭାବିତ ହୋଇ ଦେଢ ଲକ୍ଷ ଟଙ୍କା ଅଭିଯୋଗକାରୀ ଦେଇଥିଲେ । କିଛି ଦିନ ପରେ ଅଭିଯୁକ୍ତ କୈଳାସ ଅଭିଯୋଗକାରୀ ପ୍ରଦୀପଙ୍କୁ କହିଥିଲା ଯେ, ଇସ୍ରାଏଲ -ଇରାନ ସଂଗଠନ ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି କାରଣରୁ ଟୁର୍ ବାତିଲ ହୋଇଯାଇଛି । ଏହା ଶୁଣିବା ପରେ ପ୍ରଦୀପ କୁମାର ଟଙ୍କା ଫେରସ୍ତ ମାଗିଥିଲେ । ଅଭିଯୁକ୍ତ ୫୨,୧୦୦ ଟଙ୍କା ଫେରସ୍ତ କରିଥିଲେ । ଆର୍ଥିକ ସମସ୍ୟା ଥିବା କହି ଅବଶିଷ୍ଟ ଟଙ୍କା ଦେଇନଥିଲେ । କେବଳ ପ୍ରଦୀପ କୁମାର ନୁହଁନ୍ତି ତାଙ୍କୁ ଟଙ୍କା ଦେଇଥିବା ଅନ୍ୟମାନେ ଟଙ୍କା ଫେରସ୍ତ ମାଗୁଥିବାରୁ ସେ ଫେରାର ହୋଇଯାଇଥିଲେ ।

### ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ୬୫୦ତମ ଜୟନ୍ତୀ ବର୍ଷ ଉପଲକ୍ଷେ

## ୨୯ ଜୁଲାଇରୁ ୨୦ ଫେବୃଆରୀ ପର୍ଯ୍ୟନ୍ତ "ସମରସ ସଂକଳ୍ପ ଅଭିଯାନ"ର ପ୍ରଦେଶ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଆଧ୍ୟାତ୍ମିକବାଦୀ କବି ସନ୍ଥ ଶିରୋମଣି ଗୁରୁ ରବି ଦାସ ୧୫ରୁ ୧୬ତମ ଶତାବ୍ଦୀର ଜାତିଭେଦ ଭାବ ମୁକ୍ତ ସମାଜର ପ୍ରତୀକ ଥିଲେ। ଆଧ୍ୟାତ୍ମିକ ଏବଂ ଭକ୍ତି ମାର୍ଗରେ ଚାଲିବା ସମୟରେ ସନ୍ଥ ରବି ଦାସ କର୍ମ ଉପରେ ଗୁରୁତ୍ୱ ଦେଉଥିଲେ। ସେ ଜଣେ ମହାନ ସନ୍ଥ ଓ କବି ହେବା ସହ ସମାଜ ସଂସ୍କାରକ ଏବଂ ଭଗବାନଙ୍କ ଅନୁଗାମୀ ଥିଲେ। ସନ୍ଥ ଶିରୋମଣି ଗୁରୁ ରବିଦାସ ମହାରାଜଙ୍କ ୬୫୦ତମ ଜୟନ୍ତୀ ବର୍ଷ ଆସନ୍ତା ୨୯ ଜୁଲାଇ ୨୦୨୬ (ଗୁରୁ ପୂର୍ଣ୍ଣିମା) ଠାରୁ ୨୦ ଫେବୃଆରୀ ୨୦୨୭ (ଶ୍ରୀ ଗୁରୁ ରବିଦାସ ମହାରାଜ ଜୟନ୍ତୀ) ପର୍ଯ୍ୟନ୍ତ ଗୁରୁ ରବିଦାସ ମହାରାଜ ସମରସ ସଂକଳ୍ପ ଅଭିଯାନ' ଦେଶବ୍ୟାପୀ ପାଳନ କରାଯିବ। ଏନେଇ ଆଜି ରାଜ୍ୟ କାର୍ଯ୍ୟାଳୟରେ 'ସମରସ ସଂକଳ୍ପ ଅଭିଯାନ'ର ପ୍ରଦେଶସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସନ୍ଥ ରବି ଦାସଙ୍କ ଜନ୍ମ ଜୟନ୍ତୀ ଅବସରରେ ତାଙ୍କ ଭାବନା ଓ ସେ ଦେଇଥିବା ମାର୍ଗଦର୍ଶନ କିପରିଭାବେ ସମସ୍ତଙ୍କ ପାଖରେ ପହଞ୍ଚିବ ସେନେଇ କର୍ମଶାଳାରେ ରୂପରେଖ ପ୍ରସ୍ତୁତ ହେବା ସହ ବିସ୍ତୃତ ଆଲୋଚନା ହୋଇଥିଲା।

ଗୁରୁ ରବିଦାସଜୀଙ୍କ ଜନ୍ମସ୍ଥଳୀ କାଶୀରୁ ଏହି ଅଭିଯାନର ଶୁଭାରମ୍ଭ ହେବ। ତାଙ୍କ ଜନ୍ମସ୍ଥଳୀରୁ କଳସରେ ମାଟି ଆଣି ଦେଶର ବିଭିନ୍ନ ରାଜ୍ୟକୁ ନିଆଯିବ। ସେହି ମାଟିକୁ ବିଭିନ୍ନ କଳସରେ ଭରି ରାଜ୍ୟର ସବୁ ମଣ୍ଡଳକୁ ନିଆଯିବ। ଏହି ଅଭିଯାନ ଅଧୀନରେ ବିଭିନ୍ନ ଧାର୍ମିକ, ସାମାଜିକ, ସାଂସ୍କୃତିକ ଏବଂ ଜନସମ୍ପର୍କମୂଳକ କାର୍ଯ୍ୟକ୍ରମ କରାଯିବ। ଏଥିରେ ବହୁ ସଂଖ୍ୟାରେ ସାଧୁସନ୍ଥମାନେ ସାମିଲ ହେବେ। ରାଜ୍ୟ ସଭାପତି ତଥା ରାଜ୍ୟ ସଭା ସାଂସଦ ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ କେନ୍ଦ୍ରୀୟ କମିଟିର ସଂଯୋଜକ ତଥା ପୂର୍ବତନ ସାଂସଦ ଶ୍ରୀମତୀ ସୁନିତା ଦୁଗଲ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ମୁକେଶ ମହାଲିଙ୍ଗ, ଯାଜପୁର ସାଂସଦ ରବିନାରାୟଣ ବେହେରା, ବିଧାୟକ ରଘୁନାଥ ଜଗଦଲା, ଅଗସ୍ତି ବେହେରା, ରାଜ୍ୟ ସାଧାରଣ ସଂପାଦକ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ସଂପାଦକ ସରୋଜ କର, ରାଜ୍ୟ ଟୋଲି, ଜିଲ୍ଲା ସଭାପତି ଓ ଜିଲ୍ଲା ଟୋଲିର ସଦସ୍ୟମାନେ ଯୋଗଦେଇଥିଲେ।




### ଐତିହାସିକ ସଂସ୍କାର ମାଧ୍ୟମରେ ଶିଳ୍ପାୟନକୁ ନୂଆ ଗତି

## ବ୍ୟବସାୟ କରିବାର ସୁଗମତା ବୃଦ୍ଧି ଦିଗରେ ଇଡ୍‌କୋ ର ବଡ଼ ପଦକ୍ଷେପ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ଶିଳ୍ପାୟନକୁ ଅଧିକ ଗତିଶୀଳ କରିବା ଏବଂ ବ୍ୟବସାୟ କରିବାର ସୁଗମତାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ପକ୍ଷରୁ ଅଧ୍ୟକ୍ଷା ତଥା ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଶିଳ୍ପ ହିତାଧିକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଇଡ୍‌କୋ ପରିସରରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ବିଭିନ୍ନ ପ୍ରମୁଖ ଶିଳ୍ପ ସଂଗଠନ, ବାଣିଜ୍ୟ ମଣ୍ଡଳ, ଏମ୍‌ଏସ୍‌ଏମ୍‌ଇ ସଂଗଠନ ଏବଂ ଆଞ୍ଚଳିକ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇ ଶିଳ୍ପ ଭିତ୍ତିଭୂମି, ଜମି ଆବଣ୍ଟନ, ବିଦ୍ୟୁତ, ଜଳଯୋଗାଣ, ଲଜିଷ୍ଟିକ୍ସ ଏବଂ ବିଭିନ୍ନ ନିୟାମକ ପ୍ରକ୍ରିୟାର ସରଳୀକରଣ ଉପରେ ଆଲୋଚନା କରିଥିଲେ । ଶିଳ୍ପ ସଂସ୍ଥାମାନେ ସେମାନଙ୍କର ବିଭିନ୍ନ ସମସ୍ୟା ଓ ପ୍ରସ୍ତାବ ମଧ୍ୟ ଉପସ୍ଥାପନ କରିଥିଲେ ।

ଏହି ଅବସରରେ ଶ୍ରୀମତୀ ପାଢ଼ୀ କହିଥିଲେ ଯେ, ଶିଳ୍ପ ସଂସ୍ଥାମାନଙ୍କ ସହ ନିୟମିତ ଆଲୋଚନା , ସ୍ୱଚ୍ଛ ପ୍ରଶାସନ ଏବଂ ଦ୍ରୁତ ସମସ୍ୟା ସମାଧାନ ହିଁ ଇଡିକୋର ପ୍ରମୁଖ ପ୍ରାଥମିକତା । ଏହା ମାଧ୍ୟମରେ ରାଜ୍ୟରେ ଅଧିକ ନିବେଶ ଆକର୍ଷଣ ସହ ଏକ ପ୍ରତିଯୋଗିତାମୂଳକ ଶିଳ୍ପ ପରିବେଶ ସୃଷ୍ଟି ହେବ । ଗତ ଦୁଇ ବର୍ଷ ମଧ୍ୟରେ ଇଡିକୋ ପ୍ରାୟ ୬ ହଜାର ଏକର ଜମିକୁ ଶିଳ୍ପ ଭୂମି ବ୍ୟାଙ୍କରେ ସାମିଲ କରିଥିବା ବେଳେ ୬,୦୨୭ ଏକର ଜମି ବୃହତ୍ ଓ ମଧ୍ୟମ ଶିଳ୍ପ ପାଇଁ ହସ୍ତାନ୍ତର କରିଛି । ଏହାସହ ୯୩ଟି ବୃହତ୍ ଶିଳ୍ପ ପ୍ରକଳ୍ପକୁ ଜମି ଆବଣ୍ଟନ କରାଯାଇଛି । ରାଜ୍ୟରେ ୩୦ଟି ମଲ୍ଟି-ପ୍ରଡକ୍ଟ ଏମ୍‌ଏସ୍‌ଏମ୍‌ଇ ଷପାର୍କ ସହ ଇଲେକ୍ଟ୍ରୋନିକ୍ସ, ବୟନ, ପ୍ଲାଷ୍ଟିକ୍, ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଆଲୁମିନିୟମ୍ ଭିତ୍ତିକ ଶିଳ୍ପ ପାଇଁ ସ୍ୱତନ୍ତ୍ର ପାର୍କ ଗଢ଼ି ଉଠିଛି । ଶିଳ୍ପ ସଂଗଠନମାନଙ୍କୁ ନିର୍ଦ୍ଦିଷ୍ଟ ମାନର ଭବନ ନକ୍ସା ପୂର୍ବରୁ ଅନୁମୋଦନ ପାଇଁ ଦାଖଲ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ମର୍ଗେଜ୍ ଏନ୍‌ଓସି ପ୍ରକ୍ରିୟାକୁ ସ୍ୱୟଂଚାଳିତ କରାଯାଉଥିବା ବେଳେ ଶିଳ୍ପ ଭୂମି ବ୍ୟାଙ୍କର ସମସ୍ତ ତଥ୍ୟ ସହ ଏକ ସାର୍ବଜନିକ ଡିଜିଟାଲ୍ ପୋର୍ଟାଲ୍ ପ୍ରସ୍ତୁତ କରାଯାଉଛି । ଜମି ଆବଣ୍ଟନ ଅନୁମୋଦନ ପରେ ଏକ ମାସ ମଧ୍ୟରେ ଲିଜ୍ ଓ ଦଖଲ ପ୍ରଦାନ ସମ୍ପୂର୍ଣ୍ଣ କରିବାକୁ ଇଡିକୋ ଲକ୍ଷ୍ୟ ଧାର୍ଯ୍ୟ କରିଛି ।

ବୈଠକରେ ଶିଳ୍ପାଞ୍ଚଳରେ ଜଳଯୋଗାଣ, ବିଦ୍ୟୁତ, ଡ୍ରେନେଜ୍, ଯାତାୟାତ, ପାର୍କିଂ ଏବଂ ସୁରକ୍ଷା ଭଳି ବିଭିନ୍ନ ପ୍ରସଙ୍ଗ ମଧ୍ୟ ଆଲୋଚନା ହୋଇଥିଲା । ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଜଳଯୋଗାଣ ସ୍ୱାଭାବିକ ହୋଇଥିବା ବେଳେ ଇନ୍‌ଫୋସିଟିରେ ବହୁସ୍ତରୀୟ ପାର୍କିଂ ପ୍ରକଳ୍ପ ଏବଂ ସାତଟି ପ୍ରମୁଖ ଶିଳ୍ପାଞ୍ଚଳରେ ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟରେ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ଚାଲିଥିବା ସୂଚନା ଦିଆଯାଇଥିଲା । ଏହି ବୈଠକରେ ୟୁସିସିଆଇ, ସିଆଇଆଇ, ଫିକି, ଆସୋଚାମ୍, ଆଇସିସି, ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର ଭୁବନେଶ୍ୱର, ଫିଓ, ନାସକମ୍ ସମେତ ବିଭିନ୍ନ ଶିଳ୍ପ ଓ ବାଣିଜ୍ୟ ସଂଗଠନର ପ୍ରତିନିଧିମାନେ ଯୋଗଦେଇଥିଲେ ।



## ବିଶିଷ୍ଟ ସାହିତ୍ୟିକ ଶ୍ରୀଚରଣ ମହାନ୍ତିଙ୍କ ଦେହାନ୍ତ

ଭୁବନେଶ୍ୱର,( ସବ୍ୟୁ )-ବିଶିଷ୍ଟ ସାହିତ୍ୟିକ ତଥା ସମାଲୋଚକ ପୂର୍ବତନ ପ୍ରାଧ୍ୟାପକ ଡ଼ଃ ଶ୍ରୀଚରଣ ମହାନ୍ତିଙ୍କ ଗତ ୨୨ ତାରିକ ରାତିରେ ଭୁବନେଶ୍ୱରରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ କନ୍ୟା କୁମାରିକା ଓ ଗଙ୍ଗୋତ୍ରୀ,ଜାମାତାମାନେ ଓ ନାତିନାତୁଣୀ ମାନେ ଉପସ୍ଥିତ ଥିଲେ। ତାଙ୍କ ପତ୍ନୀ ନମିତାରାଣୀ ମହାନ୍ତିଙ୍କର ବୁହୁବର୍ଷ ପୂର୍ବେ ଦେହାନ୍ତ ହୋଇଥିଲା। ସେ କଟକ ଯେକେବିକେ କଲେଜ ଓ ରାଉରକେଲା ସରକାରୀ କଲେଜରେ ଓଡ଼ିଆ ବିଭାଗରେ ପ୍ରାଧ୍ୟାପକ ଥିଲେ।ସେ କବି ମାୟାଧର ମାନସିଂ ଙ୍କ ତ୍ୟ ଉପରେ ଗବେଷଣା କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ . ପି ଏଚ ଡି ଡିଗ୍ରୀ ପାଇଥିଲେ। ତାଙ୍କ ବିୟୋଗରେ ସାହିତ୍ୟିକ ,ଅଧ୍ୟାପକ ଓ ଛାତ୍ରଛାତ୍ରୀ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। 'ସମୟ 'ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଗଭୀର ଶୋକ ପ୍ରକାଶ କରି 'ଜଣେ ନିଷ୍ଠାପର ସାହିତ୍ୟିକ ବନ୍ଧୁଙ୍କୁ ହରାଇ ମୁଁ ମର୍ମାହତ 'ବୋଲି ଏକ ଶୋକ ବାର୍ତ୍ତା ରେ ପ୍ରକାଶ କରିଛନ୍ତି।

## ଅଜଣା ଗାଡି ଧକ୍କାରେ ଯୁବକ ମୃତ

ଠାକୁରମୁଣ୍ଡା ,(ସବ୍ୟୁ): ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇ ଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇ କଟକ ସ୍ଥାନାନ୍ତର ହୋଇଛି । ଶୁକ୍ରବାର ରାତି ପ୍ରାୟ ସାଢ଼େ୮ ଟାରେ ଠାକୁରମୁଣ୍ଡା ଥାନାଅନ୍ତର୍ଗତ ପଡିଆବେଡା ଗ୍ରାମ ପଞ୍ଚାୟତ ବୋରିଂ ଗ୍ରାମ ର ଲିପୁନ କୁମାର ନାଏକ (୨୦) କୃଷ୍ଣ ଶଙ୍ଖୁଆଳ (୨୦) ନିଜ ଘରୁ୍ୟାମା ୧୫ଓଡି ୦୫ଏଏଲ ୪୨୫୯ ବାଇକ ଧରି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ କୁଳିମାଟି ମାମୁଁଘର ଯାଉଥିଲେ । ଠାକୁରମୁଣ୍ଡାରୁ ୨୦ କିମି ଦୂର ସାତକୋଶିଆ ଘୋଡା ଘାଟି ଅତିକ୍ରମ କରୁଥିବା ବେଳେ ସାମ୍ନାରୁ ଦୃତ ଗତିରେ ଏକ ଅଜଣା ଗାଡି ଧକ୍କାଦେଇ ଫେରାର ହୋଇ ଯାଇଥିଲା ।

### କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ବିଦା କଲେ ଛାତ୍ରଛାତ୍ରୀ : ଭକ୍ତ

## 'ନିତ୍ୟାନନ୍ଦଙ୍କୁ ବିଦା ନ କଲେ ଆନ୍ଦୋଳନ', 'ଡିସିସିର କ୍ୟାଣ୍ଡଲ ଶୋଭାଯାତ୍ରା'

ଭୁ ବ ନେ ଶ୍ୱ ର , ( ସ ବ୍ୟୁ ) : ଦେଶର ଛାତ୍ରସମାଜର ନ୍ୟାୟୋଚିତ ଆନ୍ଦୋଳନ, ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ କଂଗ୍ରେସ ଦଳର ଦେଶବ୍ୟାପୀ ବିକ୍ଷୋଭ ଯୋଗୁଁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପ୍ରଦାନ ଗଣତନ୍ତ୍ରର ବିଜୟ । ତେବେ ଏହା ପ୍ରକୃତରେ ଇସ୍ତଫା ନୁହେଁ, ଦେଶର ଅଗଣିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ତାଙ୍କର ବହିଷ୍କାର । ଏହା ଆରମ୍ଭ ମାତ୍ର । ଦେଶର ଶିକ୍ଷାବବ୍ୟସ୍ଥାର ଗୈରୀକରଣ ନାମରେ ଦେଶର ଯୁବସମାଜର ଗରୀବକରଣ କରାଇ ମୋଦୀ ସରକାର ଯେଉଁ ପାପ କରିଛନ୍ତି, ତା'ର ପ୍ରାୟଶ୍ଚିତ ନ କଲେ ଦେଶର ଯୁବଛାତ୍ର ସମାଜ ତଥା କଂଗ୍ରେସ ଦଳ ଅଟକିବ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଶନିବାର ଅପରାହ@ରେ ସାମ୍ବାଦିକମାନଙ୍କୁ କହିଛନ୍ତି ।

ଶ୍ରୀ ଦାସ କହିଥିଲେ, ନିଟ୍-ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ୨୪ ଜଣ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟାକୁ ନେଇ ଦେଶର ପ୍ରଧାନମନ୍ତ୍ରୀ ଅନୁତପ୍ତ କରିନାହାନ୍ତି କି ଯନ୍ତରମନ୍ତରଠାରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ଦମନଲୀଳା କରିଥିବା ପୁଲିସ ଅଧିକାରୀ ଓ କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି । ଦେଶର ଶିକ୍ଷାବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ାଇ ଦେଇଥିଲେ ମଧ୍ୟ ତା'ର ନିରାକରଣ ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି । ତେଣୁ କେବଳ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫାରେ କଂଗ୍ରେସ ଦଳର ଆନ୍ଦୋଳନ ବନ୍ଦ ହେବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି । ଅନ୍ୟ ପକ୍ଷରେ ଓଡ଼ିଶାର ସ୍କୁଲ୍ ପାଠ୍ୟପୁସ୍ତକରେ ୨୨ ଶହରୁ ଅଧିକ ଭୁଲ୍ କରି ରାଜ୍ୟର ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସରକାର ଅନ୍ଧକାର ମଧ୍ୟକୁ ଠେଲିଦେଇଥିଲେ ହେଁ ଗଣଶିକ୍ଷାମନ୍ତ୍ରୀ ଇସ୍ତଫା ସୁଦ୍ଧା ଦେଇନାହାନ୍ତି । ଯେ ପର୍ଯ୍ୟନ୍ତ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦେଇନାହାନ୍ତି ସେ ଯାଏ ରାଜ୍ୟରେ କଂଗ୍ରେସ ଆହୁରି ଜୋରଦାର ଆନ୍ଦୋଳନ କରିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି । କଂଗ୍ରେସ ଦଳ କେବଳ ମନ୍ତ୍ରୀଙ୍କ ଇସ୍ତଫା ଦାବି ନୁହେଁ, ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ସଂସ୍କାରିତ କରିବା ପାଇଁ ଆନ୍ଦୋଳନ କରିଚାଲିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାହୁଡାଯାତ୍ରାରେ ଦୁଇଲକ୍ଷ ଭକ୍ତଙ୍କ ସମାଗମ

## ୪ ଥର ଛିଣ୍ଡିଲା ରଥ ଦଉଡି, ବିଳମ୍ବରେ ପହଞ୍ଚିଲା ଜଗନ୍ନାଥଙ୍କ ରଥ



ବାରିପଦା, (ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ଖ୍ୟାତ ବାରିପଦାର ଶ୍ରୀଶ୍ରୀ ହରିବଳଦେବଜୀଉଙ୍କ ବାହୁଡାଯାତ୍ରାର ପ୍ରଥମ ଦିନରେ ପ୍ରବଳ ବର୍ଷା ସର୍ତ୍ତେ ଦୁଇଲକ୍ଷ ଭକ୍ତଙ୍କ ସମାଗମରେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିବା ବେଳେ ଦେବୀ ଶୁଭଦ୍ରାଙ୍କ ଦର୍ପଦଳନ ରଥ ଟାଉନଥାନା ନିକଟରେ ପହଞ୍ଚିଛି । ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ବେଳେ ଚାରିଥର ଦଉଡି ଛିଣ୍ଡିଯିବାରୁ ବିଳମ୍ବରେ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲା। ସେହିପରି ଦେବୀ ଶୁଭଦ୍ରାଙ୍କ ରଥ ମଧ୍ୟ ଟାଉନ ଥାନା ନିକଟରେ ସନ୍ଧ୍ୟା ସମୟରେ ପହଞ୍ଚିଥିଲା। ବାହୁଡାଯାତ୍ରାର ପ୍ରଥମଦିନରେ ସକାଳୁ ସକାଳୁ ବଡଦାଣ୍ଡକୁ ଭକ୍ତଙ୍କ ସୁଅ ଛୁଟିଥିଲା। ପ୍ରଥମେ ଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥରେ ତାରାକଟା ଓ ଘୋଡାଲାଗି ନୀତି ଶେଷ ହେବାପରେ ସାରଥୀ ଠାକୁରଙ୍କୁ ପ୍ରଣାମ କରି ଆଜ୍ଞାମାଳ ମାଗିଥିଲେ। ଖୋଳ, କୀର୍ତ୍ତନ, ହରିବୋଲ, ବାଦ୍ୟଶଙ୍ଖ ଓ ହୁଳୁହୁଳି ଧ୍ୱନୀରେ ଭକ୍ତମାନେ ଭାବବିହ୍ୱଳ ହୋଇ ଜଗନ୍ନାଥ ରଥକୁ ଟାଣିଥିଲେ । ମାତ୍ର ବର୍ଷା ସର୍ତ୍ତେ ଭଗବାନ ଓ ଭକ୍ତଙ୍କ ମଧ୍ୟରେ କୌଣସି ଦୂରତା ହୋଇପାରିନଥିଲା । ବର୍ଷାରେ ମହିଳା ଭକ୍ତମାନେ ଭିଜିଭିଜି ଦେବୀ ଶୁଭଦ୍ରାଙ୍କ ଦର୍ପଦଳନ ରଥକୁ ଟାଣିଟାଣି ଆଣି ଟାଉନ ଥାନା ନିକଟରେ ପହଞ୍ଚାଇଥିଲେ । ଆଜିର ରଥଟଣାରେ ରାଜ୍ୟ ଗୃହନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲ୍ଲାପାଳ ହେମକାନ୍ତ ସାୟ, ଏସପି ବରୁଣ ଗୁଣ୍ଟୁପାଲ୍ଲୀ ଓ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ଏସଡିସି ପୂର୍ବତନ ଅଧ୍ୟକ୍ଷ ଡାଃ ଦେବାଶିଷ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ରଥ ଉପରୁ ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଭାଗବତ ପଣ୍ଡା ଧାରାବିବରଣୀ ପ୍ରଦାନ କରିଥିଲେ। ରବିବାର ବାହୁଡାଯାତ୍ରାର ଶେଷଦିନରେ ଟାଉନଥାନା ନିକଟରେ ଅଟକିଥିବା ଦେବୀଶୁଭଦ୍ରାଙ୍କ ଦର୍ପଦଳନ ରଥକୁ ମହିଳାମାନେ ଟାଣିଟାଣି ନେଇ ଶ୍ରୀମନ୍ଦିରରେ ପହଞ୍ଚାଇବା ପରେ ଶେଷରେ ପ୍ରଭୁ ବଳରାମଙ୍କ ତାଳଧ୍ୱଜ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଦ୍ୱିତୀୟ ଶ୍ରୀକ୍ଷେତ୍ର ପରମ୍ପରା ଅନୁଯାୟୀ ରବିବାର ଦେବୀ ଶୁଭଦ୍ରାଙ୍କ ରଥଟଣା ପୂର୍ବରୁ ମହିଳା ଭକ୍ତଙ୍କ ଉଦ୍ଦେଶ୍ୟରେ ପ୍ରସିଦ୍ଧ ଗୁଡଲଡୁ ଫିଙ୍ଗାଯିବ, ସେହିପରି ବଳଭଦ୍ରଙ୍କ ରଥ ଶ୍ରୀମନ୍ଦିରରେ ପହଞ୍ଚିବା ପରେ ପ୍ରସିଦ୍ଧ ଗୁଡଲଡୁ ଭକ୍ତଙ୍କ ଉଦ୍ଦେଶ୍ୟରେ ରଥ ଉପରୁ ଫିଙ୍ଗାଯିବ । ଶନିବାର ସନ୍ଧ୍ୟାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଭକ୍ତମାନେ ରଥ ଉପରେ ମହାପ୍ରଭୁଙ୍କୁ ରୂପାବେଶରେ ଦର୍ଶନ କରିଥିଲେ ।

# ବର୍ଷା ପାଇଁ ସମୁଦ୍ର ଅଶାନ୍ତ, ମତ୍ସ୍ୟଜୀବୀଙ୍କୁ ୩ ଦିନ ସମୁଦ୍ର ମନା



ଛତ୍ରପୁର, (ସବ୍ୟୁ) : ଲଘୁଚାପ କ୍ଷେତ୍ରର ପ୍ରଭାବରେ ରାଜ୍ୟରେ ବ୍ୟାପକ ବର୍ଷା ହେବ । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଏବଂ କେତେକ ସ୍ଥାନରେ ଅତ୍ୟଧିକ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ପବନର ବେଗ ମଧ୍ୟ ଅଧିକ ରହିବ ଫଳରେ ସମୁଦ୍ର ଅଶାନ୍ତ ରହିବ । ଏଥିପାଇଁ ମତ୍ସ୍ୟଜୀବୀମାନଙ୍କୁ ୨୫ ରୁ ୨୭ ଏହି ତିନି ଦିନ ପ୍ରଯ୍ୟନ୍ତ ସମୁଦ୍ର ନଯିବାକୁ ବାରଣ କରାଯାଇଛି ।

ଏସଆରସିଙ୍କ ନିଦେଶ କ୍ରମେ ଗଞ୍ଜାମ ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ ସାଗର ମିତ୍ରମାନଙ୍କ ଜରିଆରେ ମତ୍ସ୍ୟଜୀବୀମାନଙ୍କୁ ସଚେତନତା କରାଯାଉଛି । ମାଇକ ଯୋଗେ ସଚେତନତା କରାଯାଉଛି । ସମୁଦ୍ର ଅଶାନ୍ତ ରହିବ ତେଣୁ ମତ୍ସ୍ୟଜୀବୀ ମାନେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ମାଛ ଧରିବାକୁ ଯିବାକୁ ବାରଣ କରିବା ସହ ଯେଉଁ ମାନେ ସମୁଦ୍ର ଭିତରକୁ ଯାଇଛନ୍ତି । ଫେରି ଆସିବାକୁ ସାଗର ମିତ୍ର ଜରିଆରେ କୁହାଯାଇଛି । ଏପରିକି ନିଜର ଡ଼ଙ୍ଗା ଓ ଜାଲକୁ ସୁରକ୍ଷିତ ସ୍ଥାନରେ ରଖିବାକୁ କୁହାଯାଇଛି ।

ସମୁଦ୍ର ଅଶାନ୍ତ ରହିବା ସହ ବଡ଼ବଡ଼ ଲହଡ଼ି ଆସିବ। ଗଞ୍ଜାମ ଜିଲ୍ଲାରେ ୨୭ ଖଣ୍ଡ ମତ୍ସ୍ୟଜୀବୀ ଗାଁ ରହିଛି । ପାଟି ସୋନପୁର ଠାରୁ ପ୍ରୟାଗ ପ୍ରର୍ଯ୍ୟନ୍ତ ଦୈନିକ ସେମାନଙ୍କ ଜୀବିକା କହିଲେ ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଥାନ୍ତି । ଏବେ ବାରଣ ଥିବାରୁ ମତ୍ସ୍ୟଜୀବୀ ମାନଙ୍କ ଜୀବିକା ଉପରେ ବିଶେଷ ପ୍ରବାହ ପଡିବ ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି । ମାଛ ଧରି ଆଣିଲେ ଏହାକୁ ବିକ୍ରି କରିଲେ ପରିବାର ଚଳେ ତେଣୁ ସରକାର ଆମ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

# ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ବନ ମହୋତ୍ସବ



କଟକ, (ସ୍ୱପ୍ର): ପବିତ୍ର ଘୋଷଯାତ୍ରା ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସଂକଟମୋଚନ ମନ୍ଦିର ବାଟିକା ଠାରେ ଏକ ଆମ୍ବ ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ଅବସରରେ ପ୍ରକୃତି ଓ ପରିବେଶ ସୁରକ୍ଷା ନିମନ୍ତେ ଜନ ସଚେତନତା ସୃଷ୍ଟି କରିବାରେ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ପ୍ରକାଶ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ ଦାସ, କ୍ରୀଡା ନିର୍ଦ୍ଦେଶକ ନବ କିଶୋର ମିଶ୍ର, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ଡିନ୍ ପ୍ରଫେସର ଡ. କୁମ୍ଭକର୍ଣ୍ଣ ରାଉତ, ପ୍ରାଧ୍ୟାପକ ଡ. ପ୍ରତାପ ଚନ୍ଦ୍ର ପ୍ରଧାନ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ଇଂ ସୁଧାଂଶୁଭୂଷଣ କର, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଲୋକସଂପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଔଷଧୀୟ ଚାରା ରୋପଣ କରିଥିଲେ । ଡ୍ରିମ୍‌ସ କୃଷି ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଉଦ୍ୟାନ ବିଭାଗର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଦକ୍ଷିଣ ଓଡ଼ିଶା ବ୍ଲକ ସଂଯୋଜକ ସାମର୍ଥ୍ୟ ବୃଦ୍ଧି ଶିବିର

ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟ ପରିସରରେ ଦକ୍ଷିଣ ଓଡ଼ିଶାର ଜୁନିୟର ରେଡ୍ କ୍ରସ୍ ବ୍ଲକ୍ ସଂଯୋଜକ ମାନଙ୍କର ତ୍ରି ଦିବସୀୟ ଦକ୍ଷତା ନିର୍ମାଣ ଶିବିର ଉଦଘାଟିତ ହୋଇଯାଇଛି । ଏହି ଶିବିରରେ ଗଞ୍ଜାମ ସମେତ ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଜିଲ୍ଲାର ୮୪ ଟି ବ୍ଲକର ଜୁନିୟର ରେଡ୍ କ୍ରସ୍ ସଂଯୋଜକ ଯୋଗ ଦେଇଛନ୍ତି । ରାଜ୍ୟ ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ଲକ୍ଷ୍ମଣ କୁମାର ସ୍ୱାଇଁ ଶିବିର ପାଇଁ ପୂର୍ଣ୍ଣ ସମୟ ଦେଇ ପ୍ରତ୍ୟେକ ବ୍ଲକରେ ଜୁନିୟର ରେଡକ୍ରସ୍ କାର୍ଯ୍ୟକଳାପର ମାନ ବୃଦ୍ଧି ପାଇଁ ଉଦ୍ୟମ କରିବେ ବୋଲି କହିଛନ୍ତି । ପୂର୍ବାହ୍ନରେ ଜୁନିୟର ରେଡ୍‌କ୍ରସ୍ ପତାକା ଉତ୍ତୋଳନ ଓ ଶପଥ ପାଠ ପରେ ଉଦଘାଟନୀ ଅଧିବେଶନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୌରୀ ରେଡୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ପ୍ରଭାତି କୁମାରୀ ମହାପାତ୍ର ଯୋଗ ଦେଇଥିଲେ । ଗଂଜାମ ଜିଲ୍ଲା ସମ୍ପାଦକ ଭାଗିରଥୀ ସ୍ୱାଇଁ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ରାଜ୍ୟ ଜୁନିୟର ରେଡ୍ କ୍ରସ୍ ଅଧିକାରୀ ଶ୍ରୀଯୁକ୍ତ ସ୍ୱାଇଁ , ସାଧନ କର୍ମୀ ପୂର୍ବତନ ବିଇଓ ହରେ କୃଷ୍ଣ ପଣ୍ଡା, ଏହି ଶିବିରର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କେ ଆଲୋଚନା କରିଥିଲେ । ରାଜ୍ୟର ବରିଷ୍ଠ ସାଧନ କର୍ମୀ ଦେବୀ ପ୍ରସାଦ ସାହୁ ହେନେରୀଙ୍କ ଇତିହାସ ତଥା ରେଡ୍‌କ୍ରସର ଆରମ୍ଭ ସମ୍ପର୍କେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ପଣ୍ଡିତ ଜ୍ୟୋତି ପ୍ରକାଶ ନନ୍ଦ ବୈଦିକ ମନ୍ତ୍ର ଉଚ୍ଚାରଣ କରିଥିଲେ । ରେଡ୍‌କ୍ରସ୍ ଭବନ କାର୍ଯ୍ୟକର୍ତ୍ତା ସୁରେନ୍ଦ୍ର ନାଥ ସାମଲ ମଞ୍ଚାସୀନ ଥିଲେ । ଗଂଜାମ ଜିଲ୍ଲାର ରେଡ୍‌କ୍ରସ୍ ଅଧିକାରୀ ସ୍ନେହଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ତ୍ରିଦିବସୀୟ ଶିବିର ସଫଳ ରୂପାୟନ ପାଇଁ ବ୍ଲକ ସଂଯୋଜକ ବିନାୟକ ତ୍ରିପାଠୀ, ବାଲ୍ୟ କୃଷ୍ଣ ପଳେଇ, ସୁଜ୍ଞାନି କୁମାରୀ ନାୟକ, ଆଶିଷ କୁମାର ପାଢ଼ୀ, ଲକ୍ଷ୍ମଣ କୁମାର ଦାଶ, ମନୋଜ ସ୍ୱାଇଁ ପ୍ରମୁଖ ନିଜ ଦାୟିତ୍ୱ ନିର୍ବାହ କରି ସହଯୋଗ କରିଥିଲେ ।

# ଷ୍ଟେଟବ୍ୟାଙ୍କ ପେନସନଧାରୀଙ୍କ ସମସ୍ୟା ନେଇ ଆଲୋଚନା



ବାରିପଦା, (ସବ୍ୟୁ) : ସ୍ଥାନୀୟ ତକତପୁର ସ୍ଥିତ ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ବାଣିଜ୍ୟ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଷ୍ଟେଟ ବ୍ୟାଙ୍କ ପେନସନଧାରୀଙ୍କ ସମସ୍ୟା ଓ ତା'ର ସମାଧାନ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ମୁଖ୍ୟ ପରିଚାଳକ ସମୀର କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଷ୍ଟେଟ ବ୍ୟାଙ୍କ ପେନସନଧାରୀ ସଙ୍ଘ, ଓଡିଶା ଶାଖାର ଆଞ୍ଚଳିକ ସମ୍ପାଦକ ଅଶୋକ ପଟ୍ଟନାୟକ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ବାରିପଦା ମୁଖ୍ୟ ଶାଖାରେ ପେନସନଧାରୀଙ୍କ ପାଇଁ ଚିକିତ୍ସାଳୟ ଖୋଲିବା ସହ ସପ୍ତାହକୁ ଦୁଇଦିନ ବିଭିନ୍ନ ରୋଗର ପରୀକ୍ଷା ନିରୀକ୍ଷା କରାଯାଇ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ପ୍ରସ୍ତାବ ରଖିଥିଲେ। ଦାବୀ ଗୁଡିକ ଅତିଶୀଘ୍ର ବିଚାରକୁ ନେଇ ପଦକ୍ଷେପ ନିଆଯିବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ। ମାନବ ସମ୍ବଳ ପରିଚାଳକ ସଞ୍ଜୟ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଚନ୍ଦ୍ରମୋହନ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ପେନସନଧାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଧରାକୋଟରେ ବାହୁଡା ଯାତ୍ରା, ଲକ୍ଷାଧିକ ଜନ ସମାଗମ

ଧରାକୋଟ, (ସବ୍ୟୁ) : ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଧରାକୋଟ ଗଡର ଏକାଦଶୀ ତିଥିରେ ପାଳନ ହୋଇଥିବା ବାହୁଡ଼ା ଯାତ୍ରାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଛି । ଶନିବାର ପ୍ରଭାତରୁ ମଙ୍ଗଳ ଆଳତି ପରେ ଯଥା ବିଧି ଦେବନୀତି ସମ୍ପନ୍ନ ହୋଇଥିଲା । ଅପରାହ୍ନ ଚାରିଟା ସମୟରେ ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ପୂର୍ବ ପ୍ରଚଳିତ ପରମ୍ପରା ଅନୁଯାୟୀ ନିଜର ପାତ୍ର, ମନ୍ତ୍ରୀ, କଟୁଆଳ, ସୈନ୍ୟ ସାମନ୍ତ ସହ ରୂପା ପାଲିଙ୍କିରେ ବାଦ୍ୟ ବାଜା ରୋଷଣୀ ସହ ଆଡପ ମଣ୍ଡପ ନିକଟରେ ପହଞ୍ଚି ରଥାରୂଢ଼ ତିନି ଠାକୁରଙ୍କୁ ପୂଜା ଅର୍ଚ୍ଚନା କରିବା ପରେ ରଥ ଟଣା ଆରମ୍ଭ ହୋଇଥିଲା । ଡାହୁକର ଗୀତର ତାଳେ ତାଳେ ହଜାର ହଜାର ସଂଖ୍ୟାରେ ଲୋକ ରଥଟଣି ବଡ଼ଦାଣ୍ଡ ସାହି ମଝିକୁ ଆଣିଥିଲେ । ସନ୍ଧ୍ୟା ହୋଇଯାଇଥିବାରୁ ରଥ ଟଣା ଆଜି ବନ୍ଦ ରହିଛ । ସନ୍ଧ୍ୟାରେ ରାଜା ସୁଲକ୍ଷଣା ଗୀତାଞ୍ଜଳି ଠାକୁର ମନଙ୍କୁ ସନ୍ଧ୍ୟା ଆଳତି ପ୍ରଦାନ କରିଥିଲେ । ଆସନ୍ତାକାଲି ପୁଣି ରଥ ଟଣାଯାଇ ଜଗନ୍ନାଥ ମନ୍ଦିର ସମ୍ମୁଖକୁ ନିଆଯିବ ।


# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

## ପୂର୍ବତନ କୁଳପତିଙ୍କ ବିରୋଧରେ ତଦନ୍ତ କମିଟି ଗଠନ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଆଧାରରେ ତିନି ଜଣିଆ ତଦନ୍ତ କମିଟି ଗଠନ ହୋଇଛି । ପ୍ରଫେସର ଦାଶ ଗତ ଚାରି ବର୍ଷ ଧରି କୁଳପତି ଭାବେ ଦାୟିତ୍ୱ ତୁଲାଇ ଥିଲେ । ତାଙ୍କ କାର୍ଯ୍ୟକାଳ ସମୟ ମଧ୍ୟରେ ସେ କାର୍ଯ୍ୟକାରୀ କରିଥିବା ବିଭିନ୍ନ କାର୍ଯ୍ୟ ବିରୋଧରେ ଅଭିଯୋଗ ହୋଇଥିଲା । ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ଏ ନେଇ କୁଳାଧିପତିଙ୍କ କାର୍ଯ୍ୟାଳୟର ସ୍ୱତନ୍ତ୍ର ସଚିବଙ୍କ ନିକଟରୁ ନିର୍ଦ୍ଦେଶ ଆସିଛି । ଚିଠି ନମ୍ବର ୫୯୦୩/୨୦/୫/୨୬ ପ୍ରକାରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ତଦନ୍ତ କରିବା ଏବଂ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି ।

ଏହି ପରିପେକ୍ଷୀରେ କୁଳସଚିବ ଚିନ୍ମୟ କହଁର ଚିଠି ନମ୍ବର ୫୩୪୬/୨୩/୭/୨୬ ପ୍ରକାରେ ୩ ଜଣିଆ କମିଟି ଗଠନ କରିଛନ୍ତି । ୩ ଜଣିଆ କମିଟିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଭ୍ୟ ତଥା ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ସିଣ୍ଡିକେଟ ସଭ୍ୟ ଡ଼. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସିଣ୍ଡିକେଟ ସଭ୍ୟ ଡ଼.ଭଗବାନ ତ୍ରିପାଠୀ ରହିଛନ୍ତି । ତାହାସହ ଆଇନ ମରାମର୍ଶ ସେଲର ଓଆଇସିର ଆବାହକ ରହି ବୈଠକ କରି ପୂର୍ବତନ କୁଳପତିଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ତଦନ୍ତ କରିବେ । ଅଗଷ୍ଟ ୭ ତାରିଖ ସୁଦ୍ଧା ଉକ୍ତ ରିପୋର୍ଟ କୁଳାଧିପତିଙ୍କ ସଚିବ ନିକଟକୁ ପଠାଇବାକୁ ଉକ୍ତ ଚିଠିରେ ନିର୍ଦ୍ଦେଶ ରହିଛି ।

# କୁଲାଡ଼ ବାହୁଡ଼ାଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମ



କୁଲାଡ଼, (ସବ୍ୟୁ) : ଗଞ୍ଜାମ ଜିଲ୍ଲାର ଐତିହାସିକ କ୍ଷେତ୍ର ଭଞ୍ଜନଗର ଉପଖଣ୍ଡ ଅନ୍ତର୍ଗତ କୁଲାଡ ଗ୍ରାମରେ ଚଳିତ ବର୍ଷର ବାହୁଡାଯାତ୍ରା ଶୁକ୍ରବାର ଦିନ ହଜାର, ହଜାର ଭକ୍ତଙ୍କ ସମାଗମରେ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଠାକୁର ମାନଙ୍କ ବିଭିନ୍ନ ନୀତିକାନ୍ତି ସମ୍ପନ୍ନ ହେବା ପରେ ପ୍ରଭୁ ଶ୍ରୀ ସୁଦର୍ଶନ, ବଳଭଦ୍ର, ଦେବୀ ଶୁଭଦ୍ରା ଓ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଘଣ୍ଟଘଣ୍ଟା ଓ ହରିବୋଲ ହୁଳହୁଳି ସହିତ ପହଣ୍ଡି କରି ରଥାରୂଢ଼ କରାଯାଇଥିଲା।

ରଥ ଉପରେ ରୀତିନୀତି ଅନୁଯାୟୀ ସମସ୍ତ କାର୍ଯ୍ୟ ସମ୍ପନ୍ନ ହେବା ପରେ ଭଞ୍ଜ ବଂଶଜ ପ୍ରଶାନ୍ତ କୁମାର ଭଞ୍ଜଦେଓ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ । ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିରେ ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ତହସିଲଦାର ଅଭିପ୍ସା ପଟ୍ଟନାୟକ, ବିଡ଼ିଓ ଭାରତୀଦେୀ, ଅତିରିକ୍ତ ତହସିଲଦାର ଅବିନାଶ ମହାର, ଆରଆଇ ଭଗବାନ ବେହେରା, କମିଟି ସଭାପତି ବ୍ରହ୍ମାନନ୍ଦ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ପ୍ରତ୍ୟେକ କାର୍ଯ୍ୟର ତଦାରଖ କରିଥିଲେ । ଯାତ୍ରାରେ ଡିଏଫଓ ହିମାଂଶୁ ଶେଖର ମହାନ୍ତି, ଏସଡିପିଓ ଡଃ. ଦୀପକ କୁମାର ମିଶ୍ର, ଏସିଏଫ ବିବେକ ଦାସ, ରେଞ୍ଜର ବିମ୍ବାଧର ସାହୁ, ଆଇଆଇସି ଜୀବନା ନନ୍ଦ ଜେନାଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ ।

ଅପରପକ୍ଷରେ ବନବିଭାଗ ତରଫରୁ ଯାତ୍ରାରେ ଉପସ୍ଥିତ ଭକ୍ତମାନଙ୍କୁ ଚାରା ବଣ୍ଟନ କରାଯାଇଥିଲା । ଯାତ୍ରା ପରିଚାଳନାରେ ସହଯୋଗ କରିଥିବା ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ମାନଙ୍କୁ ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶନିବାର ଦିନ ରଥ ଉପରେ ଶ୍ରୀଜୀଉ ମାନେ ସୁନାବେଶରେ ଦର୍ଶନ ଦେଉଥିଲେ । ଏହି ବେଶକୁ ଦର୍ଶନ କରିବା ନିମନ୍ତେ ବହୁ ଭକ୍ତ ରୁଣ୍ଡ ହୋଇଥିଲେ ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର

## ପୁରାତନ ଛାତ୍ର ସଂଘ ଗଠିତ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଂଘ ଗଠିତ ହୋଇଛି । ସଂଘ ପକ୍ଷରୁ ସାଧାରଣ ପରିଷଦ ବୈଠକରେ ସଭାପତି ଭାବେ ପୂର୍ବତନ କୁଳପତି ପ୍ରଫେସର ଡ ଜୟନ୍ତ କୁମାର ମହାପାତ୍ର, ଉପସଭାପତି ପ୍ରଫେସର ସିଦ୍ଧାର୍ଥ ଶଙ୍କର ପଣ୍ଡା, ସମ୍ପାଦକ ଡ ସତ୍ୟନାରାୟଣ ସାହୁ, ଯୁଗ୍ମ ସମ୍ପାଦକ ଡ ବନ୍ଦିତା କୁମାରୀ ପଣ୍ଡାଙ୍କୁ ଗ୍ରହଣ କରାଯାଇଥିବା ବେଳେ କୋଷାଧକ୍ଷ ଭାବେ ଡ ସୁମନ କିରଣ ଚୌଧୁରୀଙ୍କୁ ସର୍ବସମ୍ମତି ଭାବେ ଆଗାମୀ ଦୁଇବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା । ସେହିଭଳି ନୂତନ କର୍ମକର୍ତ୍ତା ଚୟନ ପରେ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସଂଘର କାର୍ଯ୍ୟକାରୀ ସଦସ୍ୟ ଚୟନ କରିବାକୁ କ୍ଷମତା ପ୍ରଦାନ କରାଯାଇଥିଲା । କମିଟିର ନୂତନ କର୍ମକର୍ତ୍ତାମାନେ ସଂଘର ପ୍ରଫେସର ଇନଚାର୍ଜ ଆଲୁମିନି ପ୍ରଫେସର ଯୋଗେଶ୍ୱର ପାଣିଗ୍ରାହୀଙ୍କ ସମେତ ୧୮ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି ।

ଗଠିତ କମିଟିରେ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧ୍ୟକ୍ଷ, କୁଳସଚିବ, ପରୀକ୍ଷା ନିୟନ୍ତ୍ରକ, ଯୁଗ କୁଳସଚିବ ଓ ଉନ୍ନୟନ ଅଧିକାରୀଙ୍କୁ ସଦସ୍ୟ ଭାବେ ଗ୍ରହଣ କରା ଯାଇଛି । ପ୍ରଫେସର ଅମୀୟ କୁମାର ପରିଚ୍ଛା, ପ୍ରଫେସର ଶ୍ରୁତି ଦାସ, ଡ ସିଦ୍ଧାର୍ଥ ଶଙ୍କର ପାଢୀ, ଡ ଅଜୟ କୁମାର ତ୍ରିପାଠୀ, ଡ ସଦାନନ୍ଦ ନାୟକ, ଡ ତପନ କୁମାର ବାରିକ ପ୍ରମୁଖ ରହିଛନ୍ତି ବୋଲି ସମ୍ପାଦକ ଡ ସତ୍ୟନାରାୟଣ ସାହୁ ସୂଚନା ଦେଇଛନ୍ତି ।

# ଆକ୍ରମଣ ଅଭିଯୋଗରେ ୩ ଗିରଫ



ବ୍ରହ୍ମପୁର, (ସବ୍ୟୁ) : ନିମଖଣ୍ଡି ଥାନା ପୋଲିସ ଜଣେ ମହିଳା ଓ ତାଙ୍କ ଝିଅଙ୍କୁ ଆକ୍ରମଣ କରିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଝାଡ଼ଙ୍କୁଳି ପଲ୍ଲୀସାହିର ବିଜୟ ପ୍ରଧାନ (୫୪), ଟଙ୍କା ସ୍ତ୍ରୀ ଶାନ୍ତି ପ୍ରଧାନ (୪୫) ଓ ପୁଅ ରୁନା ପ୍ରଧାନ (୨୮) । ଘଟଣାରେ ବ୍ୟବହୃତ ପଥର ପୋଲିସ ଜବତ କରିଛି । ପୂର୍ବଶତ୍ରୁତାରୁ ଉଭୟ ପରିବାର ମଧ୍ୟରେ ଝଗଡା ଲାଗି ରହିଥିଲା ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା । ମାମଲା ନଂ ୨୩୯/୨୬ ରେ ଉକ୍ତ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ପ୍ରକାଶ ଯେ ଗତ ୨୩ ତାରିଖ ସକାଳ ମିନତୀ ପ୍ରଧାନ (୩୨) ଓ ତାଙ୍କ ଝିଅ ବର୍ଷା ପ୍ରଧାନ ଘର ସମ୍ମୁଖରେ ଠିଆ ହୋଇଥିବା ବେଳେ ତାଙ୍କ ପଡୋଶୀ ବିଜୟ ଓ ତାଙ୍କ ପରିବାର ଲୋକ ସେଠାରେ ପହଞ୍ଚି ଝଗଡା କରିଥିଲେ । ମିନତୀ ଏହାର ପ୍ରତିବାଦ କରିବାରୁ ବିଜୟୀ ଓ ତାଙ୍କ ପରିବାର ଲୋକ ସେମାନଙ୍କ ଉପରକୁ ପଥର ଫିଙ୍ଗିଥିଲେ । ଫଳରେ ମିନତୀ ଓ ତାଙ୍କ ଝିଅ ଆହତ ହୋଇଥିଲେ । ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ବିଜୟୀ ଓ ତାଙ୍କ ପରିବାର ଲୋକଙ୍କୁ ଗିରଫ କରିଥିଲା ।

# ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଓଷ୍ଟାର

## ବିଭିନ୍ନ ଦାବି ନେଇ ଆଲୋଚନା

ବ୍ରହ୍ମପୁର, (ସବ୍ୟୁ) : ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ଗଞ୍ଜାମ ଶାଖା ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ସହ ବିଭିନ୍ନ ଦାବି ଓ ସମସ୍ୟା ନେଇ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଆଲୋଚନା କରିଥିଲେ । ଏଥିରେ ଜିଲ୍ଲା ସଭାପତି ଦିଲ୍ଲୀପ କୁମାର ପ୍ରଧାନ, ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ, ପୂର୍ବତନ କୋଷାଧକ୍ଷ କାମରାଜୁ ମହାରଣା, ଜିଲ୍ଲା ସମ୍ପାଦକ ରାମ ଚନ୍ଦ୍ର ପୋଲାଇ, କାର୍ଯ୍ୟ କାରୀ ସଭାପତି କେଦାରନାଥ ପଟ୍ଟନାୟକ, ପୂର୍ଣ୍ଣ ଚନ୍ଦ୍ର ଆଚାର୍ଯ୍ୟ, ଅଶୋକ କୁମାର ଦଳେଇ, ବିଜୟ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଡିଇଓଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ଜଣେ କିରାଣୀ ଦୁର୍ନୀତିରେ ଲିପ୍ତ ରହି ଶିକ୍ଷକ ମାନଙ୍କୁ ଦୁର୍ବ୍ୟବହାର କରୁଥିବା ବିଷୟ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଡିଇଓ ଏକ ମାସ ସମୟ ମଧ୍ୟରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟାନ୍ୟ ସମସ୍ୟା ଗୁଡ଼ିକ ମଧ୍ୟରେ ଉଚ୍ଚତର ଯୋଗ୍ୟତା ହାସଲ କରିଥିବା ହିନ୍ଦୀ ଶିକ୍ଷକମାନଙ୍କୁ ଉଚ୍ଚତର ଦରମା ପ୍ରଦାନ, ଅବସର ନେଉଥିବା ଅନୁଦାନ ପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ଶେଷ ମାସର ଦରମା ଶୀଘ୍ର ପ୍ରଦାନ କରିବା ଏବଂ ଅଭିଯୋଗ ପ୍ରକୋଷ୍ଠ ସକ୍ରିୟ କରିବା ଦାବି ଉପରେ ଆଲୋଚନା ହୋଇଥିଲା । ଡିଇଓ ସମସ୍ତ ଦାବି ଶୁଣି ନିର୍ଦ୍ଧାରିତ ନୀତି ନିୟମ ମଧ୍ୟରେ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାସକ ମଧ୍ୟରେ ଦାବି ପୂରଣ ନହେଲେ ଓଷ୍ଟା ପକ୍ଷରୁ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ ।



# ଆନିମେସନ ଫିଲ୍ମ "ମହାପ୍ରଭୁ ଜଗନ୍ନାଥ'କୁ ଜଗନ୍ନାଥପ୍ରେମୀଙ୍କ ବିରୋଧ

ଜଗତସିଂହପୁର, (ସବ୍ୟୁ) : ମୁକ୍ତିଲାଭ କରିବାକୁ ଥିବା ଆନିମେସନ ଫିଲ୍ମ "ମହାପ୍ରଭୁ ଜଗନ୍ନାଥ'କୁ ନେଇ ବିବାଦ ତେଜିବାରେ ଲାଗିଛି।ଫିଲ୍ମକୁ ରିଲିଜ ନକରି ସ୍ଥଗିତ ରଖିବାକୁ ଜଗନ୍ନାଥ ପ୍ରେମୀମାନେ ଦାବୀ କରିଛନ୍ତି।ଜଗନ୍ନାଥ ସଂସ୍କୃତି ଓ ମହାପ୍ରଭୁ ଜଗନ୍ନାଥଙ୍କୁ ନେଇ ହୋଇଥିବା ଏହି ଫିଲ୍ମରେ ବହୁ ତ୍ରୁଟି ରହିଥିବାରୁ ଜଗତସିଂହପୁର ଜିଲ୍ଲା ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ ଏହାକୁ ତିବ୍ର ବିରୋଧ କରାଯାଇଛି।ଏହା ଉପରେ ରୋକ ଲଗାଇବାକୁ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।ଏହାର ପ୍ରତିବାଦରେ ଶ୍ରୀଜଗନ୍ନାଥ ଭକ୍ତ ସମାଜ ଜଗତସିଂହପୁର ପକ୍ଷରୁ ଆବାହକ ଭଗବାନ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜୟବଡ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଏକ ପ୍ରତିବାଦ ସମାବେଶ



ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତିର ରାଷ୍ଟ୍ରୀୟ ପ୍ରବକ୍ତା ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ଯୋଗ ଦେଇ ମହାପ୍ରଭୁ ଜଗନ୍ନାଥଙ୍କୁ ଆନିମେସନ ଫିଲ୍ମରେ ଯେଉଁଭଳି ଭାବରେ ବ୍ୟଙ୍ଗକାର ଭାବରେ ଚିତ୍ରଣ କରାଯାଇଛି ତାହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଖରାପ ଚିନ୍ତାଧାରା ସୃଷ୍ଟି କରିବା ତେଣୁ ଫିଲ୍ମକୁ ଜଗନ୍ନାଥ ସଂସ୍କୃତି ଓ ଭାବଧାରାକୁ ନେଇ ତିଆରି କରାଯିବା ଉଚିତ। ମହାପ୍ରଭୁଙ୍କର ସମସ୍ତ ରିତିନିତୀ,ପର୍ବପର୍ବାଣି ,କାର୍ଯ୍ୟ ଓ ବିଧି ବାବଦରେ ମାଦଳା ପାଞ୍ଜି, ବାମଦେବ ସଂହିତା,କପିଳ ସଂହିତା,ଦାର୍ଢ୍ୟଭକ୍ତି ଭକ୍ତି,ସ୍କନ୍ଦ ପୁରାଣ,ପଦ୍ମ ପୁରାଣ,ନିଳାଦ୍ରୀ ମହୋଦୟ ଆଦିରେ ଅତି ସୁନ୍ଦର ଭାବରେ ଉପସ୍ଥାପନ କରାଯାଇଛି। ତେଣୁ ଫିଲ୍ମ ଶାସ୍ତ୍ରୀୟ ମତରେ ହେବା ଆବଶ୍ୟକ ବୋଲି ସତ୍ୟାନନ୍ଦ ଦାସ ମହାରାଜ କହିଥିଲେ।ତେଣୁ ଏହି ଫିଲ୍ମକୁ ସରକାର ଓ ମାନ୍ୟବର ସୁପ୍ରିମ କୋର୍ଟ ବିଚାର କରି ସ୍ଥଗିତ ରଖିବାକୁ ଜଗନ୍ନାଥ ଭକ୍ତ ସମାଜ,ବିଶ୍ୱ ହିନ୍ଦୁ ପରିଷଦ,ଆର୍ଯ୍ୟ ସମାଜ,ଭାଗବତ ଚେତନା ସଂଘ ପ୍ରମୁଖ ଦାବୀ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତିର ରାଷ୍ଟ୍ରୀୟ ପ୍ରବକ୍ତା ବାବାଜୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ସମେତ ବାବାଜୀ ସୀତାରାମ ଦାସ,ସୁରେଶ ଚୌଧୁରୀ,ପ୍ରଫୁଲ୍ଲ କୁମାର ସାହୁ,ଡଃ ସୁରେନ୍ଦ୍ର ତ୍ରିପାଠୀ,ମନୋରମା ଦାଶ,ପଣ୍ଡିତ ରବିନ୍ଦ୍ରନାଥ ମିଶ୍ର,ଡ. ସୁନାକର ବେହେରା,ଜଗଦାନନ୍ଦ ପଡିଆରୀ,ରମାକାନ୍ତ ପଡିଆରୀ,ଶୁଭକାନ୍ତ ପଡିଆରୀଙ୍କ ସମେତ ବହୁ ଜଗନ୍ନାଥ ପ୍ରେମୀ ଯୋଗ ଦେଇ ଏହାର ପ୍ରତିବାଦ କରିଥିଲେ।

# ବାହୁଡା ଯାତ୍ରା ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ

କେନ୍ଦ୍ରାପଡା, (ସବ୍ୟୁ) : ତୁଳସିକ୍ଷେତ୍ର ର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ବଳଦେବଜିଉଙ୍କର ଦୁଇଦିନ ବ୍ୟାପି ବାହୁଡା ଯାତ୍ରା ଶାନ୍ତି ଶୃଙ୍ଖଳା ସହ ସମ୍ପନ ହୋଇଛି । ଅପରାହ୍ନ ପ୍ରାୟ ଦୁଇଟା ବେଳେ ପୂର୍ବ ନିର୍ଦ୍ଧାରିତ ନୀତିକାନ୍ତି ପରେ ବ୍ରହ୍ମତାଳଧ୍ୱଜ ରଥ ଟଣାଯାଇଛି । ହଜାର ହଜାର ଶ୍ରଦ୍ଧାଳୁ ଗୁଣ୍ଡିଚା ମନ୍ଦିର ନିକଟରୁ ରନି ବେଦୀ ଅଭିମୁଖେ ରଥ ଟାଣି ଆଣିଥିଲେ । ସନ୍ଧ୍ୟା ପାଞ୍ଚଟା ପୂର୍ବରୁ ରଥ ଚକଡା ଲାଗିଥିଲା । ପରମ୍ପରା ଅନୁଯାଇ, ଆଜି ତିନି ଦିଅଁ ରଥ ଉପରେ ଅବସ୍ଥାନ କରିବେ ।



ଆସନ୍ତାକାଲି ଦିନରେ ଶ୍ରୀଜୀଉ ମାନେ ରଘୁନାଥ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବେ । ସେହିପରି ସନ୍ଧ୍ୟାରେ ଅଧରପଣା ଲାଗି ହେବାପରେ, ତିନି ଦିଅଁଙ୍କର ନୀଳାଦ୍ରିବିଜେ ନୀତି ଅନୁଷ୍ଠିତ ହେବ । ନବଦିନ ବ୍ୟାପି ଗୁଣ୍ଡିଚା ଯାତ୍ରା ଶେଷକରି, ବଡଠାକୁର ରତ୍ନବେଦୀ ଲେଉଟିବେ । ପ୍ରଭୁଙ୍କ ବାହୁଡା ରଥ ଉପରେ ଦିବ୍ୟ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କର ସମାଗମ ହେଉଥିବା ବେଳେ, ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୃତୟନ କରାଯାଇଛି । ସେହିପରି ସାଦା ପୋଷାକ ଧାରୀ ପୁଲିସ ଭିଡ଼ ଉପରେ ନଜର ରଖିଛନ୍ତି ।

# ବର୍ଷାପାଣି ଘେରରେ ବୈଷ୍ଣବ ଦତ୍ତ ହାଇସ୍କୁଲ




ଯାଜପୁର, (ସବ୍ୟୁ) : ଯାଜପୁରରେ ଲଗାଣ ବର୍ଷା ପରେ ଯାଜପୁର ଟାଉନର ଐତିହ୍ୟବାହୀ ବୈଷ୍ଣବ ଦତ୍ତ ହାଇସ୍କୁଲ ଏବେ ଜଳବନ୍ଦୀ ପରିସ୍ଥିତିର ସମ୍ମୁଖୀନ ହୋଇଛି। ସ୍କୁଲ ପରିସରରେ ଦୀର୍ଘଦିନ ଧରି ବର୍ଷାପାଣି ଜମି ରହିଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବ୍ୟାହତ ହେଉଛି । ଶ୍ରେଣୀଗୃହ ଓ ଶୌଚାଳୟକୁ ଯିବା ପାଇଁ ସେମାନଙ୍କୁ ଇଟା ଉପରେ ଚାଲିବାକୁ ପଡୁଛି । ପ୍ରତିବର୍ଷ ବର୍ଷା ଋତୁ ଆସିଲେ ଏହି ସ୍କୁଲରେ ସମାନ ପରିସ୍ଥିତି ଦେଖାଦେଉଥିବା ବେଳେ ଏଥର ମଧ୍ୟ ସ୍କୁଲ ପରିସର ଜଳମଗ୍ନ ହୋଇପଡ଼ିଛି । ଡ୍ରେନେଜ ବ୍ୟବସ୍ଥାର ଅଭାବ ଯୋଗୁଁ ବର୍ଷାପାଣି ଦିନ ଦିନ ଧରି ଜମି ରହୁଛି । ଫଳରେ ଛାତ୍ର ଛାତ୍ରୀମାନେ ଶ୍ରେଣୀଗୃହକୁ ଯିବା, ଶୌଚାଳୟ ବ୍ୟବହାର କରିବା ସହ ଦୈନନ୍ଦିନ ପାଠପଢ଼ାରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଅନ୍ୟପଟେ ସ୍କୁଲର ଅନେକ ଶ୍ରେଣୀଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । କେତେକ କକ୍ଷର ଛାତ ଓ କାନ୍ଥ ଦୁର୍ବଳ ହୋଇପଡ଼ିଥିବା ବେଳେ ଅନେକ କକ୍ଷରେ ଝରକା ଓ କବାଟ ନାହିଁ । ଏହା ଯୋଗୁଁ ସାପ ଓ ଅନ୍ୟାନ୍ୟ ବିଷାକ୍ତ ଜୀବଜନ୍ତୁ ପଶିବାର ଆଶଙ୍କା ଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଅଭିଭାବକମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସ୍ଥାନୀୟ ବାସିନ୍ଦା ଓ ଅଭିଭାବକଙ୍କ କହିବା ଅନୁସାରେ, ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନାହିଁ । ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ବାରମ୍ବାର ଜିଲ୍ଲା ପ୍ରଶାସନଙ୍କୁ ଏହି ସମସ୍ୟା ସମ୍ପର୍କରେ ଅବଗତ କରାଇଥିବା ସୂଚନା ମିଳିଛି । ତେଣୁ ତୁରନ୍ତ ସ୍କୁଲ ପରିସରରୁ ବର୍ଷାପାଣି ନିଷ୍କାସନ, ଉନ୍ନତ ଡ୍ରେନେଜ ବ୍ୟବସ୍ଥା କରିବା ସହ ଜରାଜୀର୍ଣ୍ଣ ଶ୍ରେଣୀଗୃହର ମରାମତି କରି ଛାତ୍ରଛାତ୍ରୀଙ୍କ ପାଇଁ ସୁରକ୍ଷିତ ଓ ସୁସ୍ଥ ପାଠପଢ଼ାର ପରିବେଶ ସୃଷ୍ଟି କରିବାକୁ ଅଭିଭାବକ ଓ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ।

# ଭାଲୁଖାଇ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ସୁନାବେଶ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ସୁନାବେଶ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରୁ ଠାକୁର ୯ ଦିନ ଲାଗି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ଗତକାଲି ବାହୁଡାରେ ମନ୍ଦିରକୁ ଫେରିଛନ୍ତି। ଆଜି ରଥାରୁଢ ଠାକୁରଙ୍କୁ ସୁନାବେଶ କରାଯାଇଛି। ଆଜି ଅପରାହ୍ନରେ ଠାକୁରଙ୍କ ନିତିକାନ୍ତି ପୂଜା ସରିବା ପରେ ବ୍ରାହ୍ମଣମାନେ ରଥାରୁଢ ଠାକୁରଙ୍କୁ ସୁନାବେଶ କରାଇଥିଲେ। ଠାକୁରଙ୍କ ସୁନାବେଶ ସରିବା ପରେ ଭକ୍ତମାନଙ୍କ ଦର୍ଶନ ନିମନ୍ତେ ଛଡାଯାଇଥିଲା। ଠାକୁରଙ୍କୁ ସୁନାବେଶରେ ଦର୍ଶନ ଲାଗି ହଜାର ହଜାର ସଂଖ୍ୟାରେ ଭକ୍ତମାଙ୍କ ଭିଡ ଜମିଥିଲା। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ମନ୍ଦିର କମିଟି ଓ ପୁଲିସ ପକ୍ଷରୁ ବ୍ୟାପକ ବ୍ୟାବସ୍ଥା ଗ୍ରହଣ କରାଯାଇଥିଲା।

ଏହି ଅବସରରେ ଭାଲୁଖାଇ ମନ୍ଦିର କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ସାଂସ୍କୃତିକ କାଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ଆଜି ଭଜନ ଗାୟକ ବସନ୍ତ ପାତ୍ର ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିସରରେ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଠାକୁରଙ୍କ ସୁନାବେଶ ଦେଖିବା ସହିତ ବସନ୍ତ ପାତ୍ରଙ୍କ ଦ୍ୱାରା ପରିବେଶିତ ଭଜନ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ମନ୍ଦିରରେ ଅନୁଷ୍ଠିତ ଠାକୁରଙ୍କ ସମସ୍ତ କାର୍ଯ୍ୟକୁ ମନ୍ଦିର କମିଟିର କାର୍ଯ୍ୟକାରୀ ସଭାପତି ଇଂ କଳ୍ପତରୁ ସାହୁ, ଉପସଭାପତି ପ୍ରଭୁଦତ ଜେନା, ସମ୍ପାଦକ ମନୋଜ କୁମାର ରଣା,କୋଷାଧ୍ୟକ୍ଷ ଅଭୟ କୁମାର ରାଉତ,ସହ ସମ୍ପାଦକ ଜ୍ଞାନେନ୍ଦ୍ର ରାଉତ, ପ୍ରମୁଖ ପରିଚାଳନାରେ ସହାୟତା କରୁଥିବା ବେଳେ ମୁନସୀ ମେଲଣ କମିଟି ତରଫରୁ ସଭାପତି ଚିନ୍ମୟୀ ସାହୁ, କାର୍ଯ୍ୟକାରୀ ସଭାପତି ଜଳଧର ମହାନ୍ତି, ସହ ସମ୍ପାଦକ ପ୍ରବୋଧ ପାତ୍ର, କୋଷାଧ୍ୟକ୍ଷ ମନୋଜ ରାଉଳପ୍ରମୁଖ ସଦସ୍ୟମାନେ ମନ୍ଦିରରେ ଉପସ୍ଥିତ ରହିଥିଲେ।

# ଶିକ୍ଷକଙ୍କ ଅକାଳ ମୃତ୍ୟୁରେ ପରିବାରଙ୍କୁ ସମବେଦନା ଜଣାଇଲେ ପୂର୍ବତନ ସାଂସଦ

ମଙ୍ଗଳପୁର, (ସବ୍ୟୁ) : ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ବିନ୍ଧାନନ୍ଦପୁର ଗ୍ରାମର କାର୍ଯ୍ୟରତ ଶିକ୍ଷକ ଚକ୍ରଧର ବିଶ୍ୱାଳ(୬୧)ଙ୍କ ଅକାଳ ବିୟୋଗ ହୋଇଯାଇଛି । ସେ ଛାତିରେ ଯନ୍ତ୍ରଣା ପାଇବାରୁ ତାଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇଥିଲା ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ସ୍ୱର୍ଗତ ବିଶ୍ୱାଳ ଗାନ୍ଧିଜୀ ଉଚ୍ଚ ବିଦ୍ୟାଳୟ ପରେ ଗ୍ରୀନ ଲ୍ୟାଣ୍ଡ ପବ୍ଲିକ ସ୍କୁଲରେ ଶିକ୍ଷକତା କରୁଥିଲେ ।

ଖବର ପାଇ କଂଗ୍ରେସର ପୂର୍ବତନ ରାଜ୍ୟ ସଭା ସାଂସଦ ତଥା ଆଇଏନଟିୟୁସି ରାଜ୍ୟ ସଭାପତି ଡ଼ ରାମଚନ୍ଦ୍ର ଖୁଣ୍ଟିଆ ତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି । ସ୍ୱର୍ଗତ ବିଶ୍ୱାଳ ଜଣେ ପରୋପକାରୀ, ମିଷ୍ଟ ଭାଷୀ, ମେଳାପି, ଛାତ୍ର ବତ୍ସଳ ବ୍ୟକ୍ତି ଭାବେ ସମସ୍ତଙ୍କ ପ୍ରିୟ ହୋଇପାରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ସନ୍ତୋଷ ନନ୍ଦ, ଆଇଏନଟିୟୁସି ରାଜ୍ୟ ଉପ ସଭାପତି ଭରତ ଚନ୍ଦ୍ର ପରିଡା, ଭାସ୍କର ମହାନ୍ତି, ପୂର୍ବତନ ବ୍ଲକ ସଭାପତି ଶ୍ୟାମ ସୁନ୍ଦର କର, ସରପଞ୍ଚ ଲିପିକା ମଲିକ,ଜ୍ୟୋତି ରଞ୍ଜନ ଜେନା, ଯୁବରାଜ ମଲିକ ପ୍ରମୁଖ ଉପସ୍ଥିତ ରହି ଶୋକ ପ୍ରକଟ କରିଥିଲେ ।

# କାରରୁ ମିଳିଲା ୩୦ କେଜି ଗେଞ୍ଜେଇ, ଚାଳକ ସମେତ ୩ ଫେରାର

ପାଣିକୋଇଲ, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ବ୍ରଜନଗର ଠାରେ ଶୁକ୍ରବାର ରାତ୍ରିରେ ଏକ କାର ଗ୍ଧ ସହିତ ଧକ୍କା ହୋଇ ଦୁର୍ଘଟଣାର ଶିକାର ହୋଇଥିଲା। ଦୁର୍ଘଟଣା ପରେ ଚାଳକ ସମେତ କାରରେ ଥିବା ଅନ୍ୟ ଦୁଇ ଜଣ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳେ ପୁଲିସ ପହଂଚି ତଦନ୍ତ ଆରମ୍ଭ କରିବା ବେଳେ କାରରେ ଅବକାରୀ ଦ୍ରବ୍ୟ ଥିବା ଜାଣିବାକୁ ପାଇଥିଲା। କାର (ଓଡି୦୨କିୟୁ ୩୫୩୪) ଜବତ କରି ଥାନାକୁ ଆଣିବା ପରେ ଆଜି ମାଜିଷ୍ଟ୍ରେଟ ତଥା ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପ୍ରଧାଣଙ୍କ ଉପସ୍ଥିତିରେ କାରଟି ଖୋଲାଯାଇଥିଲା। କାର ମଧ୍ୟରୁ ୩୦କେଜି ଗଂଜେଇ ଜବତ କରାଯାଇଥିଲା। ପାଣିକୋଇଲି ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଙ୍ଗାୟତ, କୁଆଖିଆ ଥାନାଧିକାରୀ ସୁଶାନ୍ତ କୁମାର ସେଠୀ, ତଦନ୍ତାଧିକାରୀ ସବ ଇନ୍ସପେକଟର ବିଶ୍ୱରଂଜନ ଦାସ, ପ୍ରଶାନ୍ତ କୁମାର ଦାଶ ଓ ସାକ୍ଷିମାନଙ୍କ ଉପସ୍ଥିତିରେ ଏହା ଖୋଲାଯାଇ ଓଜନ କରାଯାଇଥିଲା। ଏନେଇ ଏକ ମାମଲା ୨୮୮/୨୬ରୁଜୁ କରାଯିବା ସହିତ କାରଟିକୁ ଜବତ କରାଯାଇ ତଦନ୍ତ ଜାରି ରହିଛି ।

# ଫୁଲୁଛି ଗୋବରୀ, କୂଳବାସୀ ଆତଙ୍କିତ

କେନ୍ଦ୍ରାପଡା ,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲାରେ ଦୀର୍ଘ ୨୦ ଦିନ ହେଲା ଲଘୁଚାପ ଜନିତ ବର୍ଷା ଲାଗି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି । ତଳିଆ ଅଂଚଳରେ ବସବାସ କରୁଥିବା ଲୋକମାନେ ପାଣି ଘେରରେ ଥିବାବେଳେ ଅନେକ ଗୁଡିଏ ରାସ୍ତା ବର୍ଷା ଜଳରେ ବୁଡି ରହିଛି । ମାଟିକାନ୍ଥ, ଚାଳଘର ଗୁଡିକ କେତେକ ସ୍ଥାନରେ ଭାଙ୍ଗି ପଡିଥିବାବେଳେ ବହୁ ପୁରୁଣା ଘର ଗୁଡିକ ବିପଦ ଜନକ ଅବସ୍ଥାରେ ପଡି ରହିଛି । ରଣପଡା, ଜଇପୁରା, ଆମ୍ବିଳି ଏବଂ ବାଇପାସ୍ ରାସ୍ତାର ନଦୀକୂଡାରେ ବସବାସ କରୁଥିବା ଭୂମିହୀନମାନେ ପାଣି ଘେରରେ ରହିଛନ୍ତି । ଗୋବରୀ ନଦୀ ଫୁଲିଥିବାରୁ ଏହି କୂଳ ବାସିନ୍ଦାମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ରଣପଡା ଗ୍ରାମର ଜଳ ନିଷ୍କାସନ ବାଟ ନଥିବାରୁ ଗ୍ରାମର ଅଧିକାଂଶ ଘର ଗୁଡିକ ପାଣି ଘେରରେ ରହିଛି । ପ୍ରାୟ ଦୁଇଫୁଟରୁ ଅଧିକ ବର୍ଷାଜଳ ଘର ଭିତରେ ରହିଥିବାରୁ ବରିଷ୍ଠ ନାଗରିକ, ମହିଳା, ଶିଶୁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛନ୍ତି । ଘର ଭିତରେ ଥିବା ଖଟ ଉପରେ ରୋଗୀ ଓ ବୟସ୍କମାନେ ରାତି ଦିନ ବସିଥିବାବେଳେ ଶୌଚ ହେବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରଣପଡା ଗ୍ରାମରେ ଜଳ ନିଷ୍କାସନ ବାଟକୁ ସ୍ଥାନୀୟ ଅଂଚଳର କିଛି ବ୍ୟକ୍ତି ଜୋର ଜବରଦସ୍ତ ଘର କରିଥିବାରୁ ପୌର ପ୍ରଶାସନ ଏମାନଙ୍କୁ ଉଚ୍ଛେଦ କରିନପାରିବାରୁ ଗ୍ରାମବାସୀ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ତୁରନ୍ତ ସରକାରୀ ଜାଗାରେ ଜବରଦଖଲ କରି ଗୃହ ନିର୍ମାଣ କରିଥିବା ଘରକୁ ଭାଙ୍ଗି ଜଳ ନିଷ୍କାସନ ବାଟ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ନାଉଗାଁ ବ୍ଲକ କଂଗ୍ରେସର ପ୍ରତିବାଦ

ନାଉଗାଁ, (ସବୃ):ନିଟ ପ୍ରଶ୍ନପତ୍ର ଲିକ ମାମଲାରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ଓଡ଼ିଶାର ସମସ୍ତ ବ୍ଲକ କଂଗ୍ରେସ ତରଫରୁ ଦିଆଯାଇଥିବା ପ୍ରତିବାଦ ଡାକରାରେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ବ୍ଲକ କଂଗ୍ରେସ କମିଟି ସଭାପତି ବିଚିତ୍ରାନନ୍ଦ ଲେଙ୍କା ଏବଂ ଜିଲ୍ଲା ଯୁବ କଂଗ୍ରେସ ସଭାପତି କୁମାର ପ୍ରିତମ ପରିଜାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି କେଲେଙ୍କାରୀରେ ସମ୍ପୃକ୍ତ ଥିବା ସମସ୍ତ କର୍ମକର୍ତ୍ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଆଗାମୀ ଦିନରେ ଏହି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଦାବି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କମିଟିର ଜିଲ୍ଲା ଉପସଭାପତି ସୁବ୍ରତ ରାୟ, ସମ୍ପାଦକ ପ୍ରହଲ୍ଲାଦ ବିଶ୍ୱାଳ, ମନୋଜ କୁମାର ଦାଶ, ବ୍ଲକ କୃଷକ ସଂଘ ସଭାପତି ବିଭୁ ପ୍ରସାଦ ନାୟକ, ନାଉଗାଁ ପଞ୍ଚାୟତ ସଭାପତି ରମେଶ ମୁଦୁଲି, କେଦାର ବିଶ୍ୱାଳ, ଧର୍ମାନନ୍ଦ ରଥ, ଅଙ୍ଗଦ ନାୟକ, ପ୍ରଶାନ୍ତ ସ୍ୱାଇଁ, ବେଣୁଧର ମହାନ୍ତି, ଜ୍ଞାନେନ୍ଦ୍ର ସ୍ୱାଇଁ, ପ୍ରଭାକର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଓଡିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ସଦସ୍ୟତା ସଂଗ୍ରହ ଅଭିଯାନ

ଜଗତସିଂହପୁର, (ସବ୍ୟୁ) : ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବେରୋଜଗାରୀ, ଅବାଦ୍ଧ ନିଶା କାରବାର, ସାରର ଅଭାବୀ ବିକ୍ରି ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ରାଜ୍ୟରେ ନୂତନ ଭାବେ ଗଢିଉଠିଥିବା ଓଡିଶା ଜନତା କଂଗ୍ରେସ ଦଳ ପକ୍ଷରୁ ଗାନ୍ଧୀଛକ ସ୍ଥିତ କନକ ମଣ୍ଡପ ଠାରେ ସଦସ୍ୟତା ସଂଗ୍ରହ ଅଭିଯାନ ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ଓଡିଶା ଜନତା କଂଗ୍ରେସ ଦଳ ଜଗତସିଂହପୁର ଜିଲ୍ଲା ସଭାପତି ସତ୍ୟଦୀପ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପର୍ଯ୍ୟବେକ୍ଷକ



ପ୍ରସନ୍ନ ବିଶୋଇ, ରାଜ୍ୟ ଉପ ସଭାପତି ବଦ୍ରି ନାରାୟଣ ମହାନ୍ତି, ରାଜ୍ୟ ସମ୍ପାଦକ ତପନ କୁମାର ରାଉତରାୟ, ଜଗତସିଂହପୁର ବ୍ଲକ ସଂଯୋଜକ ସୁଧୀର ରାଉତ ପ୍ରମୁଖ ଯୋଗଦେଇ ଓଡିଶା ଜନତା କଂଗ୍ରେସ ପାଟି ପକ୍ଷରୁ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲାରେ ସଭ୍ୟ ସଂଗ୍ରହ ଅଭିଯାନ ଚାଲିବ । ଜନ ସାଧାରଣଙ୍କ ବିଭିନ୍ନ ସମସ୍ୟାକୁ ନେଇ ଅଗଷ୍ଟ ୫ ତାରିଖରେ ଜଗତସିଂହପୁର ଜିଲ୍ଲା ସଦର ମହକୁମା ଠାରେ ବିରାଟ ଜନ ସମାବେଶ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀ ରେ ମତବ୍ୟକ୍ତ କରିଛନ୍ତି ।

# ପ୍ରଶ୍ନପତ୍ର ଲିକ୍ ଓ ବାରମ୍ବାର ପରୀକ୍ଷା ବାତିଲକୁ ବିରୋଧ

ରଘୁନାଥପୁର,(ସବ୍ୟୁ) : ଦେଶରେ ନିଟ ପ୍ରଶ୍ନପତ୍ର ଲିକ ଓ ବାରମ୍ବାର ପରିକ୍ଷା ବାତିଲକୁ ବିରୋଧ କରି ଦିଲ୍ଲୀ ସ୍ଥିତ ଜନ୍ତରମନ୍ତର ଠାରେ ସିଜେପି ପକ୍ଷରୁ ଆନ୍ଦୋଳନ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକଙ୍କ ନିର୍ଦ୍ଦେଶରେ ୩ଦଫା ଦାବିରେ ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ସ୍ଥାନୀୟ ମଦନମୋହନ ମଠ ନିକଟରୁ ଏକ ପଦଯାତ୍ରାରେ ବାହାରି ଅଟୋ ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ବିଭିନ୍ନ ସ୍ଲୋଗାନ ଦିଆଯାଇ ନିଟ ପ୍ରଶ୍ନପତ୍ର ଲିକ ଓ ବାରମ୍ବାର ପରିକ୍ଷା ବାତିଲକୁ ବିରୋଧକରା ଯାଇଥିଲା । ଏଥିରେ କଂଗ୍ରେସର ଜିଲ୍ଲା ସଭାପତି, ବ୍ଲକ ସଭାପତି, ଦଳୀୟ ପର୍ଯ୍ୟବେକ୍ଷକ ଜିତୁ ନାରାୟଣ ସାହୁଙ୍କ ସମେତ ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଶାନ୍ତ ଦାସ, ବସନ୍ତ ଦାଶ,ମାନସ ଗୋଛାୟତ, ପ୍ରତାପ ସ୍ୱାଇଁ, ତ୍ରୀଲୋଚନ ମହାରଣା, ନାରାୟଣ ନାୟକ,ପ୍ରଦିପ ନାୟକ, ତ୍ରୀଲୋଚନ ରାଉତ, ପ୍ରତ୍ୟୁଷ ନାୟକ,ଶଙ୍କର ବସ୍ତିଆ, ପ୍ରତାପ ସ୍ୱାଇଁ,ବିଭୁ ରଞ୍ଜନ ସ୍ୱାଇଁ, ସୁବାସ ରାଠ ସିଂ, ରାଜ କିଶୋର ସ୍ୱାଇଁ, ପ୍ରଭାତ ରାଉତ,ମୁକ୍ତାର ଅଲ୍ଲୀ, ପ୍ରଦିପ୍ତ ଦାସ,ଶିବ ପ୍ରସାଦ ସାହୁ, ଅଜି ଓଝା,ବିଜୟ ଦାଶ,ତରଣୀସେନ ମହାପାତ୍ର,କିଶୋର ସ୍ୱାଇଁ,ତପନ ନାୟକ ପ୍ରମୁଖ ସାମିଲ ରହିଥିଲେ । ଆଇନଶୃଙ୍ଖଳା ପାଇଁ ରଘୁନାଥପୁର ପୋଲିସ ପକ୍ଷରୁ ଏକ ପ୍ଲାଟୁନ ପୋଲିସ ମୃତୟନ ରହିଥିଲେ ।

# ୨୫ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବଦଳି ଆଦେଶ ସ୍ଥଗିତ

ଯାଜପୁରସଦର, (ସବ୍ୟୁ) : ଯାଜପୁର ଜିଲ୍ଲାପାଳ କାର୍ଯ୍ୟାଳୟ ପକ୍ଷରୁ ପୂର୍ବରୁ ଜାରି ହୋଇଥିବା ୨୫ ଜଣ ପଞ୍ଚାୟତ ନିର୍ବାହୀ l ଅଧିକାରୀ (ପିଇଓ) ଙ୍କ ବଦଳି ଆଦେଶକୁ ଆଜି ହଠାତ ସ୍ଥଗିତ ଘୋଷଣା କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଆଦେଶ ନମ୍ବର-୨୭୦, ତାରିଖ ୨୧.୦୭.୨୦୨୬ରେ ଏନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି । ପୂର୍ବ ବଦଳି ତାଲିକାରେ ସ୍ୱଚ୍ଛତା ଓ ସମାନତା ନେଇ ପ୍ରଶ୍ନ ଉଠିଥିଲା । କେତେକ ପିଇଓଙ୍କୁ ବେନିୟମ ଭାବେ ବଦଳି ପ୍ରକ୍ରିୟାରେ ସାମିଲ କରାଯାଇନଥିଲା । ଏପରି ଅନିୟମିତତା ହୋଇଥିବା ଅଭିଯୋଗ ଉଠିବା ପରେ ତରବରିଆ ଭାବେ ପୂର୍ବ ନିର୍ଦ୍ଦେଶକୁ ବାତିଲ କରାଯାଇଛି ।

୧୭ ଜୁଲାଇରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଦେଶ ନମ୍ବର-୨୪୯ ମାଧ୍ୟମରେ ଜିଲ୍ଲାପାଳ ୩ବର୍ଷ ଗୋଟିଏ ବ୍ଲକରେ ଥିବା ମାନଦଣ୍ଡ ଆଧାରରେ ଏହି ବଦଳି ହୋଇଥିଲା । କେତେକ ବ୍ଲକରେ ୧୭ ବର୍ଷ ଧରି ପିଇଓ ଅବସ୍ଥାପିତ ରହିଥିବା ଦେଖା ଦେଇଥିଲା । ବଦଳି ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଏ ବାବଦରେ ନିରବ ରହିଥିଲା । ବିଳମ୍ବରେ ହେଉ ପଛେ ନୋଟିସ ବାହାରିବା ପରେ ଦୀର୍ଘଦିନ ଧରି ଆସ୍ଥାନ ଜମାଇ ବସିଥିବା ପିଇଓମାନଙ୍କୁ ମୃଦୁ ଝଟକା ଲାଗିଥିଲା ।

ମାତ୍ର ନିର୍ଦ୍ଦେଶର ୪ ଦିନ ପରେ ପ୍ରଶାସନ ରାଜନୈତିକ ହସ୍ତକ୍ଷେପ ପାଇଁ ଜାରି କରିଥିବା ୨୫ଜଣ ପିଇଓଙ୍କ ବଦଳି ନିର୍ଦ୍ଦେଶକୁ ଆଜି ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଘୋଷଣା କରିଛି । ପିଇଓମାନଙ୍କୁ ପୂର୍ବ କାର୍ଯ୍ୟାଳୟରେ ଦାୟିତ୍ୱ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବଦଳି ଆଦେଶ କାର୍ଯ୍ୟକାରୀ ହୋଇଥିଲେ ତାହାକୁ ବାତିଲ ବୋଲି ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଆଦେଶରେ ସ୍ପଷ୍ଟ କରିଛନ୍ତି । ଏ ସମ୍ପର୍କରେ ମତାମତ ପାଇଁ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଯୋଗାଯୋଗ କରାଯାଇଥିଲା, ମାତ୍ର ସେ ଫୋନ ଉଠାଇ ନଥିଲେ ।

# ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ ଅନର୍ଗତ ମଧୁବନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ନୂତନ ବିଜ୍ଞାନ ଶ୍ରେଣୀ ଗୃହ, ବାଳିକା କମନ ରୁମ, ପାଠାଗାର, ପାନୀୟ ଜଳଶୌଚାଳୟ ଆଦିର ଶୁଭ ଉଦଘାଟନ ଉତ୍ସବ ଆଜି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଘଡ଼େଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବ ରେମୁଖ୍ୟ ଅତିଥି ଭାବେ ବିଧାୟକ ଆକାଶ ଦାସ ନାୟକ ଯୋଗ ଦେଇ କଲେଜ ର ଭିତିଭୂମି କୁ ଆହୁରି ବିକଶିତ କରାଯିବା ସହ ୩ ଶ୍ରେଣୀ ଖୋଲିବାପାଇଁ ଚେଷ୍ଟା କରାଯିବ ବୋଲି କହିଥିଲେ ।

ମୁଖ୍ୟବକ୍ତା ଭାବେ ବି ଡି ଓ ସତ୍ୟାନନ୍ଦ ଦାସ, ସମ୍ମାନିତ ଅତିଥି ଭାବେ ବାଗ୍ମୀ ପ୍ରହଲ୍ଲାଦ ପଣ୍ଡା, ପୂର୍ବତନ ଅଧ୍ୟକ୍ଷ ଶଶୀ ଭୂଷଣ ସାହୁ, ପରିବେଶ ବିତ ଗୋପୀନାଥ ପତି ଯୋଗ ଦେଇ ମଧୁବନ କଲେଜ ର ରୂପ ରେଖ ଆଗାମୀ ୩ ବର୍ଷ ମଧ୍ୟରେ ବଦଳିଯିବ ବୋଲି କହିଥିଲେ । ଉତ୍ସବରେ ସମାଜସେବୀ ବିଚିତ୍ରାନନ୍ଦ କର, ଦୁର୍ଯ୍ୟୋଧନ ସାହୁ, ବିଶ୍ୱଜିତ ମହାନ୍ତି, ଶେଷ ଦେବ ରଥ ପ୍ରମୁଖ ବହୁ ମାନ୍ୟ ଗଣ୍ୟ ଉପସ୍ଥିତ ଥିଲେ। ସଭାକୁ ଅଧ୍ୟାପକ ଦେବବ୍ରତ ମହାପାତ୍ର ସଂଯୋଜନା କରିଥିଲେ। ଅଧ୍ୟାପକ ଅଜୟ କୁମାର ଚନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଦୀପ୍ତିମୟୀ ଦାସ, ପ୍ରଣତି ରାଉତ, ନମିତା ଗିରି ଏଂ ଅଧ୍ୟାପକ ଶୁଭେନ୍ଦୁ କୁମାର ପଟ୍ଟନାୟକ ସୁଲୋଚନା ସାହୁ ସହଯୋଗ କରିଥିଲେ ।

# ନିମ୍ନମାନର କାମ ଯୋଗୁଁ ମାଛୁଆତି - ପୁରୁଷୋତ୍ତମପୁର ପ୍ରଧାନମନ୍ତ୍ରୀ ସଡ଼କ ବେହାଲ

ସାଲେପୁର, (ସବ୍ୟୁ) : ସାଲେପୁର ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ତଥା ସାଲେପୁର ସେକ୍ସନ ଅଧିନସ୍ଥ ମାଛୁଆତି- ପୁରୁଷୋତ୍ତମପୁର ଭାୟା ନଇଗୁଆଁ ପ୍ରଧାନମନ୍ତ୍ରୀ ଗ୍ରାମ ସ ଅବସ୍ଥା ଲଗାଣ ବର୍ଷାରେ ବେହାଲ ହୋଇପଡିଛି । ଠିକାଦାରଙ୍କ ନିମ୍ନମାନର ସାମଗ୍ରୀ କାର୍ଯ୍ୟରେ ବ୍ୟବହାର କରି ଯେନତେନ ପ୍ରକାର କରି ପ୍ରାପ୍ୟ ବିଭଗ ଠାରୁ ଉଠାଇ ନେଇଛି । ବର୍ତ୍ତମାନ ବର୍ଷାରେ ଅନେକ ସ୍ଥାନରେ ପିଚୁ ଉଠିଗଲାଣି ।

ସେହିପରି ଉକ୍ତ ରାସ୍ତାର ବଲ୍ଲଭପୁର ରାଜସ୍ୱ ଗ୍ରାମକୁ ସାମ୍ପ୍ରସାରିତ ହୋଇଥିବା ୭୫୦ ମିଟର ଢଳେଇ ରାସ୍ତାରେ ଅନେକ ସ୍ଥାନରେ ଫାଟି ଆଁ କରିଛି, ବର୍ଷା ପାଣି ଏହି ଫାଟରେ ପସିବାରୁ ଏହା ଅଧିକାଂଶ ରାସ୍ତା ମେଲା ହୋଇଗଲାଣ । ବିଭଗୀୟ ଅଧିକାରୀ ଏହି ଦୃଶ୍ୟ ଲୋକଲୋଚନ କୁ ନ ଆସିବାକୁ



ଉକ୍ତ ଫାଟରେ ପିଚୁର ପ୍ରଲେପ ଦେଇଛନ୍ତି । ରାସ୍ତାର ଅନେକ ସ୍ଥାନରେ ଛୋଟ ଛୋଟ ଗଛ ଲତା ମାଡିଗଲାଣି । ବାର୍ଷିକ ମରାମତିରେ ମଧ୍ୟ ଠିକାଦାର ଏହାକୁ ଅଣଦେଖା କରୁଛି, ଯନ୍ତ୍ରୀ- ଠିକାଦାର ମିଳିତ ଭାବେ ଉଦ୍ଦେଶ୍ୟମୂଳକ ଲକ୍ଷ୍ୟରେ କାର୍ଯ୍ୟ କରୁଛନ୍ତି । ପ୍ରତିଦିନ ଉକ୍ତ ରାସ୍ତା ଉପରେ ନଇଗୁଆଁ, ଶିଶୁଆ, ଛାଣିପୁର, ମହଣ, ରାମକୃଷ୍ଣ ପୁର, କଟରପା ପଂଚାୟତର ଜନସାଧାରଣ ଯାତାୟତ କରନ୍ତି,ଉକ୍ତ ଅଂଚଳର ପ୍ରମୁଖ ରାସ୍ତାର ମାନ୍ୟତା ପାଇଥିବା ଏହି ଅବସ୍ଥାରେ ଥିବାରୁ ପଥଚାରୀମାନେ ନାନାଆଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅଞ୍ଚଳବାସୀଙ୍କ ବୃହତର ସ୍ୱାର୍ଥ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତ ମହାନ୍ତିଙ୍କ ସହିତ ଅନେକ ବୁଦ୍ଧିଜୀବୀ ଦୃଢ଼ ଦାବି କରିଛନ୍ତି ।

# ରୂପା ବେଶରେ ଝଟକିଲେ ଶ୍ରୀଜୀଉ: ଦର୍ଶନ କରିବା ଲାଗି ଭକ୍ତଙ୍କ ଭିଡ଼





ରଣପୁର,(ସବ୍ୟୁ): ପବିତ୍ର ହରିଶୟନ ଏକାଦଶୀ ତିଥି ଅବସରରେ ରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ରଣପୁର ରେ ରୁପାବେଶ ଝଟକିଲେ ମହାପ୍ରଭୁ ଦର୍ଶନ କରିବାକୁ ଦିନ ତମାମ ଶ୍ରଦ୍ଧାଳୁ ଭିଡ଼ ଲାଗିରହିଥିଲା ।ପ୍ରାୟ ପଚାଶ ହଜାର ରୁ ଉର୍ଦ୍ଧ ଭକ୍ତ ଙ୍କ ସମାଗମ ହୋଇଥିଲା ।ତେବେ ବାହୁଡା ଦିନ ମହାପ୍ରଭୁ ବଳଭଦ୍ରଙ୍କ ତାଳଧଜ ରଥ ଟଣାଯାଇ ଶ୍ରୀ ମନ୍ଦିର ସମ୍ମୁଖରେ ଲାଗିଥିବା ବେଳେ ଦେବୀ ସୁଭଦ୍ରା ଙ୍କ ଦର୍ପଦଳନ ଓ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଗୁଣ୍ଡିଚା ଖଳ ରେ ଅଟକି ରହିଥିଲା । ପବିତ୍ର ଏକାଦଶୀ ତିଥିରେ ରଥଟଣା ବନ୍ଦ ରହିଥିବା ଯୋଗୁ ସକାଳୁ ସକାଳୁ ତିନି ରଥର ପହଡ ଖୋଲାଯାଇ ସମସ୍ତ ନୀତି ଶେଷ ହେବା ପରେ ଦର୍ଶନ କରିବା ପାଇଁ ଭକ୍ତଙ୍କ ଭିଡ଼ ଲାଗିରହିଥିଲା । ଦର୍ଶନକୁ ଶୃଙ୍ଖଳିତ କରିବା ପାଇଁ ସେବାୟତ ଓ ରଣପୁର ପୋଲିସ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା ।ଆସନ୍ତା କାଲି ଦିନ ୨ଟା ରୁ ରଥଟଣା କାର୍ଯ୍ୟକ୍ରମ ଆରମ୍ଭ ହୋଇ ଲକ୍ଷ୍ମୀ ନାରାୟଣ ଭେଟ ଅନୁଷ୍ଠିତ ହେବ ।

# ଭକ୍ତ ଦାସିଆ ପୀଠରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ତୁଳସୀ ବେଶ

ପିପିଲି ,(ସବ୍ୟୁ): ପଞ୍ଚଦଶ ଶତାବ୍ଦୀର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତ ଶ୍ରେଷ୍ଠ ଦାସିଆଙ୍କ ଜନ୍ମ ଓ ସାଧନା ପୀଠ, ପୁରୀ ଜିଲ୍ଲାରତେଇଶିପୁର ପଞ୍ଚାୟତ ଅଧିନସ୍ଥ ବାଲିଗାଁଠାରେ ଚତୁର୍ଦ୍ଧାର୍ମିମୂର୍ତ୍ତିଙ୍କର ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଅଛି ।ଏହି ଅବସରରେ ଠାକୁରଙ୍କ ମଙ୍ଗଳଆଳତୀ, ସ୍ୱତନ୍ତ୍ରବେଶ, ବାଳଭୋଗ ସହିତ ପାଶ୍ୱର୍ ଦେବାଦେବୀଙ୍କ ଦୈନନ୍ଦିନନୀତିକ୍ରାନ୍ତି ମନ୍ଦିରର ମୁଖ୍ୟପୂଜକ ଲିଙ୍ଗରାଜ ପଣ୍ଡା ଓ ସହାୟକ ପୂଜକ ପ୍ରସନ୍ନ କୁମାର ପଣ୍ଡାଙ୍କ ଦ୍ୱାରା ସମ୍ପର୍ଣ୍ଣହୋଇଥିଲା । ପୂର୍ବାହ୍ନ ୭ଟାରେ ପୀଠସ୍ଥିତ ଭକ୍ତ ଦାସିଆ ତୁଳସୀ ଉଦ୍ୟାନରୁ ସଂଗୃହୀତ ତୁଳସୀ, ପଦ୍ମଫୁଲ ଓ ନଡ଼ିଆକୁଶ୍ରୀକ୍ଷେତ୍ରରେ ରଥାରୁଢ ମହାପ୍ରଭୁଙ୍କୁ ଲାଗି ହେବା ନିମନ୍ତେ ଏକ ସୁସର୍ଜ୍ଜିତ ବିମାନରେ ସନ୍ଥ ରାମ ଶରଣ ଦାସମହାରାଜାଙ୍କ ନେତୃତ୍ୱରେ ଭକ୍ତ ଦାସିଆ ସଂର୍କୀନ ମଣ୍ଡଳୀ ପୁରୀକୁ ଯାତ୍ରା କରିଥିଲେ । ପରେ ଏକ ସ୍ୱତନ୍ତ୍ର ସୁସର୍ଜ୍ଜିତବିମାନର ପବିତ୍ର କରଣ ହୋମକର୍ମରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ତଥା ସମାଜସେବୀ ଅଜୟ କୁମାର ଦାସଓ ତାଙ୍କର ଧର୍ମପନି ଶ୍ରୀମତୀ ସଂଯୁକ୍ତା ମିଶ୍ର କର୍ତ୍ତାକର୍ତ୍ତୀ ଭାବେ ଦାୟିତ୍ୱ ସମ୍ପର୍ଣ୍ଣ କରିଥିଲେ । ମହାପ୍ରଭୁ ଚତୁର୍ଦ୍ଧାର୍ମିମୂର୍ତ୍ତିଙ୍କ ସ୍ୱତନ୍ତ୍ର ତୁଳସୀ ଓପଦ୍ମଫୁଲ ବେଶ ଅତ୍ୟନ୍ତ ମନୋରମ ହୋଇଥିଲା । ମଧ୍ୟାହ୍ନରେ ଭକ୍ତ ଦାସିଆଙ୍କ ପ୍ରସିଦ୍ଧ ପ୍ରିୟ ଜାଉ, ଶାଗ ଓ ପ୍ରସାଦଶ୍ରଦ୍ଧାଳୁମାନଙ୍କୁ ବିତରଣ କରାଯାଇଥିଲା । ଅପରାହ୍ନରେ ନିକଟର୍ବୀ ଅ*ଳରୁ ଆମନ୍ତ୍ରିତ କଳାକାରମାନଙ୍କ ଦ୍ୱାରାଭଜନ କାର୍ଯ୍ୟକ୍ରମ ଶ୍ରୀ ଅଭିମନ୍ୟୁ ପାଣିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ।

# ସଡ଼କ ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର

ନରସିଂହପୁର,(ସବ୍ୟୁ) : ନରସିଂହପୁର ଥାନା ଅନ୍ତର୍ଗତ ନୂଆଗଡ଼ ଗ୍ରାମ ଠାରୁ କିଛି ଦୂରରେ ଶନିବାର ଦିନ ଅନୁଗୋଳରୁ ନିଜ ଘରକୁ ଫେରୁଥିବା ସମୟରେ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଯୁବକ ଗୁରୁତର ହୋଇଛନ୍ତି । ଆହତଙ୍କୁ ପ୍ରଥମେ ନରସିଂହପୁର ଡାକ୍ତରଖାନାରେ ଓପରେ କଟକ ବଡ ସ୍ଥାନାନ୍ତର ହୋଇଛନ୍ତି ।ସୂଚନା ଅନୁଯାୟୀ ନରସିଂହପୁର ଥାନା ଅନ୍ତର୍ଗତ ସରଧାପୁର ପାଟଣା ଗ୍ରାମର ଜିତେନ୍ଦ୍ର ମୁଦୁଲି(୩୧) ଓ ଯୋଡମୁଁ ଗ୍ରାମର ସଞ୍ଜୟ ଗଡ଼ନାୟକ(୨୭) ଦୁଇଜଣ ଅନୁଗୋଳ ଠାରେ ସୋଲାର ସଂଯୋଗୀ କରଣ ପାଇଁ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ । ଶନିବାର ସନ୍ଧ୍ୟାରେ କାମସାରି ନିଜ ଘରକୁ ଏକ ବାଇକ ସାହାଯ୍ୟରେ ଘରକୁ ଫେରୁଥିଲେ । ମାତ୍ର ଦୁର୍ଘଟଣା ଘଟି ବାଇକ ସହିତ ଦୁଇ ଯୁବକ ନରସିଂହପୁର-ଅନୁଗୁଳ ମୁଖ୍ୟ ରାସ୍ତାର ନୂଆଗଡ ଗ୍ରାମ ନିକଟରେ ଅଚେତ ଅବସ୍ଥାରେ ପଡି ରହିଥିଲେ । ସେହି ରାସ୍ତା ଦେଇ ବନବିଭାଗ ବୋଲେରୋ ଫେରୁଥିବା ବେଳେ ଦୁର୍ଘଟଣା ହୋଇ ପ ଦେଖି ପାଖକୁ ଯାଇ ସେଥି ମଧ୍ୟରୁ ଜଣକୁ ଉଦ୍ଧାରକରି ନରସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଏମାନଙ୍କ ମଧ୍ୟରୁ ସରଧାପୂରପାଟଣା ଗ୍ରାମର ଜିତେନ୍ଦ୍ରକୁ ଡାକ୍ତର ମୃତ ଘୋଷଣା କରିଥିଲେ । ଯୋଡମୁଁ ଗ୍ରାମର ସଞ୍ଜୟର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଇଛି ।ଘଟଣା ସ୍ଥଳରେ ନରସିଂହପୁର ପୁଲିସ ପହଁଞ୍ଚି ତଦନ୍ତ ଜାରି ରଖିଥିବା ବେଳେ କୌଣସି ଅଜଣା ଗାଡି ଦୁର୍ଘଟଣା ଘଟାଇ ଫେରାର ହୋଇଯାଇ ଥିବା ଅନୁମାନ କରାଯାଇଛି । ଡାକ୍ତଖାନାରେ ସମିତିସଭ୍ୟ ନିର୍ମଳ କୁମାର ଜେନା ପହଁଞ୍ଚି ସେମାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ନରସିଂହପୁର ଥାନା ଅଧିକାରୀ ତପନ କୁମାର ପତି ମାମଲା ରୁଜୁକରି ତଦନ୍ତ ଜାରିରଖିଛନ୍ତି ।

# ଟାଉନକ୍ଲବ ଆନୁକୂଲ୍ୟରେ ଭଜନ ସମାରୋହ

ରଣପୁର, (ସବ୍ୟୁ): .ଶନିବାର ପବିତ୍ର ଏକାଦଶୀ ତିଥିରେ ନନ୍ଦିଘୋଷ ରଥ ସମୁଖରେ ଟାଉନ କ୍ଲବର ୪୦ତମ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବାଚସ୍ପତି ଶ୍ରୀମତୀ ସୁରୁମା ପାଢ଼ୀ ଭଜନ ସମାରୋହ ମଞ୍ଚକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ରଣପୁର ତହସିଲଦାର ଆର୍ଯ୍ୟ ସର୍ବଦମନ ଏନ.ଏସି ଅଧକ୍ଷା ରଙ୍ଗୀନ ମହାନ୍ତି. ଆଇ ଆଇ ସି. ଆଶିଷ ଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ସୁନାମ ଧନ୍ୟ କଳାକାର ସୌରଭ ଭରଦ୍ୱାଜ ପିନାକୀ ନାୟକ ,ନିଶି ପ୍ରଭା ପାଣି ,ସୌଜନ୍ୟ ରଥ , ସତ୍ୟନାରାୟଣ ମହାପାତ୍ର ପ୍ରାର୍ଥନା ଚାନେଲ ମିୟୁଜିସିୟାନ , କୁମାର ବାପି ଓ ସାଥି କଳାକାରମାନେଯୋଗଦେଇଥବଲେ । ଭଜନ ଶୁଣିବା ପାଇଁ ଶ୍ରୋତା ମାନଙ୍କ ଭିଡ଼ ଜମିଥିଲ । ।ଦୀର୍ଘ ୪୦ବର୍ଷ ଧରି ନନ୍ଦୀଘୋଷ ରଥ ସମୁଖ ରେ ଟାଉନ କ୍ଲବ ତରଫରୁ ଓଡିଶାର ସୁନାମଧନ୍ୟ କଳାକାର କୁ ନେଇ ଭଜନ ସମାରୋହ ଅନୁଷ୍ଠିତ ହୋଇଆସୁଥିବା ବେଳେ ଏହାକୁ ଟାଉନ କ୍ଲବ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ (ଭାଲୁ ଭାଇ )ସଭାପତି ଦୀପ୍ତି ରଞ୍ଜନ ପଟ୍ଟନାୟକ (ଲୁନା ଭାଇ )ଙ୍କ ଦ୍ୱାରା ପରିଚାଳନା ହେଉଥିବାବେଳେ କ୍ଲବ ର ବବୁଲ ରତନା ଜଗା. ମାନସ ଆଦି ସମସ୍ତ ସଦସ୍ୟ ସାହାଯ୍ୟ ସହଯୋଗ କରିଥିଲେ ।

# ଓଲସିଂହରେ ପ୍ରଭୁ ପତିତପାବନ ଦେବଙ୍କ ପବିତ୍ର ବାହୁଡ଼ାଯାତ୍ରା

ନିରାକାରପୁର,(ସବ୍ୟୁ): ଖୋରଧା ଜିଲ୍ଲା ଓଲସିଂହସ୍ଥିତ ପ୍ରଭୁ ପତିତପାବନ ଦେବଙ୍କ ପବିତ୍ର ବାହୁଡ଼ାଯାତ୍ରା ଅତ୍ୟନ୍ତ ଭକ୍ତିମୟ ଓ ଶୃଙ୍ଖଳିତ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଯାଇଛି ।ପାରମ୍ପରିକ ରୀତିନୀତି ଅନୁଯାୟୀ, ପ୍ରଭୁ ବଡ଼ଠାକୁର ଗୁଣ୍ଡିଚା ମା'ଙ୍କ ଘରୁ ବାହାରି ବଜାରସାହିସ୍ଥିତ ମାଉସୀ ମନ୍ଦିରକୁ ବିଜେ କରିଥିଲେ । ସେଠାରେ ପ୍ରଭୁଙ୍କୁ ଶ୍ରଦ୍ଧାର ସହ ପାରମ୍ପରିକ ପୋଡ଼ପିଠା ଭୋଗ ଅର୍ପଣ କରାଯାଇଥିଲା । ଏହି ନୀତିକାନ୍ତି ଦର୍ଶନ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଏବଂ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ସମଗ୍ର ଅଞ୍ଚଳ ଆଧ୍ୟାତ୍ମିକତା ଓ ଭକ୍ତିରସରେ ଉଦ୍ବେଳିତ ହୋଇଉଠିଥିଲା ।ନୀତି ନିର୍ଘଣ୍ଟ ଅନୁଯାୟୀ, ଆଜି ରାତିରେ ପ୍ରଭୁ ମାଉସୀ ମନ୍ଦିରରେ ବିଶ୍ରାମ ନେବେ ଏବଂ ଆସନ୍ତାକାଲି ସକାଳେ ନିଜ କର୍ମଭୂମିକୁ ପ୍ରତ୍ୟାବର୍ତ୍ତନ କରିବେ ।ଏହି ବାହୁଡ଼ାଯାତ୍ରା ଅବସରରେ ଦେବରାଜ ବରିସଲ, ଭାଗବତ ପରିଡା, ଜମ୍ବେଶ୍ୱର ବଇରୀଗଞ୍ଜନ, ନାରାୟଣ ବଇରୀଗଞ୍ଜନଙ୍କ ସମେତ ଜଙ୍କିଆ ଥାନାର ଅଧିକାରୀ ଓ ବିଦ୍ୟୁତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମର ତ%୦ାବଧାନ କରିଥିଲେ । ସେମାନଙ୍କ ସହଯୋଗ ଓ ସକ୍ରିୟ ପରିଚାଳନାରେ ସମଗ୍ର ଯାତ୍ରା ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ଶେଷ ହୋଇଛି ।

# ପୁରୀ ଜାତୀୟ ରାଜପଥରେ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦାଣ୍ଡ ଭୋଗ



ପିପିଲି,(ସବ୍ୟୁ): -ଶନିବାର ପ୍ରଭୁ ଜଗନ୍ନାଥ, ବଳଭଦ୍ର, ମା ସୁଭଦ୍ରାଙ୍କ ସୁନାବେଶ ଓ ଏକାଦଶୀ ତିଥିରେ ବଡଦାଣ୍ଡରେ ଜୀଉ ମାନେ ରଥରୁଢ଼ ଥିବା ଅବସରରେ ଉକ୍ତ ବଡ଼ଦାଣ୍ଡ ସଂଲଗ୍ନ ଭୁବନେଶ୍ୱର ପୁରୀ ଜାତୀୟ ରାଜପଥରେ ବିଭିନ୍ନ ସ୍ଥାନରେ ଲୋକମାନେ ଭକ୍ତି ଭାବର ସହ ଦାଣ୍ଡ ଭୋଗ ଠାକୁରଙ୍କ ଉଦେଶ୍ୟରେ ସମର୍ପଣ କରୁଥିବାର ଦେଖିବାକୁ ମିଳିଛି । କିମ୍ବଦନ୍ତୀ ଓ ଜନସୃତି ରୁ ଜଣାଯାଏ ଉକ୍ତ ରାଜପଥଟି ପୁରୀ ବଡ଼ଦାଣ୍ଡ ସହିତ ସଂଲଗ୍ନ ଥିବାରୁ ଏହାକୁ ଦାଣ୍ଡ ଉପର ବୋଲି କୁହାଯାଉଥିଲା ଏବଂ ଏହାର ନାମ ଜଗନ୍ନାଥ ସଡ଼କ ଭାବେ ପରିଚିତ ଥିଲା । ସେବେଠାରୁ ଲୋକଙ୍କର ବିଶ୍ୱାସ ରହିଛି ।ଏଠାରେ ଭୋଗ କଲେ ଠାକୁରଙ୍କ କରୁଣା ପ୍ରାପ୍ତି ହେବ । ଏବେବି ସେହି ଭକ୍ତିଭାବ ଲୋକଙ୍କ ମଧ୍ୟରେ ରହିଛି । ଶନିବାରଦିନ ଉତ୍ତରା ଛକ, ସିଉଳା ଛକ, ଦେଶପାଟଣା, ପିପିଲି ଆଦି ସ୍ଥାନ ମାନଙ୍କରେ ବହୁ ଲୋକ ବାଟଭୋଗ ସମର୍ପଣ କରୁଥିବାର ଦେଖିବାକୁ ମିଳଥିଲା ।

# ବିନୋଦ ବିହାରୀ ପଲାଇଙ୍କ ତିନି ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରର ହୋଟେଲ ମେଫେୟାର କନଭେନସନ ଠାରେ ଶନିବାର ଦିନ ସୁସାହିତ୍ୟିକ ସ୍ୱର୍ଗତ ବିନୋଦ ବିହାରୀ ପଲାଇଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ୱର୍ଗତ ପଲାଇଙ୍କ ରଚିତ ତିନିଗୋଟି ପ୍ରବନ୍ଧ ଓ ସମାଲୋଚନା ପୁସ୍ତକର ଲୋକାର୍ପଣ ହୋଇଯାଇଛି । ବିଶିଷ୍ଟ ସାହିତ୍ୟିକ ଶାନ୍ତନୁ ଆଚାର୍ଯ୍ୟ ଏହି ଅବସରରେ ମୁଖ୍ୟ ଅତିଥି, ରବିନାରାୟଣ ସେନାପତି ମୁଖ୍ୟବକ୍ତା ଏବଂ 1 ପ୍ରଦୀପ ବିଶାଳ, ରନିକର ରାଉତ ଓ ଉପେନ୍ଦ୍ର ପ୍ରସାଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।ବିନୋଦ ବିହାରୀଙ୍କ ତିନିଗୋଟି ପୁସ୍ତକ "ରଥରେ ଜଗନ୍ନାଥ', "କବିତାର ଅବବୋଧରେ' ଏବଂ "ସାହିତ୍ୟର ସମ୍ବୀକ୍ଷଣ' ଅତ୍ୟନ୍ତ ଉଚ୍ଚକୋଟୀର ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । "ରଥରେ ଜଗନ୍ନାଥ' ଜଗନ୍ନାଥ ଚେତନା ଓ ଦର୍ଶନ ସମ୍ବନ୍ଧୀୟ ଏକ ଉପାଦେୟ ଗ୍ରନ୍ଥ । ଏଥିରେ ଶ୍ରୀ ପଲାଇ ଜଗନ୍ନାଥଙ୍କୁ ସାରା ବିଶ୍ୱର ପାଳନକର୍ତ୍ତା ରୂପେ ଦର୍ଶାଇ ଜଗନ୍ନାଥ କୌଣସି ଏକ ଗୋଷ୍ଠୀର ସମ୍ପତ୍ତି ନୁହେଁ ବୋଲି ଯୁକ୍ତି ବାଢିଛନ୍ତି । ଜଗନ୍ନାଥ ଦର୍ଶନର ଗୂଢତତ୍ତ୍ୱକୁ ସେ ଅତି ସୁନ୍ଦର ଭାବେ ଏହି ପୁସ୍ତକରେ ଚିତ୍ରଣ କରିଛନ୍ତି । "କବିତାର ଅବବୋଧରେ' ଏବଂ "ସାହିତ୍ୟର ସମ୍ବୀକ୍ଷଣ' ଓ ସାହିତ୍ୟର ଦୁଇଟି ସମାଲୋଚନାମୂଳକ ଗ୍ରନ୍ଥ । ଏଥିରେ ପ୍ରାବନ୍ଧିକ ଓ ସମାଲୋଚକ ବିନୋଦ ବିହାରୀ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ବର୍ତ୍ତମାନର ସାହିତ୍ୟ କୌଣସି ବାଦ ମଧ୍ୟରେ ଆବଦ୍ଧ ନହୋଇ ଜୀବନବୋଧର କଥା କହିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ବାଦର ଉପଯୁକ୍ତ ତର୍ଜମା ନହୋଇ ତାକୁ ଭୁଲ ଅର୍ଥରେ ବ୍ୟବହାର କରିବା ଫଳରେ ସାହିତ୍ୟ ବ୍ୟକ୍ତିସର୍ବସ ହୋଇଯାଉଛି ଓ ସମାଜରେ ଗ୍ରହଣୀୟତା ହରାଉଛି । ଏହା ଚିନ୍ତାର ବିଷୟ ଏବଂ ଏ ବିଷୟରେ ତର୍ଜମାର ଆବଶ୍ୟକତା ଅଛି ବୋଲି ଶ୍ରୀ ପଲାଇ ତାଙ୍କର ସମାଲୋଚନା ପୁସ୍ତକରେ ଉଲ୍ଲେଖ କରିଛନ୍ତି । ବିନୋଦ ବିହାରୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ବିନୋଦ ବିହାରୀ ସ୍ମୃତି ପରିଷଦ ତରଫରୁ ପ୍ରଥମ ବିନୋଦ ବିହାରୀ ସ୍ମୃତି ସମ୍ମାନ ବିଶିଷ୍ଟ ସାହିତ୍ୟିକ ଅସିତ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା । ବିନୋଦ ବିହାରୀଙ୍କ ରଚିତ ତିନିଗୋଟି ପୁସ୍ତକର ସମୀକ୍ଷା କରିଥିଲେ ଯୁବ ସାହିତ୍ୟିକ ମଦନ ମହାପାତ୍ର । ବିନୋଦ ବିହାରୀ ସ୍ମୃତି ସଂସଦର ମଧୁସୂଦନ ପଲାଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଡାକ୍ତର ତପନ କୁମାର ପଲାଇ । ଏହି ଅବସରରେ ଆଇ କେୟାର ପ୍ରକାଶନୀର ନରେଶ କୁମାର ବେହେରା, ବିନୋଦ ବିହାରୀଙ୍କ ପରିବାର ସଦସ୍ୟ ଏବଂ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଛାତରୁ ପଡ଼ି ଯୁବକ ମୃତ

ବାଲିପାଟଣା ,(ସବ୍ୟୁ): ବାଲିଅନ୍ତା ଥାନା ଅନ୍ତର୍ଗତ ଗଣ୍ଡିଲ ଗ୍ରାମ ର ଜଗା ଭୋଇ ( ୩୫ ) ଗତ ଶୁକ୍ରବାର ଛାତ ଉପରକୁ ଯାଇ କାମ ହେଉଥିବା ଦେଖିବା ବେଳେ ଭାରସାମ୍ୟ ହରାଇ ତଳକୁ ପଡିଯାଇଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ବାଲିପାଟଣା ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତୀ କରାଯାଇଥିଲା । କିନ୍ତୁ ତାଙ୍କର ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ କ୍ୟାପିଟାଲ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରୁ ଚିକିତ୍ସା ପରେ ସେ ଘରକୁ ଫେରିଥିଲେ । ହେଲେ ଆଜି ପୂର୍ବାହ୍ନ ପୁଣି ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପୁଣି ପରିବାର ଲୋକେ ତାଙ୍କୁ ବାଲିପାଟଣା ଗୋଷ୍ଠିସଓ୍ୱାସ୍ଥ କେନ୍ଦ୍ର କୁ ଆଣିଥିଲେ । ସେଠାରେ ଡାକ୍ତର ପରୀକ୍ଷା ନିରିକ୍ଷା କରିବା ପରେ ତାଙ୍କୁ ମୃତୁ ଘୋଷଣା କରିଥିଲେ । ପରେ ବାଲିଅନ୍ତା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର କୁ ହସ୍ତାନ୍ତର କରିଥିବା ଜଣା ପଡିଛି ।

# ଶିବାଶିଷଙ୍କୁ ବରିଷ୍ଠ ସାମ୍ବାଦିକମାନଙ୍କ ଶୁଭେଚ୍ଛା ଜ୍ଞାପନ



କଣ୍ଟିଲୋ ,(ସବ୍ୟୁ): ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ସର୍ବଭାରତୀୟ ସ୍ତରରେ ଆୟୋଜିତ ନିଟ- ୨୦୨୬ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଥିବା ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ଗ୍ରାମର ମେଧାବୀ ଛାତ୍ର ଶିବାଶିଷ ପାଢୀଙ୍କୁ ବରିଷ୍ଠ ସାମ୍ବାଦିକମାନେ ତାଙ୍କ ବାସଭବନରେ ଶନିବାର ଭେଟି ଶୁଭେଚ୍ଛା ଜଣାଇବା ସହ ତାର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । ଶିବାଶିଷ ନିଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇ କଣ୍ଟିଲୋ ଅଞ୍ଚଳବାସୀଙ୍କ ପାଇଁ ଗୌରବ ଆଣିଥିବା ପରିପ୍ରେକ୍ଷୀରେ କଣ୍ଟିଲୋ ଓ ଖଣ୍ଡପଡ଼ା ଅଞ୍ଚଳରେ କାର୍ଯ୍ୟରତ ଗଣମାଧ୍ୟମର ପ୍ରତିନିଧିମାନେ କୃତି ଛାତ୍ରଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ । କଠିନ ପରିଶ୍ରମ,ପିତା ମାତାଙ୍କ ପ୍ରେରଣା, ଶିକ୍ଷକ ଓ ଇଶ୍ୱରଙ୍କ ଆର୍ଶୀବାଦ ଯୋଗୁଁ ସଫଳତାର ଶୀର୍ଷରେ ସେ ପହଞ୍ଚି ପାରିଛନ୍ତି ବୋଲି ଛାତ୍ର ଜଣକ ସାକ୍ଷାତକାରରେ ପ୍ରକାଶ କରିଥିଲେ । ଶିବାଶିଷ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଅଧ୍ୟାପକ ରମେଶ ଚନ୍ଦ୍ର ପାଢୀ ଓ ବରିଷ୍ଠ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ କରଙ୍କ ଏକମାତ୍ର ପୁତ୍ର ବୋଲି ଜଣାପଡିଛି ।

# ମହାପ୍ରଭୁଙ୍କ ରୂପା ବେଶ

ଦଶପଲ୍ଲା,(ସବ୍ୟୁ): ମହାପ୍ରଭୁ ଙ୍କ ବାହୁଡା ଯାତ୍ରା ର ଦ୍ୱିତୀୟ ଦିବସ ରେ ଦଶପଲ୍ଲା ସ୍ଥିତ ମହାପ୍ରଭୁ ପତିତପାବନଙ୍କ ରୂପାବେଶ ଦେଖିବାକୁ ମିଳିଛି । ରଥା ରୂଢ ହୋଇ ମହାପ୍ରଭୁ ରାପାବେଶ ରେ ସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ସକାଳ ସମୟରେ ଗୀତାଜଜ୍ଞ ଅନୁଷ୍ଠିତ ହୋଇଥିଲା । ପରେ ଅପରାହ୍ନରେ ସ୍ଥାନୀୟ ଗଣେଶ ବଜାର ଠାରୁ ରଥ ଟଣାଯାଇ ଦଶପଲ୍ଲା ର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ରଘୁନାଥ ଜୀଉ ଓ ଶ୍ରୀ ମହାବୀରଙ୍କ ମନ୍ଦିର ସମ୍ମୁଖ ରେ ରଥ ସବୁ ବର୍ଷ ପରି ଅଟକି ରହିଥିଲା । ପରେ ମହାପ୍ରଭୁ ରୂପାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ । ମହାପ୍ରଭୁଙ୍କୁ ରୁପା ମକୁଟ,ଚୁଳ, ବାଇ ଢଙ୍କିଆ ,ବେଳପତ୍ର,ପାଦୁକା, ହସ୍ତ,ଚମ୍ପାହାର,ଶଙ୍ଖ,ଚକ୍ର, ଓ ସୁନାର ନାକଚଣା ପରିଧାନ କରାଯାଇଥିଲା । ସ୍ୱର୍ଗତ ଶିବ ନାରାୟଣ ଶତପଥୀଙ୍କ ସ୍ମୃତିରେ ୩୧ ତମ ଏକାଦଶୀ ସନ୍ଧ୍ୟା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା ।

# ଅନନ୍ତ ବାସୁଦେବଙ୍କ ଜନ୍ମଦିନ ପାଳିତ

ଅସ୍ତରଙ୍ଗ, (ସବ୍ୟୁ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ କଣମଣ ଗ୍ରାମ ତଥା ସେ ଅଂଚଳର ଜମିଦାର,ନାୟକ ପରିବାରଙ୍କ ନିଜସ୍ୱ ଠାକୁର ଅନନ୍ତ ବାସୁଦେବଙ୍କ ଜନ୍ମଦିନ ପବିତ୍ର ବାହୁଡା ତିଥିରେ ଶୁକ୍ରବାର ଦିନ ପାଳିତ ହୋଇ ଯାଇଛି । ସକାଳୁ ଠାକୁରଙ୍କ ବେଢା ଓ ପୂଜା ସ୍ଥଳ ସୁଦ୍ଧ ପୁତ କରାଯାଇ ସକାଳ ୮ଟାରୁ ୧୦ ଟା ପର୍ଯ୍ୟନ୍ତ ପଣ୍ଡିତ ଧଉ କର ଓ ତାଙ୍କ ସାଥିଙ୍କ ଦ୍ୱାରା ହୋମ ଯଜ୍ଞ ସହ ବିଭିନ୍ନ ନୀତି କାନ୍ତି କରାଯାଇଥିଲା । ନାୟକ ପରିବାରର ସଦସ୍ୟ ମାନେ ଚତୁର୍ଦ୍ଧା ମୂର୍ତ୍ତୀ ଙ୍କୁ ଦର୍ଶନ କରି ନିଜ ନିଜର ଶୁଭ ମନାସି ଥିଲେ । ଏହି କାର୍ଯ୍ୟକ୍ରମକୁ ଦିବାକର ନାୟକ, ଦୁଃଶାସହ ନାୟକ,ଉଲ୍ଲାସ ନାୟକ, ପ୍ରମୋଦ ନାୟକ, ଶିରୀଶ ନାୟକ, ଶିବୁନା ନାୟକ, କୈଳାଶ ନାୟକ ହୃଦାନନ୍ଦ ନାୟକ,ସାଇ, ଅଭିନ,ପ୍ରମୁଖ ପରି ଚାଳନା କରିଥିଲେ ।



କଟକର ଗଡିରାଉତପାଟଣା ସ୍ଥିତ ଭକ୍ତଙ୍କ ଗହଳିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ

# ସମସ୍ୟା ଘେରରେ କୁହୁଡ଼ି ରେଳ ଷ୍ଟେସନ

କୁହୁଡ଼ି,(ସବ୍ୟୁ) : ଖୋର୍ଦ୍ଧା ଡିଭିଜନ ଅଧିନସ୍ଥ କୁହୁଡ଼ି ରେଳ ଷ୍ଟେସନ ଅବହେଳିତ ଅବସ୍ଥାରେ ରହିଛି ୧୯୬୪ ମସିହାରେ ସ୍ଥାପିତ ହୋଇଥିବା କୁହୁଡ଼ି ରେଳ ଷ୍ଟେସନ ରେଳ ଉଚ୍ଚ ପଦାଧିକାରୀଙ୍କ ଉଦାସୀନତା ଯୋଗୁଁ ସ୍ଥାନୀୟ ରେଳଯାତ୍ରୀ ଏବେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି କୁହୁଡି ଷ୍ଟେସନରେ ଦ୍ରୁତଗାମୀ ରେଳ ରହଣୀ ହେଉନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଉଛି ପୂର୍ବରୁ ବିଭାଗୀୟ ଅଧିକାରୀ, ରେଳମନ୍ତ୍ରୀ ତଥା ସ୍ଥାନୀୟ ସାଂସଦଙ୍କୁ ବାରମ୍ବାର ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ । ସାଂସଦଙ୍କୁ ଜୁନ ମାସ ୨୧ ତାରିଖ ୨୦୨୨ ମସିହାରେ ଚିଠି ନଂ ୨୦୨୨/୨୨୧୩ ରେ ଏ ନେଇ ରେଳମନ୍ତ୍ରୀଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ । କୁହୁଡ଼ି ରେଳ ଷ୍ଟେସନରେ ଟ୍ରେନ ରହଣି ପୁନର୍ବାର ଅବସ୍ଥାପିତ କରିବାକୁ ରେଳମନ୍ତ୍ରୀଙ୍କୁ ଏହି ପତ୍ରରେ ଅନୁରୋଧ କରିଥିଲେ ।ଏବେ ସୁଦ୍ଧା ଏ ଦିଗରେ ମନ୍ତ୍ରୀ କୌଣସି ପଦକ୍ଷେପ ନେଇ ନଥିବା ଜଣାପଡ଼ିଛି ।ଫଳରେ ସ୍ଥାନୀୟ ଜନସାଧାରଣ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ଏହି ରେଳ ଷ୍ଟେସନ ଉପରେ ଉଭୟ ଟାଙ୍ଗୀ ବ୍ଲକ ଓ ଚିଲିକା ବ୍ଲକର ୧୨ଟା ପଞ୍ଚାୟତର ଲକ୍ଷ୍ୟାଧିକ ଲୋକ ନିର୍ଭର କରିଥାନ୍ତି । ରତନପୁର, କୁହୁଡ଼ି, କୁଞ୍ଜୁରୀ, ମାନସିଂହପୁର, ସୋରଣ, ଚଣ୍ଡେଶ୍ୱର, ହାଟବରଡି, ବିରିବାଡି, ଛକଡିପୁର, ହରିପୁର, ପାରିଓରଡ଼, ରାମଚନ୍ଦ୍ରପୁର ଓ ପଟିଆ ପଞ୍ଚାୟତ ରହିଛି ମହାମାରୀ କୋଭିଡ -୧୯ ପୂର୍ବରୁ ଏଠାରେ ପୁରୀ ତିରୁପତି ଏକ୍ସପ୍ରେସ ଓ ହୀରାଖଣ୍ଡ ଏକ୍ସପ୍ରେସର ରହଣୀ ଥିଲା ।ସଂକ୍ରାମଣ ନିରାପଦ ଦୃଷ୍ଟିରୁ ଏହି ରେଳ ଦ୍ୱୟର ରହଣୀକୁ ବାତିଲ କରାଯାଇଥିଲା ।ପରିସ୍ଥିତି ସ୍ୱାଭାବିକ ହେବା ପରେ ମଧ ଦ୍ରୁତଗାମୀ ରେଳର ରହଣୀ ଏପର୍ଯ୍ୟନ୍ତ ହେଉନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଯାଉଛି । କୁହୁଡ଼ି ରେଳ ଷ୍ଟେସନରେ ଟ୍ରେନ ରହଣି ପାଇଁ ସାମ୍ବାଦିକ, ଶିକ୍ଷକ, ଡାକ୍ତର, ଛାତ୍ରଛାତ୍ରୀ, ଆଇନଜୀବୀ, ବୁଦ୍ଧିଜୀବୀ, ମହିଳାମାନେ, ଯୁବଗୋଷ୍ଠୀ ଓ ସମାଜସେବୀ ମାନଙ୍କ ଦାବି ଦୃଢ଼ ହେବାରେ ଲାଗିଛି ।

# ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ପୁଣିଥରେ "ମନ କୀ ରଥ'

ଚନ୍ଦନପୁର, (ସବ୍ୟୁ) : ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ (ଉଜ୍ଜୀବନ ଏସଏଫବି) ପକ୍ଷରୁ ରଥଯାତ୍ରା ଫ୍ଲାଗସିପ କ୍ୟାମ୍ପେନ "ଭକ୍ତି ର ଡୋରୀ'ର ୩ୟ ସଂସ୍କରଣ ଲଂଚ କରିଛି । ଏହି ଅଭିଯାନ ସମ୍ପର୍କରେ ମତବ୍ୟକ୍ତ କରି ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ମୁଖ୍ୟ ମାର୍କେଟିଂ ଅଧିକାରୀ ଲକ୍ଷବଚ୍ଛ ଭେଲାୟୁଥମ କହିଛନ୍ତି, ଗତବର୍ଷର ମନ କୀ ରଥକୁ ମିଳିଥିବା ପ୍ରତିକ୍ରିୟା ବାସ୍ତବରେ ହୃଦୟସ୍ପର୍ଶୀ ଥିଲା । ଯେତେବେଳେ ଆପଣ ଜଣେ ଗ୍ରାହକଙ୍କୁ ସେମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଭେଟନ୍ତି, ସେତେବେଳେ ସଂଯୋଗ ଏକ କାରବାରଠାରୁ ବହୁ ଆଗକୁ ବଢିଥାଏ । ଚଳିତ ବର୍ଷ ଆମେ ଏହାକୁ ଅଧିକ ବ୍ୟକ୍ତିଗତ କରିବା ପାଇଁ ଟେକ୍ନୋଲୋଜିକୁ ସାଂସ୍କୃତିକ ବାସ୍ତବତା ସହ ଏକତ୍ରିତ କରିଛୁ । ଆମେ ଜଣେ ବ୍ୟକ୍ତିଙ୍କ ଆଶା ପୂରଣ କରିବା ପାଇଁ ବିଶ୍ୱାସର ଏକ ନୂତନ ଭାବନା ସହିତ ଓଡିଶାରେ ଆମର ଗ୍ରାହକ ଓ ସମୁଦାୟଗୁଡିକ ସହ ରଥଯାତ୍ରା ପାଳନ କରିବାକୁ ଚାହୁଁଛୁ ।ଚଳିତ ବର୍ଷର ଏହି କାର୍ଯ୍ୟକ୍ରମ ଏକ ମୋଶନ-ସେନ୍ସିଙ୍ଗ ଟେକ୍ନୋଲୋଜିର ବ୍ୟବହାର କରିଛି । ଯାହା ଅଂଶଗ୍ରହଣକାରୀଙ୍କୁ ଏକ ବ୍ୟକ୍ତିଗତ ଡିଜିଟାଲ ରଥଯାତ୍ରା-ଦଉଡି ଟାଣିବା ଅନୁଭୂତିର କେନ୍ଦ୍ରରେ ସ୍ଥାନିତ କରିଛି । ସାଂସ୍କୃତିକ ପରମ୍ପରା ସହିତ ଟେକ୍ନୋଲୋଜିର ଏକତ୍ରିକରଣକୁ ଏକ ସ୍ମରଣୀୟ, ବହୁ ପିଢି ବିଶିଷ୍ଟ ଅନୁଭୂତି ସୃଷ୍ଟି କରିବା ପାଇଁ ଡିଜାଇନ କରାଯାଇଛି ।ଉଜ୍ଜୀବନ ଏସଏଫବି ଓଡିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପାଳନ କରିବା ପାଇଁ ଲକ୍ଷ୍ୟ ରଖିଥିବା ବେଳେ ଆକାଂକ୍ଷାକୁ ସଶକ୍ତ କରିବା, ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାନୀୟ ସମୁଦାୟ ସହ ଗଭୀର ସଂଯୋଗ ସ୍ଥାପନ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ମଜବୁତ କରିଛି । ଏହି ୫ ଦିନର କାର୍ଯ୍ୟକ୍ରମକୁ ଓଡିଶାରେ ୬ଟି ଉଜ୍ଜୀବନ ଏସଏଫବି ବ୍ରାଂଚଗୁଡିକରେ ଆୟୋଜନ କରାଯିବ: ଭୁବନେଶ୍ୱର ସହିଦ ନଗର ସାମନ୍ତରାପୁର , ଚନ୍ଦ୍ରଶେଖରପୁର ଶାଖା, କଟକ ଓ ଚୌଦ୍ୱାର ଆଦି ୬ଟି ଶାଖା ଦ୍ୱାରା ଆୟୋଜିତ ହୋଇଥିଲା ।

# ପଞ୍ଚାୟତ ସମିତି ସ୍ତରୀୟ ଭିନ୍ନକ୍ଷମ ଚିହ୍ନଟ ଶିବିର




ବୋଲଗଡ଼ ,(ସବ୍ୟୁ): ବୋଲଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସମିତି ସ୍ତରୀୟ ଭିନ୍ନକ୍ଷମ ଚିହ୍ନଟ ଓ ପରାମର୍ଶ ସହାୟତା ଶିବିର ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ବିଡିଓ ସୁମନ ସୁଧା କୁଣ୍ଡୁ ଏହାକୁ ଉଦଘାଟନ କରିଥିଲେ । ସମସ୍ତ ୧୯ ଗୋଟି ପଂଚାୟତରୁ ୨୪୨ ଜଣ ଭିନ୍ନକ୍ଷମ ବ୍ୟକ୍ତି ଶିବିରରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ଶାରୀରିକ ଅନଗ୍ରସର ଭାବେ ୧୧୦ଜଣ , ମାନସିକ ଅନଗ୍ରସର ଭାବେ ୫୫ ଜଣ, ଦୃଷ୍ଟିବାଧିତ ୪୦ ଜଣ ଓ ଶ୍ରବଣ ବାଧିତ ୩୭ ଜଣ ରହିଥିଲେ । ସେମାନଙ୍କ ମଧ୍ୟରୁ ଏ.ଡି.ଏଲ କିଟ ୩ଟା ,ଦୁଇଲ ଚେୟାର ୧ଟି ସମେତ ଅନେକ ସହାୟତା ସାମଗ୍ରୀ ବଣ୍ଟନ କରାଯାଇଥିଲା । ଏହି ଶିବିରକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲିପ କୁମାର ହିଆଲ, ଖୋର୍ଦ୍ଧା ଉପଖଣ୍ଡ ସମାଜିକ ସୁରକ୍ଷା ଅଧିକାରୀ ମିତାଲୀ ମଧୁସ୍ମିତା, ବୋଲଗଡ଼ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପୂଜା ପୁଷ୍ପାଞ୍ଜଳୀ ଖଟେଇ, କନିଷ୍ଠ ସହାୟକ ଦେବ କାନ୍ତ ଗୁରୁ. କାର୍ଯ୍ୟକ୍ରମ ସହାୟକ ମିତା ପ୍ରଧାନ, ଶ୍ରୀକାନ୍ତ ବାରିକ, ଦେବବ୍ରତ ସାହୁ, ଆଲୋକ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

# ଦଶାହରେ ସ୍ମୃତିଚାରଣ

ନିରାକାରପୁର,(ସବ୍ୟୁ): ନିରାକାରପୁର ନନପଡା ସ୍ୱର୍ଗତଃ ମିନତୀ ପଟ୍ଟନାୟକ (୬୫)ଙ୍କ ଦଶାହ ତିଥି ଅବସରରେ ଶନିବାର ଦିନି ଏକ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସେ ସ୍ୱର୍ଗତ ରାଜ କିଶୋର ପଟ୍ଟନାୟକଙ୍କ ଧର୍ମପତ୍ନୀ ଥିଲେ । ।ଏହି ସ୍ମୃତିଚାରଣ ସଭାରେ ସାମ୍ବାଦିକ ଶ୍ୟାମ ସୁନ୍ଦର ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମଟି ଦିବଙ୍ଗତ ଆତ୍ମାଙ୍କ ପରିବାର, ପୁଅ, ବୋହୂ, ଝିଅ ଜୟଶ୍ରୀ ଏବଂ ଜ୍ୱାଇଁ ସଞ୍ଜୟଙ୍କ ସୁଚାରୁ ପରିଚାଳନା ଓ ସହଯୋଗରେ ଶାନ୍ତିପୂର୍ଣ୍ଣ ଭାବେ ସମାପିତ ହୋଇଥିଲା ।


ସମୟ

# ଇତିହାସ ଓ ପ୍ରତ୍ନତତ୍ତ୍ୱର ସମନ୍ୱୟରେ ଲିଖିତ ଅଦ୍ୱିତୀୟ ଉପନ୍ୟାସ 'ଅନୋମାର କନ୍ୟା'



ଭାସ୍କର ପରିଚ୍ଛା

ବିଶିଷ୍ଟ ଓଡ଼ିଆ କଥାକାର ଏବଂ ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଉପନ୍ୟାସ 'ଅନୋମାର କନ୍ୟା' ଆଧୁନିକ ଓଡ଼ିଆ ସାହିତ୍ୟର ଏକ ଉଲ୍ଲେଖନୀୟ ସୃଷ୍ଟି । ୨୦୦୭ ମସିହାରେ ଅପୂର୍ବାଦ୍ୱାରା ପ୍ରକାଶିତ ଏହି ଉପନ୍ୟାସର ଇଂରାଜୀ ଅନୁବାଦ Anoma's Daughter ଶୀର୍ଷକରେ ବିଭାସ ସି. ମହାନ୍ତି ଓ ଲେଖକଙ୍କ ମିଳିତ ପ୍ରୟାସରେ ପ୍ରକାଶିତ ହୋଇଛି । ଇତିହାସ, ପ୍ରତ୍ନତତ୍ତ୍ୱ, ବୌଦ୍ଧ କିମ୍ବଦନ୍ତୀ, ପ୍ରେମ ଏବଂ ରହସ୍ୟର ସମନ୍ୱୟରେ ଗଢ଼ିଉଠିଥିବା ଏହି କୃତି କେବଳ ଏକ ଐତିହାସିକ ଉପନ୍ୟାସ ନୁହେଁ ବରଂ ଅତୀତ ଓ ବର୍ତ୍ତମାନ ମଧ୍ୟରେ ଏକ ସଫଳ ସଂଳାପ ।



ଉପନ୍ୟାସର କେନ୍ଦ୍ରୀୟ ଚରିତ୍ର ରଘୁମିଶ୍ରୀ ନିଜର ଅତୀତ, ବଂଶ ପରିଚୟ ଓ ଜୀବନର ଗୁପ୍ତ ସତ୍ୟର ସନ୍ଧାନରେ ଏକ ଦୀର୍ଘ ଯାତ୍ରାରେ ବାହାରିଥାଏ । ବ୍ୟକ୍ତିଗତ ଅନ୍ୱେଷଣରୁ ଆରମ୍ଭ ହୋଇଥିବା ଏହି ଯାତ୍ରା କ୍ରମେ ଏକ ବ୍ୟାପକ ଐତିହାସିକ ରହସ୍ୟରେ ପରିଣତ ହୁଏ । ଏକ ପ୍ରାଚୀନ ଗୃହ, ଚିରପ୍ରବାହମାନ ନଦୀ ଏବଂ ଅନୋମା ନଦୀ ସହ ସମ୍ପୃକ୍ତ ଜଣେ ଯୁବତୀଙ୍କ ଅବଲମ୍ବନରେ ପରିଣତ ହୋଇଛି ।

ଯଦିଓ ଉପନ୍ୟାସଟି ସ୍ୱାଧୀନତା-ପୂର୍ବ ଓ ସ୍ୱାଧୀନତା-ପରବର୍ତ୍ତୀ ଭାରତର ସାମାଜିକ ଓ ରାଜନୈତିକ ପରିବେଶକୁ ପୃଷ୍ଠଭୂମି କରି ରଚିତ, ତଥାପି ଏହା ସାଧାରଣ ସାମାଜିକ ବାସ୍ତବବାଦର ସୀମାକୁ ଅତିକ୍ରମ କରିଛି । ପୌରାଣିକ ସଙ୍କେତ, କାବ୍ୟିକ ପ୍ରତୀକ ଓ ଦାର୍ଶନିକ ଚିନ୍ତନର ସୁନ୍ଦର ସଂଯୋଜନ ଏହି ଉପନ୍ୟାସକୁ ଏକ ମହାକାବ୍ୟିକ ଗାମ୍ଭୀର୍ଯ୍ୟ ପ୍ରଦାନ କରିଛି । ଏହା ଏକାଧାରରେ ପାରିବାରିକ ଆଖ୍ୟାନ, ପ୍ରେମକାହାଣୀ, ଐତିହାସିକ ରହସ୍ୟ ଓ ସାଂସ୍କୃତିକ ଆତ୍ମପରିଚୟର ଅନ୍ୱେଷଣ ।


ଉପନ୍ୟାସରେ ନଦୀର ବ୍ୟବହାର ବିଶେଷ ଉଲ୍ଲେଖଯୋଗ୍ୟ । ଏହା କେବଳ ଏକ ଭୌଗୋଳିକ ଚିହ୍ନ କିମ୍ବା ଐତିହାସିକ ସ୍ଥାନ ନୁହେଁ ବରଂ ଜୀବନ, ସ୍ମୃତି ଓ ସମୟର ଚିରନ୍ତନ ପ୍ରବାହର ପ୍ରତୀକ । ଏହି ନଦୀ ପ୍ରାଚୀନ ବୌଦ୍ଧ ଇତିହାସକୁ ଆଧୁନିକ ସମୟ ସହ ଯୋଡ଼ିଥାଏ ଏବଂ ସୂଚିତ କରେ ଯେ, ଇତିହାସ କେବେ ବି ସମ୍ପୂର୍ଣ୍ଣ ଅତୀତରେ ବିଲୀନ ହୋଇଯାଏ ନାହିଁ ତାହା ନିରନ୍ତର ବର୍ତ୍ତମାନକୁ ପ୍ରଭାବିତ କରି ଚାଲିଥାଏ ।

ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଭାଷା ଏକାଧାରରେ କାବ୍ୟମୟ ଓ ସଂଯତ । ତାଙ୍କର ଚରିତ୍ରମାନେ କେବଳ ଐତିହାସିକ ଘଟଣାର ବାହକ ନୁହନ୍ତି ସେମାନେ ପ୍ରେମ, ବିଶ୍ୱାସ, ପରିଚୟ ଓ ମାନବୀୟ ସମ୍ପର୍କର ଜଟିଳ ପ୍ରଶ୍ନ ସହ ସଂଘର୍ଷ କରୁଥିବା ଜୀବନ୍ତ ମଣିଷ ମଧ୍ୟ । ଏହି ମାନବୀୟ ସମ୍ବେଦନା ଉପନ୍ୟାସକୁ କେବଳ ବୌଦ୍ଧିକ ଆଲୋଚନାର ସୀମାରେ ଅଟକାଇ ରଖିନଥାଏ ବରଂ ପାଠକଙ୍କ ହୃଦୟକୁ ମଧ୍ୟ ସ୍ପର୍ଶ କରେ ।

'ଅନୋମାର କନ୍ୟା' ପ୍ରକାଶ ପାଇବା ପରେ ସାହିତ୍ୟିକ ମହଲରେ ଉପନ୍ୟାସଟି ବ୍ୟାପକ ପ୍ରଶଂସା ଲାଭ କରିଥିଲା । ଏହା କଥା ଫାଉଣ୍ଡେସନ୍, ନୂଆଦିଲ୍ଲୀର ସମ୍ମାନଜନକ 'କଥା ପୁରସ୍କାର'ରେ ସମ୍ମାନିତ ହୋଇଥିଲା, ଯାହା କି ଉପନ୍ୟାସକୁ କେବଳ ଓଡ଼ିଆ ସାହିତ୍ୟରେ ନୁହେଁ, ସମଗ୍ର ଭାରତୀୟ

## ପୁନରାବଲୋକନ-୨୨

ଜୀବନକାହାଣୀ ପରସ୍ପର ସହ ଏପରି ଭାବେ ଯୋଡ଼ି ହୋଇଯାଏ ଯେ, ତାହା ପାଠକଙ୍କୁ ଇତିହାସ ଓ କଳ୍ପନାର ଏକ ଅନନ୍ୟ ଜଗତକୁ ନେଇଯାଏ । ବୌଦ୍ଧ ପରମ୍ପରା ଅନୁଯାୟୀ, ଅନୋମା ନଦୀ ସେହି ପବିତ୍ର ସ୍ଥାନ, ଯେଉଁଠାରେ ରାଜକୁମାର ସିଦ୍ଧାର୍ଥ ରାଜବେଶ ପରିତ୍ୟାଗ କରି ସତ୍ୟ ଅନ୍ୱେଷଣର ପଥରେ ପଦାର୍ପଣ କରିଥିଲେ । ଏହି ପ୍ରତୀକାତ୍ମକ ଘଟଣାକୁ ଉପନ୍ୟାସର ଆଧାର କରି ଲେଖକ ଏକାଧାରରେ ବ୍ୟକ୍ତିଗତ ଓ ସଭ୍ୟତାଭିତ୍ତିକ ଆଖ୍ୟାନ ରଚନା କରିଛନ୍ତି ।



ଏହି ଉପନ୍ୟାସର ସବୁଠାରୁ ବେଶୀ ସଫଳତା ହେଉଛି ଇତିହାସ ଓ କଳ୍ପନାର ଚମତ୍କାର ସମନ୍ୱୟ । ଗୌତମ ବୁଦ୍ଧଙ୍କ ଜନ୍ମସ୍ଥାନ ଏବଂ ତାଙ୍କ ଜୀବନକୁ ନେଇ ଚାଲିଥିବା ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନ ଓ ବିକଳ୍ପ ଐତିହାସିକ ମତକୁ ଆଧାର କରି ଶାନ୍ତନୁ କୁମାର ଆଚାର୍ଯ୍ୟ ଏକ ଏପରି କାହାଣୀ ଗଢ଼ିଛନ୍ତି, ଯେଉଁଠାରେ ଇତିହାସ କେବଳ ଅତୀତର ନିର୍ଜୀବ ତଥ୍ୟ ନୁହେଁ ବରଂ ଜୀବନ୍ତ ଅନ୍ୱେଷଣର କ୍ଷେତ୍ର । ପ୍ରତ୍ନତାତ୍ତ୍ୱିକ ଆବିଷ୍କାରଗୁଡ଼ିକ କାହାଣୀର ରହସ୍ୟ, ଉତ୍କଣ୍ଠା ଓ ନାଟକୀୟତାକୁ ଆଗକୁ ବଢ଼ାଇବାର ପ୍ରମୁଖ ସାହିତ୍ୟରେ ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି । ଇଂରାଜୀ ଅନୁବାଦ ଏହାର ପାଠକ ପରିଧିକୁ ଆହୁରି ବିସ୍ତୃତ କରିଛି ଏବଂ ପ୍ରମାଣ କରିଛି ଯେ ଇତିହାସ, ସ୍ମୃତି, ପ୍ରେମ ଓ ସାଂସ୍କୃତିକ ଉତ୍ତରାଧିକାର ଭଳି ଏହାର ମୂଳ ବିଷୟବସ୍ତୁ ଭାଷାର ସୀମାକୁ ଅତିକ୍ରମ କରି ସାର୍ବଜନୀନ ଆବେଦନ ସୃଷ୍ଟି କରିଥାଏ ।

'ଅନୋମାର କନ୍ୟା' କେବଳ ଏକ ଐତିହାସିକ ଉପନ୍ୟାସ ନୁହେଁ ଏହା ଇତିହାସ, ପ୍ରତ୍ନତତ୍ତ୍ୱ ଓ କଳ୍ପନାର ସୃଜନଶୀଳ ସମନ୍ୱୟ ମାଧ୍ୟମରେ ସତ୍ୟ, ପରିଚୟ ଏବଂ ମାନବ ସଭ୍ୟତାର ସ୍ମୃତିକୁ ନୂତନ ଭାବେ ଅନ୍ୱେଷଣ କରିଥିବା ଏକ ଅସାଧାରଣ ସାହିତ୍ୟକୃତି ।

ଆଧୁନିକ ଓଡ଼ିଆ କଥା ସାହିତ୍ୟରେ ଏହା ଏଭଳି ଏକ ଉପନ୍ୟାସ, ଯାହା ପ୍ରମାଣ କରେ ଯେ ସାହିତ୍ୟ ଏକାସାଙ୍ଗରେ ଗବେଷଣା, କଳ୍ପନା ଓ ମାନବୀୟ ଅନୁଭବକୁ ଅମର କରିପାରେ ।

**(ଲେଖକ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ସୁଲେଖକ ଭାବେ ପରିଚିତ)**
**ଭୁବନେଶ୍ୱର,ମୋ-୯୩୩୭୫୦୮୫୯୨**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

## ଏ ସପ୍ତାହର ବିଶେଷ କବିତା

### ତୁମେ ସମସ୍ତଙ୍କର



ଶ୍ୟାମ ପ୍ରକାଶ ସେନାପତି

ହେ ପ୍ରଭୁ !
ଓଡ଼ିଆ ଜାତିର ତୁମେ
ଆରାଧ୍ୟ ଈଶ୍ୱର
ଲକ୍ଷ ଲକ୍ଷ ଓଡ଼ିଆଙ୍କ ଗଳାମାଳି
ଭାବର ଠାକୁର
କବି କଳ୍ପନାରେ ତୁମ ଓଠ ଦିଶେ
ତୃତୀୟା ତିଥିର ଜହ୍ନ
ନାଟ୍ୟକାରର ସଂଳାପରେ ତୁମେ
ଅଦୃଶ୍ୟନଟ ପରି ନାଚୁଥାଅ କାଳ କାଳ ।

କେତେବେଳେ ନାଟ ମଣ୍ଡପରେ
ନାଚୁଥିବା ନର୍ତ୍ତକୀର ନୂପୁରରେ
ତୁମେ ଛନ୍ଦ ହୋଇ ନାଚୁଥାଅ ତ
କେବେକେବେ ଗୀତଟିଏ ହୋଇ
ଘୁରି ବୁଲୁଥାଅ ଚିରକାଳ ।


ହେ ଇପ୍ସିତ ଈଶ୍ୱର !
ତୁମେ ମୋ କଲମରୁ
କବିତା ହୋଇ ଝରୁଥାଅ
କାଳ କାଳ ଚିରକାଳ ।

**(ଜଣେ ସୁଲେଖକ ଭାବେ ପରିଚିତ)**

**ସମ୍ପାଦକ - ଅଭିନନ୍ଦନିକା'**
**ସେନାପତି ଭବନ, ବଡ଼ଦାଣ୍ଡ, ପୁରୀ,**
**ମୋ- ୯୩୩୮୧୯୪୪୦୦**



### ଅଧର ପଣାରେ ମନ



ଜେନା ପ୍ରଦୀପ

ତିନିରଥେ ତିନି ଦିଅଁ ବସିଅଛ
ଦେଉଛ ମୁରୁକି ହସା,
ବଡଦାଣ୍ଡେ ଭକ୍ତ ଦେଖିଲେ ବି ଯେତେ
ମରେନାହିଁ କେବେ ତୃଷା ।

ସ୍ୱାଦିଷ୍ଟ ମଧୁର ପଣା ଲାଗିହେବ
ପ୍ରଭୁଙ୍କ ପାଖରେ ଆଜି,
ଅପୂର୍ବ ସେ ଦୃଶ୍ୟ ଦେଖିଥିବେ ଭକ୍ତ
ବିଭୁଙ୍କ ପ୍ରେମରେ ମଜ୍ଜି ।
ଆକାଶରୁ ସିନା ହେଉଥିବ ଖାଲି
ପ୍ରଭୁଙ୍କ କରୁଣା ବର୍ଷା ।

ଦିଆଯାଏ ଢାଳି ପଣାକୁ ରଥରୁ
ଭୂତପ୍ରେତଙ୍କର ପାଇଁ,
ଅଶରୀରିମାନେ ଆକାଶ ମାର୍ଗରେ
ରହିଥାନ୍ତି ପରା ଚାହିଁ ।
କରିଲେ ସେବନ ଅଧର ପଣାକୁ
ହୁଏ ପୂର୍ଣ୍ଣ ମୋକ୍ଷ ଆଶା ।

**ଲକ୍ଷ୍ମୀପାଦ,ପ୍ଲଟ ନଂ-୩ଇ ୧୦୧୮**
**ସେକ୍ଟର ୧୩, ମର୍କତନଗର(କେଡିଏ)**
**କଟକ,ମୋ - ୯୯୩୮୫୨୦୩୭୧**

# ବିଶିଷ୍ଟ ଲେଖିକା ମହାଶ୍ୱେତା ଦେବୀ

## (୧୪ ଜାନୁୟାରୀ ୧୯୨୬ - ୨୮ ଜୁଲାଇ ୨୦୧୬)



ଅଭୟ ଦ୍ୱିବେଦୀ

ମୁଁ ଏଠାରେ କେବଳ ଜଣେ ଲେଖିକା ଭାବେ ନୁହେଁ, ସାକ୍ଷୀ ଭାବେ ଦଣ୍ଡାୟମାନ ହୋଇଛି ଯେଉଁମାନେ ଆମ ସମାଜର ଶେଷ ପାହାଚରେ ନିକ୍ଷେପିତ ହୋଇ ରହିଛନ୍ତି ସେହିମାନଙ୍କ ନିରବ ଯନ୍ତଣାର ସାକ୍ଷୀ । ... ମୁଁ ଦୃଢ଼ତାର ସହ କହିପାରିବି, ସେମାନଙ୍କ କାହାଣୀ ପୁସ୍ତକରେ ପ୍ରକାଶ ପାଇନି, ରକ୍ତ ଓ ସଂଘର୍ଷରେ ଲିପିବଦ୍ଧ ରହିଛି । ଜଣେ ଲେଖକ ସମାଜ-ସଚେତନ ହେବା ଆବଶ୍ୟକ । ସାହିତ୍ୟ ବିଳାସର ସାମଗ୍ରୀ ନୁହେଁ , ବୌଦ୍ଧିକ ଆନନ୍ଦ ପାଇଁ ଉଦ୍ଦିଷ୍ଟ ନୁହେଁ । ଏହାର ଆଭିମୁଖ୍ୟ ରହିଛି: ଜାଗ୍ରତ କରିବା, ପ୍ରଶ୍ନ କରିବା ଓ ପ୍ରତିରୋଧ କରିବା । ଯଦି ଆମେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇବାରେ ବିଫଳ ହେଉ, ତେବେ ଆମ ସାହିତ୍ୟ ମୂଲ୍ୟହୀନ ।

ଏହା ହେଉଛି ୧୯୯୬ ମସିହାରେ ମହାଶ୍ୱେତା ଦେବୀ ଜ୍ଞାନପୀଠ ପୁରସ୍କାର ଗ୍ରହଣ ଅବସରରେ ପ୍ରଦତ୍ତ ଅଭିଭାଷଣର କିଛି ଅଂଶର ଓଡ଼ିଆ ପ୍ରତିଶବ୍ଦ । ସେତେବେଳକୁ ମହାଶ୍ୱେତା ଦେବୀ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସାହିତ୍ୟ ଜଗତର ମହାନାୟିକା ଭାବେ ପ୍ରସିଦ୍ଧି ଅର୍ଜନ କରିସାରିଥିଲେ, ଯାହାଙ୍କର ଲେଖନୀ ସତ୍ୟ ଓ ନ୍ୟାୟର ଶକ୍ତିଶାଳୀ ଅସ୍ତ୍ରରେ ପରିଣତ ହୋଇ ସାରିଥିଲା । କେବଳ ଜଣେ ସାରସ୍ୱତ ସ୍ରଷ୍ଟା ନୁହେଁ, ସେ ଥିଲେ ଅବହେଳିତଙ୍କ ଜୀବନଧାରାର ଲିପିକାର, ବିସ୍ଥାପିତଙ୍କ ଉଚ୍ଚାଙ୍ଗ ସ୍ୱର ଏବଂ ଶ୍ରେଣୀ ସଂଘର୍ଷ ଓ ସଂଗ୍ରାମର ନିର୍ଭୀକ ସାକ୍ଷୀ । ତାଙ୍କର ପ୍ରାୟ ସମସ୍ତ ସାରସ୍ୱତ କୃତି ଜନଜାତି ସଂପ୍ରଦାୟ, ଭୂମିହୀନ ଶ୍ରମିକ ଓ ଅସହାୟଙ୍କ ରକ୍ତାକ୍ତ ସଂଗ୍ରାମକୁ ସାମୂହିକ ଚେତନାର କେନ୍ଦ୍ରରେ ପରିବେଷଣ କରିଥିଲା । ତାଙ୍କ ପାଇଁ ସାହିତ୍ୟ ଥିଲା ପ୍ରତିରୋଧର ଶକ୍ତିଶାଳୀ ଉପକରଣ, ଯାହା ମାଧ୍ୟମରେ ଶୋଷିତଙ୍କ ଜୀବନ ସଂଘର୍ଷ ଓ ମାନବୀୟ ମର୍ଯ୍ୟାଦା ରୂପାୟିତ ହୋଇଥିଲା । ତାଙ୍କର ସାରସ୍ୱତ କୃତି ସାହିତ୍ୟ ଜଗତ ଓ ସାମାଜିକ ନ୍ୟାୟ କ୍ଷେତ୍ରରେ ଯୁଗାନ୍ତକାରୀ ଅବଦାନ ଭାବେ ଜାଜ୍ଜ୍ୱଲ୍ୟମାନ ରହିଥିବ ।

ନିଜ ସାହିତ୍ୟିକ ଜୀବନର ଆଭିମୁଖ୍ୟ ସଂପର୍କରେ ମହାଶ୍ୱେତା ଦେବୀ ଅଗ୍ନିଗର୍ଭ ସଙ୍କଳନର ପ୍ରସ୍ତାବନାରେ ସ୍ପଷ୍ଟ କରିଦେଇଛନ୍ତି - **ମୁଁ ଦେଖିପାରୁଛି ଭୂମିହୀନ,ଅସୁରକ୍ଷିତ ମୋରି ଆପଣାରମାନେ ଭୋକ ଓ ଋଣ ଭାରରେ ଜର୍ଜରିତ ହେଉଛନ୍ତି । ଯେଉଁ ବ୍ୟବସ୍ଥା ସେମାନଙ୍କୁ ଏହି କ୍ରୁର ବନ୍ଧନରୁ ମୁକ୍ତ କରିବାରେ ବିଫଳ ହୋଇଛି, ତାହା ବିରୋଧରେ ମୋ ଅନ୍ତରର ଦୀପ୍ତିମନ୍ତ, ଜ୍ୱଳନ୍ତ ଓ ଆବେଗମୟ କ୍ରୋଧ ହିଁ ମୋ ସମସ୍ତ ସାହିତ୍ୟ ସୃଷ୍ଟିର ଏକମାତ୍ର ଅନୁପ୍ରେରଣା । ମୁଁ ଯଥାସାଧ୍ୟ ସେହିମାନଙ୍କ କଥା ଲେଖି ଚାଲିଛି, ଫଳରେ ଅପରାଧବୋଧ ଓ ଲଜ୍ଜା ବିନା ନିଜର ଅନ୍ତରାତ୍ମାକୁ ସାମ୍ନା କରିପାରିବି ।**

ଏହି ମନ୍ତବ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଉକ୍ତି ରହିଛି । ମହାଶ୍ୱେତା ଦେବୀ ନିଜର କ୍ରୋଧକୁ ଦୀପ୍ତିମନ୍ତ ବୋଲି ବର୍ଣ୍ଣନା କରିଛନ୍ତି ଏହା ତିକ୍ତତା ବା ହତାଶାର ଅନ୍ଧକାରରୁ ଜନ୍ମ ନେଇଥିବା କ୍ରୋଧ ନୁହେଁ ଏହା ଆଲୋକମୟ କ୍ରୋଧ ଯାହା ଆବୃତ ସତ୍ୟକୁ ଉନ୍ମୋଚିତ କରେ । ନିଜ କ୍ରୋଧକୁ ମହାଶ୍ୱେତା ଦେବୀ ଜ୍ୱଳନ୍ତ ଭାବେ ଅଭିହିତ କରିଛନ୍ତି । ଏହା ଏପରି କ୍ରୋଧ ନୁହେଁ, ଯାହା ସମୟର ପ୍ରବାହରେ ଶାନ୍ତ, ନିଷ୍ପ୍ରଭ କିମ୍ବା ଶୀତଳ ହୋଇଯାଏ । ପୁନଶ୍ଚ ନିଜ କ୍ରୋଧକୁ ମହାଶ୍ୱେତା ଦେବୀ ଆବେଗମୟ ବୋଲି କହିଛନ୍ତି । ଏହା ନିର୍ଲିପ୍ତ କିମ୍ବା ନିର୍ବିକାର ନୁହେଁ ଏହା ମୂଳରେ ରହିଛି ଗଭୀର ଭଲ ପାଇବା । ଯେଉଁମାନଙ୍କ ବିଷୟରେ ସେ ଲେଖନ୍ତି, ସେମାନଙ୍କ ପ୍ରତି ଅତୁଟ ଶ୍ରଦ୍ଧା ସେମାନଙ୍କ ମାନବୀୟ ମର୍ଯ୍ୟାଦା,ଅସୀମ ସହନଶୀଳତା ପ୍ରତି ଭଲ ପାଇବା । ତାଙ୍କ ପାଇଁ କ୍ରୋଧ ଓ ପ୍ରେମ ପରସ୍ପର ଠାରୁ ପୃଥକ ନୁହେଁ, ଦୁହେଁ ଏକାକାର ।

ମହାଶ୍ୱେତା ଦେବୀ ନିଜର ପ୍ରତିଟି ସାହିତ୍ୟ କୃତିରେ ଏକ ସୁସଂହତ, ସୁଦୀର୍ଘ ଏବଂ ଆପୋଷହୀନ ଦାର୍ଶନିକ ଦୃଷ୍ଟିକୋଣ ପ୍ରତିପାଦନ କରିଛନ୍ତି , ଯାହାର ମୂଳ ତତ୍ତ୍ୱ ହେଉଛି - ସାହିତ୍ୟ ମନୋରଞ୍ଜନର ମାଧ୍ୟମ ନୁହେଁ, ଅନ୍ୟାୟ ଓ ଶୋଷଣ ବିରୋଧରେ ଏକ ଶକ୍ତିଶାଳୀ ମାରଣାସ୍ତ୍ର, ସମାଜର ବଞ୍ଚିତବର୍ଗଙ୍କ ଅବହେଳିତ ଜୀବନକୁ ଠିକ ଉପସ୍ଥାପନା କରିବା ଜଣେ ଲେଖକର ନୈତିକ ଦାୟିତ୍ୱ, ସଂପନ୍ନବର୍ଗର ଜୀବନଶୈଳୀ ନୁହେଁ । ଏହି ବିଚାରଧାରା ଆଧାରରେ ଆମେ ମହଶ୍ୱେତା ଦେବୀଙ୍କ ସର୍ବାଦୃତ ଉପନ୍ୟାସ 'ଅରଣ୍ୟର ଅଧିକାର' ଏବଂ ଶିହରଣ ସୃଷ୍ଟିକାରୀ ଗଳ୍ପ 'ଦ୍ରୌପଦୀ' ଅନୁଶୀଳନ କରିବା ।

୧୯୭୭ ମସିହାରେ ପ୍ରକାଶିତ ଅରଣ୍ୟର ଅଧିକାର ଉପନ୍ୟାସ ମହାଶ୍ୱେତା ଦେବୀଙ୍କର ମହତ୍ତ୍ୱାଙ୍କାକ୍ଷୀ, ସୃଜନଶୀଳ କୃତି । ଜନଜାତି ଅନ୍ତର୍ଗତ ମୁଣ୍ଡା ସଂପ୍ରଦାୟର କିମ୍ବଦନ୍ତୀ ପୁରୁଷ ବିର୍ସା ମୁଣ୍ଡାଙ୍କ ଜୀବନୀ ଆଧାରିତ ଉପନ୍ୟାସ । ସେ ୧୮୯୯-୧୯୦୦ ମସିହାରେ ଉଲଗୁଲାନ -ମହାବିଦ୍ରୋହର ନେତୃତ୍ୱ ନେଇ ବ୍ରିଟିଶ ଔପନିବେଶିକ ଶାସନ ଓ ଜମିଦାରୀ ବ୍ୟବସ୍ଥା ବିରୋଧରେ ସଂଘର୍ଷ କରିଥିଲେ । କିନ୍ତୁ ଏହାକୁ କେବଳ ଜୀବନୀ ଉପନ୍ୟାସ ଆଖ୍ୟା ଦେଲେ ଉପନ୍ୟାସର ବିଶାଳତା ସଙ୍କୁଚିତ ହୋଇଯିବ । ଏହା ଏକାଧାରରେ ଇତିହାସ, ପୌରାଣିକ ଆଖ୍ୟାନ, ଶୋକଗାଥା ଓ ରାଜନୈତିକ ଘୋଷଣାପତ୍ରର ସମନ୍ୱିତ ପ୍ରତିରୂପ । ଏହି ଉପନ୍ୟାସ ବିଭିନ୍ନ ସ୍ତରରେ ପର୍ଯ୍ୟବସିତ । ପ୍ରତିଟି ସ୍ତର ଭିନ୍ନ ଭିନ୍ନ ପରିପ୍ରେକ୍ଷୀରେ ଏକାଧିକ ଅର୍ଥ ବହନ କରେ । ତେଣୁ ଏହା କେବଳ ଜଣେ ବ୍ୟକ୍ତିଙ୍କ ଜୀବନ କାହାଣୀ ନୁହେଁ, ଏହା ଜନଜାତି ସଂପ୍ରଦାୟର ଅସ୍ତିତ୍ୱ, ପ୍ରତିରୋଧ ଓ ସ୍ୱାଧିକାରର ମହାକାବ୍ୟିକ ଆଖ୍ୟାନ ।

**ଦ୍ରୌପଦୀ : ପ୍ରତିବାଦର ଶାଣିତ ଅସ୍ତ୍ର**

ସଂକ୍ଷିପ୍ତ ଟୀପ୍ପଣୀ ସହ ଏକ ତାଲିକାରୁ କାହାଣୀର ଆରମ୍ଭ । ସେଥିରେ ରହିଛି ପୋଲିସ ରେକର୍ଡ଼ରେ ଥିବା ସନ୍ଦିଗ୍ଧ ନକ୍ସଲଙ୍କ ନାମ ଏବଂ ସେଥିରେ ଦ୍ରୌପଦୀ ମାଝୀଁ ଅନ୍ୟତମ , କାହାଣୀର ମୁଖ୍ୟ ଚରିତ୍ର । ସେ ହେଉଛନ୍ତି ବିଶ୍ୱସାହିତ୍ୟର ସବୁଠାରୁ ଗଭୀର ରାଜନୈତିକ ତାତ୍ପର୍ଯ୍ୟପୂର୍ଣ୍ଣ ଚରିତ୍ରମାନଙ୍କ ମଧ୍ୟରୁ ଅନ୍ୟତମ । କାହାଣୀର ପ୍ରାରମ୍ଭିକ ଅଂଶରେ ମିଲିଟାରୀ ଏବଂ ପୋଲିସ ଦ୍ରୌପଦୀକୁ ଖୋଜି ବୁଲୁଛନ୍ତି ଏବଂ ଜଣେ ସୂଚନାଦାତାଙ୍କ ତଥ୍ୟ ଆଧାରରେ ଆରେଷ୍ଟ କରିଛନ୍ତି । ସାମରିକ ଶିବିରରେ ସେନାନାୟକ ନିର୍ଦ୍ଦେଶ ଦେଇଛନ୍ତି - ରାତିକ ପାଇଁ ତାଙ୍କୁ ଶିବିରରେ ଅଟକ ରଖାଯିବ । ସକାଳ ବେଳକୁ ଦ୍ରୌପଦୀ ଏକାଧିକ ସୈନିକଙ୍କ ଦ୍ୱାରା ଗଣଦୁଷ୍କର୍ମର ଶିକାର ହୋଇଛନ୍ତି । ତାଙ୍କ ଶରୀରରେ ନିର୍ଯାତନାର ଚିହ୍ନ ସ୍ପଷ୍ଟ : କ୍ଷତ, ରକ୍ତ ଏବଂ ଶାରୀରକ ଯନ୍ତ୍ରଣା ଆଉ କୌଣସି ପ୍ରମାଣର ଆବଶ୍ୟକତା ନାହିଁ ।

ଜଣେ ସୈନିକ ଉଲଗ୍ନ ଦ୍ରୌପଦୀକୁ ବସ୍ତ୍ର ଆଣି ଦେଇଛନ୍ତି, ଫଳରେ ସେ ସେନାନାୟକଙ୍କ ସମ୍ମୁଖକୁ ଯିବେ । ଦ୍ରୌପଦୀ ତାହା ପ୍ରତ୍ୟାଖାନ କରିଛନ୍ତି ,ବସ୍ତ୍ରକୁ ଚିରି ଛିଣ୍ଡେଇ ଦେଇଛନ୍ତି । କ୍ଷତାକ୍ତ ,ଆହତ ଓ ଉଲଗ୍ନ ଅବସ୍ଥାରେ ସେ ସେନାନାୟକଙ୍କ ଆଡ଼କୁ ମାଡ଼ି ଆସିଛନ୍ତି । ସେନାନାୟକ ଆଶା କରିଥିଲେ - ବନ୍ଦୀ ଆଦିବାସୀ ମହିଳା ଭୟଭୀତ ହୋଇ ତାଙ୍କ ଠାରୁ କୋଣେ ଦୂରରେ ଲଜ୍ଜାରେ ମଥାନତ କରି ଠିଆ ହୋଇ ରହିବ । କିନ୍ତୁ ଦ୍ରୌପଦୀ ଆଗେଇ ଆସି ସେନାନୟକର ସାମରିକ ପୋଷାକର କଲାର ଧରି ପ୍ରଶ୍ନ କରିଛନ୍ତି-କପଡ଼ାର ଆଉ ଆବଶ୍ୟକତା କଣ ଅଛି ? ତୁମେ ମୋତେ ଉଲଗ୍ନ କରିପାର, କିନ୍ତୁ ଲୁଗା ପିନ୍ଧେଇ ପାରିବ ନାହିଁ । ଦ୍ରୌପଦୀର ଅନ୍ତିମ ବାକ୍ୟରେ ସେନାନାୟକ ହତଚମ୍ଭିତ ହୋଇ ଯାଇଛନ୍ତି । ସେ ଶରୀରକୁ ବନ୍ଦୀ କରିପାରନ୍ତି, କିନ୍ତୁ ଆତ୍ମମର୍ଯ୍ୟାଦାକୁ ନୁହେଁ ।

**ମହାଶ୍ୱେତା ଦେବୀଙ୍କ ଜୀବନ-ନକ୍ସା :**



ଗୋଟିଏ ସ୍ୱଚ୍ଛଳ, ସମ୍ଭ୍ରାନ୍ତ ବଙ୍ଗାଳୀ ପରିବାରରେ ୧୯୨୬ ଜାନୁୟାରୀ ୧୪ ତାରିଖରେ ମହାଶ୍ୱେତା ଦେବୀଙ୍କ ଜନ୍ମ । ତାଙ୍କ ବାପା ମନିଶ ଘାତକ ଥିଲେ ବଙ୍ଗଳା ସାହିତ୍ୟର ପ୍ରସିଦ୍ଧ କବି, ମାତା ଧରିତ୍ରୀ ଦେବୀ ବିଖ୍ୟାତ ଲେଖିକା, ଯିଏ ନୋବେଲ ବିଜୟିନୀ ପର୍ଲ ବକ୍‌ଙ୍କ ଅନେକ ଉପନ୍ୟାସ ବଙ୍ଗଳା ଭାଷାକୁ ଅନୁବାଦ କରିଥିଲେ । ତାଙ୍କ ଦାଦା ରିତ୍ୱିକ ଘାତକ ଥିଲେ ସିନେମା ଜଗତର ଅନ୍ୟତମ ମଉଡ଼ମଣି । ମାତା ଧରିତ୍ରୀ ଦେବୀ ଅଧିକାଂଶ ସମୟ ସମାଜର ଅବହେଳିତ ପିଲାମାନଙ୍କ ପାଠପଢ଼ା ନେଇ ମଗ୍ନ ରହୁଥିଲେ । ତାଙ୍କ ମାମୁଁ ଶଙ୍ଖ ଚୌଧୁରୀ ଥିଲେ ଖ୍ୟାତନାମା ସ୍ଥପତି, ଯିଏ ଥିଲେ ଲଳିତ କଳା ଏକାଡ଼େମୀର ଅଧ୍ୟକ୍ଷ । ମହାଶ୍ୱେତା ଦେବୀଙ୍କ ପରିବାର ଏହିଭଳି ସୃଜନାତ୍ମକ ଅଭିବ୍ୟକ୍ତିର ପ୍ରତିଭାବନ୍ତଙ୍କ ଗହଣରେ ପରିପୂର୍ଣ୍ଣ ଥିଲା ।

୧୯୪୬ ମସିହାରେ ମହାଶ୍ୱେତା ବିଜନ ଭଟ୍ଟାଚାର୍ଯ୍ୟ ନାମକ ଜଣେ ବିଖ୍ୟାତ ଅଭିନେତାଙ୍କୁ ବିବାହ କରିଥିଲେ, ଦୁର୍ଭାଗ୍ୟବଶତଃ ୧୯୬୫ ମସିହାରେ ବିଜନ ଭଟ୍ଟାଚାର୍ଯ୍ୟଙ୍କ ସହ ମହାଶ୍ୱେତା ଦେବୀଙ୍କ ବିବାହ ବିଚ୍ଛେଦ ହେଲା ।୧୯୬୩ ମସିହାରେ ମହାଶ୍ୱେତା କଲିକତା ବିଶ୍ୱବିଦ୍ୟାଳୟରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତ୍ତର ପରୀକ୍ଷାରେ ପାସ କଲା ପରେ ୧୯୬୪-୮୪, ଦୁଇ ଦଶନ୍ଧି କାଳ ଗୋଟିଏ ବେସରକାରୀ କଲେଜରେ ଅଧ୍ୟାପିକା ଭାବେ କାର୍ଯ୍ୟ କରିଥିଲେ । ପରବର୍ତ୍ତୀ ସମୟରେ ଜଣେ ଉଦୀୟମାନ ସାହିତ୍ୟିକ ଅସିତ ଗୁପ୍ତାଙ୍କ ସହିତ ଦ୍ୱିତୀୟ ବିବାହ ତାଙ୍କର ସଂପନ୍ନ ହେଲା, କିନ୍ତୁ ୧୯୭୬ ମସିହାରେ ତାହା ମଧ୍ୟ ବିଚ୍ଛେଦ ଘଟିଲା । ୧୯୬୫ ମସିହାରେ ମହଶ୍ୱେତା ଦେବୀଙ୍କ ଝାଡ଼ଖଣ୍ଡ ରାଜ୍ୟର ପାଲାମୌ ଗସ୍ତ ତାଙ୍କ ଜୀବନ ଓ ସାହିତ୍ୟିକ ଚେତନାରେ ଯୁଗାନ୍ତକାରୀ ମୋଡ଼ ଆଣିଥିଲା । ସେଠାରେ ବନ୍ଧୁଆ ଶ୍ରମିକ ବ୍ୟବସ୍ଥାର ନଗ୍ନ ନିଷ୍ଠୁରତା, ବିଶେଷକରି ନାରୀମାନଙ୍କ ଉପରେ ଚାଲିଥିବା ନିର୍ମମ ଶୋଷଣର ଦୃଶ୍ୟ ତାଙ୍କୁ ଗଭୀର ଭାବେ ଆନ୍ଦୋଳିତ କରିଥିଲା । ସେ ଗାଁ ଗାଁ ପାଦରେ ବୁଲି ସେହିମାନଙ୍କ ଘରେ ରାତି ବିତାଇ ସେହି ବନ୍ଧୁଆ ଶ୍ରମିକମାନଙ୍କୁ ସଂଗଠିତ କରିବାକୁ ଲାଗିଲେ । ପରବର୍ଷ ମହାଶ୍ୱେତା ଦେବୀଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାର ବନ୍ଧୁଆ ଶ୍ରମିକ ଜିଲା ସଦର ମହକୁମା ଡାଲଟନଗଞ୍ଜରେ ଏକତ୍ର ହୋଇ ଜିଲ୍ଲା କମିଶନରଙ୍କୁ ଏହି ବର୍ବର ପ୍ରଥାର ବିଲୋପ ନିମନ୍ତେ ଦାବିପତ୍ର ପ୍ରଦାନ କରିଥିଲେ ।

୧୯୮୦ ମସିହାରୁ ମହାଶ୍ୱେତା ଦେବୀ 'ବର୍ତ୍ତିକା' ପତ୍ରିକା ସଂପାଦନା ଦାୟିତ୍ୱ ଗ୍ରହଣ କଲେ । ତାଙ୍କ ପିତା ଏହା ଆରମ୍ଭ କରିଥିଲେ । କିନ୍ତୁ ମହାଶ୍ୱେତାଙ୍କ ସ୍ପର୍ଶରେ ଏହା ଜୀବନ୍ତ ହୋଇ ଉଠିଲା । ସେ ଏହି ପତ୍ରିକାକୁ ସମାଜର ଅବହେଳିତ ବର୍ଗ ଯଥା: ଆଦିବାସୀ ସଂପ୍ରଦାୟ, ବନ୍ଧୁଆ ଶ୍ରମିକ, ଭୂମିହୀନ କୃଷକ ଏବଂ ସମାଜର ଅନ୍ୟାନ୍ୟ ବଂଚିତବର୍ଗର ସ୍ୱର ଏବଂ ମଂଚରେ ପରିଣତ କରିଥିଲେ ।

୧୯୭୯ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର, ୧୯୮୬ ମସିହାରେ ପଦ୍ମଶ୍ରୀ ସମ୍ମାନ, ୧୯୯୬ ମସିହାରେ ଜ୍ଞାନପୀଠ ପୁରସ୍କାର, ୧୯୯୭ ମସିହାରେ ରମନ୍ ମାଗାସେସେ ପୁରସ୍କାର ଏବଂ ୨୦୦୬ ମସିହାରେ ପଦ୍ମବିଭୂଷଣ ସମ୍ମାନ - ମହାଶ୍ୱେତା ଦେବୀଙ୍କ ଜୀବନର ଉଲ୍ଲେଖନୀୟ ସମ୍ମାନ ଓ ପୁରସ୍କାର ଭାବେ ବିବେଚନା କରାଯାଇ ପାରେ । ୨୦୧୨ ମସିହାରେ ସାହିତ୍ୟରେ ନୋବେଲ ପୁରସ୍କାର ପାଇଁ ତାଙ୍କ ନାମ ମନୋନୀତ ହୋଇଥିଲା । ୨୦୧୬ ମସିହାରେ ତାଙ୍କର ଏକମାତ୍ର ପୁତ୍ରର ଦେହାନ୍ତ ପରେ ସେ ଭାଙ୍ଗି ପଡ଼ିଥିଲେ । ୨୮ ଜୁଲାଇ ୨୦୧୬ ମସିହାରେ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ ସେ ଦେହତ୍ୟାଗ କଲେ ।

ଶତାଧିକ ପୁସ୍ତକର ରଚୟିତା ମହାଶ୍ୱେତା ଦେବୀ ଥିଲେ ସାହିତ୍ୟ ଓ ସାମାଜିକ କର୍ମର ସମନ୍ୱିତ ରୂପ । ମହାଶ୍ୱେତା ଦେବୀଙ୍କ ବ୍ୟକ୍ତିଗତ ଜୀବନ ଗୋଟିଏ କ୍ଲାସିକ ଉପନ୍ୟାସର ମୁଖ୍ୟ ଚରିତ୍ର ଠାରୁ କୌଣସି ଗୁଣରେ ନ୍ୟୁନ ନୁହେଁ । ଶ୍ରେଷ୍ଠ ସାହିତ୍ୟର ମୁଖ୍ୟ ଚରିତ୍ରରେ ଯେଉଁ ନୈତିକ ସଂହତି ପରିଲକ୍ଷିତ ହୁଏ, ତାହା ହିଁ ତାଙ୍କ ସମଗ୍ର ଜୀବନର କଥାବସ୍ତୁ । ପରିସ୍ଥିତିର ଚାପ,ବ୍ୟକ୍ତିଗତ ଆବଶ୍ୟକତା, ସୁଖ ସ୍ୱାଚ୍ଛନ୍ଦ୍ୟର ଆକର୍ଷଣ - ଜୀବନରେ ଅସତ୍ୟ ଓ ଅନୀତି ସହିତ ସାଲିସ କରିବାକୁ ବାଧ୍ୟ କରିଥାଏ, ଫଳରେ ଗୋଟିଏ ଆଦର୍ଶ ପ୍ରତି ବ୍ୟକ୍ତିର ନିରନ୍ତର ପ୍ରତିବଦ୍ଧତା ପ୍ରାୟ ଅସମ୍ଭବ ହୋଇଥାଏ । କିନ୍ତୁ ଏ ସମସ୍ତ କ୍ଷେତ୍ରରେ ମହାଶ୍ୱେତା ଦେବୀ ଜୀବନର କୌଣସି ପରିସ୍ଥିତି ସହିତ ସାଲିସ କରି ନ ଥିଲେ । ପ୍ରାଚୁର୍ଯ୍ୟର ଭଣ୍ଡାର ଭିତରେ ଉତ୍କଟ ଦାରିଦ୍ର୍ୟ , ପାରିବାରିକ ନିଃସଙ୍ଗତା ତାଙ୍କୁ ଆଦର୍ଶରୁ ପଥଚ୍ୟୁତ କରି ନ ଥିଲା ।

ତାଙ୍କ ପାଇଁ ସାଲିସବିହୀନ କ୍ରାନ୍ତି ଥିଲା ଦିବ୍ୟ ଆଧ୍ୟାତ୍ମିକ ଅନୁଭବ । ସେ ଯଦି ନିଜ ଜୀବନକୁ ନେଇ ଏକ ଉପନ୍ୟାସ ଲେଖିଥାନ୍ତେ, ତେବେ ସମାଲୋଚକମାନେ ଉଚ୍ଚସ୍ୱରରେ କହିଥାନ୍ତେ-ଅବିଶ୍ୱସନୀୟ: ଏହା ବିଶ୍ୱାସଯୋଗ୍ୟ ନୁହେଁ । ହୁଏତ ପ୍ରଶ୍ନ କରିଥାନ୍ତେ - ଜୀବନରେ ଏତେ ଯନ୍ତ୍ରଣା, ଏତେ ମୋଡ଼ କଣ ଆସିପାରେ ? ଏତେ ସାହସ ଆସିଲା କେଉଁଠୁ ? ସାରା ଜୀବନ କଣ ଜଣେ ସତରେ ସାଲିସ ବିହୀନ ହୋଇପାରେ? ଏହିଭଳି ଥିଲେ ମହାଶ୍ୱେତା ଦେବୀ । ଏହା ହିଁ ଥିଲା ତାଙ୍କ ଜୀବନ ।

**(ଜନ୍ମ ଶତବର୍ଷରେ ଶ୍ରଦ୍ଧାଞ୍ଜଳି)**

**ଭଦ୍ରାଣୀ, ସାଲନ୍ଦୀ ନଗର,**
**ଭଦ୍ରକ-୭୫୬୧୦୦**
**ମୋ-୯୪୩୭୧ ୯୧୩୫୦**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁନାରେ...

ରଥାରୂଢ଼ ବିଗ୍ରହମାନଙ୍କ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା । ମଙ୍ଗଳଆଳତୀ, ଅବକାଶ, ମଇଲମ, ତଡପଲାଗି, ସନ୍ଧ୍ୟା ଧୂପ ପରେ ସୁନାବେଶ ଆରମ୍ଭ ହୋଇଥିଲା । ସନ୍ଧ୍ୟା ୫ ଟା ୧୦ ରୁ ସୁନାବେଶ ଆରମ୍ଭ ହୋଇ ୬ ଟା ସୁଦ୍ଧା ଶେଷ ହୋଇଥିଲା ।

ଶ୍ରୀବିଗ୍ରହମାନଙ୍କୁ ଶ୍ରୀଭୁଜ, ଶ୍ରୀପୟର, ରତ୍ନପଦକ, ରତ୍ନକିରୀଟ, ଝୁମକା, ମରକତ ମୁକୁଟ, ପଦବନ୍ଧଲ, ମୁଣ୍ଡି, କାନ୍ତିମାଳା, ମରକତ ଜାଉଳି, ବାଲା, ବାହୁଟି, କାନ୍ତି, ଜରିକାନ ଜେରିଆ ଆଦି ସମେତ ୧୩୮ ପ୍ରକାରର ରତ୍ନଖଚିତ ସୁନା ଅଳଙ୍କାରରେ ସୁସଜ୍ଜିତ କରାଯାଇଥିଲା । ସୁନା ବେଶରେ ହିଁ ମହାପ୍ରଭୁଙ୍କ ସନ୍ଧ୍ୟା ଆରତି ଏବଂ ସନ୍ଧ୍ୟା ଧୂପ ନୀତି ସମ୍ପନ୍ନ ହୋଇଥିଲା । ଶ୍ରୀଜଗନ୍ନାଥ ମନ୍ଦିରକୁ ଅଣହିନ୍ଦୁମାନଙ୍କ ପ୍ରବେଶ ନିଷିଦ୍ଧ ଥିବାରୁ ରଥ ଉପରେ ସୁନା ବେଶରେ ବିରାଜିତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତମାନଙ୍କର ବିପୁଳ ଭିଡ଼ ଦେଖିବାକୁ ମିଳିଥାଏ । ଚତୁର୍ଦ୍ଧା ବିଗ୍ରହଙ୍କ ସୁନା ବେଶ ଅବସରରେ ବିପୁଳ ଜନସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଭକ୍ତମାନେ ସୁବିଧାରେ ଦର୍ଶନ କରିପାରିବେ ବୋଲି ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ।

ମହାପ୍ରଭୁଙ୍କ ସୁନା ବେଶ ଦର୍ଶନ ପାଇଁ ଶନିବାର ରାତିଠାରୁ କଟକ, ଭୁବନେଶ୍ୱର, କୋଣାର୍କ ଆଦି ବିଭିନ୍ନ ମାର୍ଗରେ ସାରା ରାତି ଯାନବାହନର ଲମ୍ବା ଧାଡ଼ି ଲାଗି ରହିଥିଲା । ଭୁବନେଶ୍ୱର ପଟୁ ଜାତୀୟ ରାଜପଥରେ ଗାଡ଼ିଗୁଡ଼ିକ ଧୀର ଗତିରେ ଚଳାଚଳ କରୁଥିଲା । ଏତେ ସଂଖ୍ୟକ ଯାନବାହନକୁ ନିୟନ୍ତ୍ରଣ କରିବାରେ ପ୍ରଶାସନକୁ ବେଶ ହଇରାଣ ହେବାକୁ ପଡ଼ିଥିଲା । ମାଳତୀପାଟପୁର ପାର୍କିଂ ସ୍ଥଳରେ ପହଞ୍ଚୁଥିବା ଯାନବାହନଗୁଡ଼ିକୁ ପାର୍କିଂ କରିବା ପାଇଁ ଘଣ୍ଟା ଘଣ୍ଟା ସମୟ ଲାଗୁଥିଲା । ତେଣୁ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଟ୍ରାଫିକ ନିୟମ ପାଳନ କରି ସତର୍କତାର ସହ ଯାତ୍ରା କରିବାକୁ ଅନୁରୋଧ କରାଯାଇଛି । ଭିଡ଼ର ପରିମାଣ ଏପରି ଥିଲା ଯେ, ସକାଳ ୧୦ଟା ସୁଦ୍ଧା ପ୍ରଶାସନ ନିର୍ଦ୍ଧାରିତ ସମସ୍ତ ପାର୍କିଂ ସ୍ଥଳ ଯାନବାହନରେ ପୂର୍ଣ୍ଣ ହୋଇଯାଇଥିଲା । ସକାଳ ୧୧ଟା ପରେ ପହଞ୍ଚୁଥିବା ଭକ୍ତମାନଙ୍କୁ ଗାଡ଼ି ପାର୍କିଂ କରିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ବଡ଼ଦାଣ୍ଡ ଜନସମୁଦ୍ରରେ ପରିଣତ ହୋଇଯାଇଥିଲା । ପୁରୀ ଶ୍ରୀକ୍ଷେତ୍ରରେ ସକାଳୁ ଭାରି ଭିଡ଼କୁ ଦେଖି ପ୍ରଶାସନ ସୁରକ୍ଷା ଦୃଷ୍ଟିରୁ ପୂର୍ବରୁ ଜାରି କରାଯାଇଥିବା ସମସ୍ତ କାର୍ ପାସ୍ ବାତିଲ କରିଦେଇଛି । ଭକ୍ତମାନଙ୍କ ସୁବିଧା ଏବଂ ଭାରି ଜନସମାଗମକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ।

### ଇସ୍ତଫା...

ରାଷ୍ଟ୍ରପତି ତାଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିନେଇଛନ୍ତି । ଦୁଇ ପୃଷ୍ଠା ବ୍ୟାପି ପଠାଇଥିବା ଇସ୍ତଫା ପତ୍ରରେ ସେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ତାଙ୍କ ବିରୋଧରେ ବିକ୍ଷୋଭ କରୁଥିବା ଛାତ୍ରମାନଙ୍କୁ ଯୁବ ବନ୍ଧୁ ବୋଲି ସମ୍ବୋଧନ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ୪ ଦଶନ୍ଧୀରୁ ଅଧିକ ସମୟ ଧରି ଛାତ୍ର ଓ ଶିକ୍ଷାଗତ ସଂସ୍କାର ପାଇଁ ନିଜକୁ ସମର୍ପିତ କରିଆସିଛି । ମୋର ବିଶ୍ୱାସ ଯେ ଗୋଟିଏ ସୁଦୃଢ଼, ସମାବେଶି ଓ ଦୂରଦୃଷ୍ଟି ସମ୍ପନ୍ନ ଶିକ୍ଷା ବ୍ୟବସ୍ଥା ରାଷ୍ଟ୍ରର ଭିତ୍ତିପ୍ରସ୍ତ ସଦୃଶ । ଦେଶର ଯୁବବର୍ଗଙ୍କ ଆକାଂକ୍ଷା, ଭାବନା ଓ ଆଶାକୁ ସମ୍ମାନ କରେ । ଦେଶର ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ଆମ ରାଜନୈତିକ ଓ ସାମାଜିକ ଜୀବନର ପ୍ରତିବଦ୍ଧତା । ମେ' ୩ରେ ଅନୁଷ୍ଠିତ ନିଟ୍ ପରୀକ୍ଷାରେ ଅନିୟମିତତା ହୋଇଥିଲା । ଏହାକୁ ଗୁରୁତ୍ୱ ଦେଇ ଏହାର ତଦନ୍ତ ସିବିଆଇକୁ ଦିଆଯାଇଥିଲା । ପରୀକ୍ଷା ବାତିଲ ହେଲା ଓ ପୁନଃ ପରୀକ୍ଷା ପାଇଁ ତାରିଖ ଘୋଷଣା କରାଗଲା । ଆସନ୍ତାବର୍ଷରୁ ଏହି ପରୀକ୍ଷା କମ୍ପ୍ୟୁଟରଭିତ୍ତିକ ପଦ୍ଧତିରେ କରିବାକୁ ନିଷ୍ପତ୍ତି ନିଆଗଲା ।

୨୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ପରୀକ୍ଷା ପରିଚାଳନା କରିବା ମୁଖ୍ୟ ପ୍ରାଥମିକତା ଥିଲା । ଜୁନ୍ ୨୧ରେ ପରୀକ୍ଷା ସଫଳତାର ସହ ଶେଷ ହୋଇଥିଲା । ପରୀକ୍ଷା ମାଫିଆଙ୍କ ଦ୍ୱାରା ଯେପରି କୌଣସି ଶିକ୍ଷାର୍ଥୀଙ୍କ ଭବିଷ୍ୟତ ନଷ୍ଟ ନ ହୁଏ ଓ କୌଣସି ଶିକ୍ଷାର୍ଥୀ ଅନ୍ୟାୟର ଶିକାର ନ ହୁଅନ୍ତି ସେଥିପାଇଁ ଦୃଢ଼ ସଙ୍କଳ୍ପ ଥିଲେ । ତଥାପି ଏହି ସମୟରେ ମଧ୍ୟ କେତେକ ଦାୟିତ୍ୱବାନ ପଦବୀରେ ଥିବା ବ୍ୟକ୍ତିବିଶେଷ ପ୍ରତିବନ୍ଧକ ସୃଷ୍ଟି କରିବାକୁ ଚାହିଁଲେ । ଛାତ୍ରଛାତ୍ରୀଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କଲେ । ଭାରତର ଯୁବଶକ୍ତି ହିଁ ରାଷ୍ଟ୍ରର ପ୍ରକୃତ ଶକ୍ତି । ୧୦ ଦିନର ଘଟଣାବଳୀ ମୋତେ ବ୍ୟଥିତ କରିଛି । ଯୁବବର୍ଗଙ୍କୁ ଭ୍ରମାତ୍ମକ ଜାଲରେ ଫଶାଇ ନଦେବା ମୋର ସଙ୍କଳ୍ପ । ଯନ୍ତର ମନ୍ତର ଓ ସାରା ଦେଶରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦେଶ ବିରୋଧୀ ଶକ୍ତିମାନେ ଯେପରି ଏହାର ଫାଇଦା ନ ନିଅନ୍ତି ଓ କୌଣସି ଭାରତୀୟ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଯେପରି ଆଇନ୍‌ଗତ ଜଟିଳତାରେ ଫଶି ନ ରହେ ଏବଂ ଆମ ପିଲାମାନେ ନିଜ ପାଠପଢ଼ାରେ ଧ୍ୟାନ ଦେଇ କ୍ୟାରିୟର ଗଢ଼ିବା ଉପରେ ଫୋକସ କରିବେ ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ମୋର ଇସ୍ତଫା ପତ୍ର ପଠାଉଛି । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ, ବିଶ୍ୱାସ ଓ ସହଯୋଗ ଲାଗି ତାଙ୍କୁ କୃତଜ୍ଞତା ଜଣାଉଛି । ଦେଶ ସେବା ମୋ ଜୀବନର ପ୍ରାଥମିକତା । ଆଗାମୀ ଦିନରେ ମା' ଭାରତୀ ଓଡ଼ିଶାବାସୀ ଓ ଦେଶର ଯୁବବର୍ଗଙ୍କ ଆକାଂକ୍ଷା ପୂରଣ କରିବା ପାଇଁ ସମ୍ଭାବ୍ୟ ସବୁ ମାର୍ଗରେ ନିଜକୁ ସମର୍ପିତ କରି ରଖିବି ବୋଲି ଉଲ୍ଲେଖ କରିଛନ୍ତି ।

### ଦୁର୍ଘଟଣାରେ...

ନିଶା ମହାପାତ୍ରଙ୍କୁ ଜୁପିଟର କଲେଜରୁ ବାଇକରେ ବସାଇ ଘରକୁ ଯାଉଥିଲେ । ଗଙ୍ଗପଡା ଛକରେ ଏକ ହାଇୱା ଜାତୀୟ ରାଜପଥରେ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ବାପ -ଝିଅଙ୍କ ମୃତ୍ୟୁ ହୋଇଥିବା ବେଳେ ଧକ୍କା ଦେବା ହାଇୱା ଘଟଣା ସ୍ଥଳରୁ ଖସିଯାଇଥିଲା । ଏହି ଖବର ତାଙ୍କ ଗାଁରେ ପହଞ୍ଚିବା ପରେ ଶତାଧିକ ଲୋକ ଘଟଣା ସ୍ଥଳକୁ ଆସିଥିଲେ ।

ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ଏକତ୍ରିତ ହେବା ଫଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । କେବଳ ଉତ୍ତେଜନା ପ୍ରକାଶ ପାଇଲା ତାହା ନୁହେଁ ଉତ୍ୟକ୍ତ ଲୋକେ ଶବ ରଖି ଜାତୀୟ ରାଜପଥକୁ ଦୁଇଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅବରୋଧ କରିଥିଲେ । ଡିସିପି ଜଗମୋହନ ମୀନା ଫୋର୍ସ ସହ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । ଏହି ଖବର ପାଇ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହ ୪ ଲକ୍ଷ ଲେଖାଏଁ ଟଙ୍କା ସହାୟତା ଘୋଷଣା କରିଛନ୍ତି । ଏହା ପରେ ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ ହଟିଥିଲେ । ଇନ୍‌ଫୋସିଟି ଥାନା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅପମୃତ୍ୟୁ ମାମଲାର ରୁଜୁ କରି ତଦନ୍ତ କରୁଛି ।

### ମାଓବାଦୀ...

ଡମ୍ପ ଥିବା ଜାଣିବାକୁ ପାଇଥିଲେ । ପରେ ସୁରକ୍ଷା ବାହିନୀ ଉକ୍ତ ଡମ୍ପକୁ ଜବତ କରିଥିଲେ । ଜବତ ସାମଗ୍ରୀ ମଧ୍ୟରେ ୩ଟି ଆଇଇଡି ବୋମା, ୩୨ଟି ଜିଲେଟିନ୍ ଷ୍ଟିକ୍, ୧୧ଟି ଡିଟୋନେଟର, ୫୦୦ ଗ୍ରାମ ଗନ୍ ପାଉଡର, ୩ ମିଟର କୋଡେକ୍ସ ତାର, ଗୋଟିଏ ଛୋଟ ସୋଲାର ପ୍ୟାନେଲ, ଗୋଟିଏ ରେଡିଓ, ୨ଟି ଟର୍ଚ୍ଚ ଲାଇଟ୍, ଗୋଟିଏ ଜେଟ୍ ସ୍ପ୍ରେ ପାଇପ୍ ଏବଂ ୨୫ ମିଟର ବିଦ୍ୟୁତ୍ ତାର ରହିଛି । ଏକଦା ଜୋଡାମ୍ବ ଥାନା ଅଞ୍ଚଳ ମାଓବାଦୀଙ୍କ ଦୁର୍ଗ ଭାବରେ ପରିଚିତ ଥିଲା । ପୋଲିସ ଓ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ କରିବା ଉଦ୍ଦେଶ୍ୟରେ ମାଓବାଦୀମାନେ ଏହି ବିସ୍ଫୋରକ ସାମଗ୍ରୀ ଜଙ୍ଗଲରେ ଲୁଚାଇ ରଖିଥିଲା ବୋଲି ବିଏସ୍‌ଏଫ୍ ତରଫରୁ କୁହାଯାଇଛି ।

### ୫ ଦିନ...

ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଗୋଟିଏ ଦୁଇଟି ସ୍ଥାନରେ ହେବାର ସମ୍ଭାବନା ରହିଛି । ସେହିଭଳି ଯାଜପୁର, କଟକ, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୁଳ, ଢ଼େଙ୍କାନାଳ ଓ ମୟୂରଭଞ୍ଜ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଥିବାବେଳେ ୧୩ ଜିଲ୍ଲା ଲାଗି ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ୨୮ ତାରିଖ ଲାଗି ମଧ୍ୟ ୬ ଜିଲ୍ଲାକୁ ଅରେଞ୍ଜ, ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି ।

### ସିଜେପିର...

ନେଇ ଲିଖିତ ଗ୍ୟାରେଣ୍ଟି ପ୍ରଦାନ କରିଛନ୍ତି । ଆମେ ଆଶା କରୁଛୁ ଯେ ମଙ୍ଗଳବାର ସୁଦ୍ଧା ଏତଲା ନେଇ ଏହି ଗ୍ୟାରେଣ୍ଟି ଆମକୁ ମିଳିବ । କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା କହିଥିଲେ ଯେ ସରକାର ସିଜେପି ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଅନୁଧ୍ୟାନ କରିଛନ୍ତି । ଶିକ୍ଷା ସଂସ୍କାର ନେଇ ଦିଆଯାଇଥିବା ସଂସ୍କାର ସମ୍ପର୍କରେ ସିଜେପି ପ୍ରତିନିଧିଙ୍କ ସହ ଆଲୋଚନା କରାଯିବ । କ୍ଷତିପୂରଣ ପ୍ରଦାନ ପ୍ରସଙ୍ଗକୁ ମଧ୍ୟ ଆଲୋଚନା କରାଯିବ । ସିଜେପି ପକ୍ଷରୁ ୧ କୋଟି ଟଙ୍କା କ୍ଷତିପୂରଣ ଦାବି କରାଯାଇଛି । ସିଜେପି ମୁଖପାତ୍ର ଆଶୁତୋଷ ରଙ୍କା କହିଛନ୍ତି ଯେ ନିୟମ ଅନୁଯାୟୀ କ୍ଷତିପୂରଣ ଦେବାକୁ ସରକାର ରାଜି ହୋଇଛନ୍ତି ।

# ବମ୍ବେ ଆଇଆଇଟିରେ ପଢ଼ିବେ କୁଆଁରିଆ ବାସ୍କେ



ବାଲେଶ୍ୱର, (ସବ୍ୟୁ): ଇଚ୍ଛା ଶକ୍ତି ଆଗରେ ହାର ମାନିଛି ଦାରିଦ୍ରତା । ଦାରିଦ୍ରତାକୁ ମାତ୍ ଦେଇ ଶିକ୍ଷାରେ ସଫଳତାର ଶୀର୍ଷକୁ ଯାଇ ପାରିଛନ୍ତି ଆଦିବାସୀ ଛାତ୍ର କୁଆଁରିଆ ବାସ୍କେ । ବାଲେଶ୍ୱର ସଦର ବ୍ଲକ ଅଧିନ କଶାଫଳ ପଞ୍ଚାୟତ ଗଡ଼ାଡି ବାଘୁଆ ଆଦିବାସୀ ସାହିର ଶ୍ୟାମସୁନ୍ଦର ବାସ୍କେ ଏବଂ ସୁକାନ୍ତି ବାସ୍କେଙ୍କ ପୁତ୍ର ହେଉଛନ୍ତି କୁଆଁରିଆ ବାସ୍କେ । ମୋବାଇଲରେ ଫ୍ରି କୋଚିଂ ଭିଡିଓ ଦେଖି ଆଇଆଇଟି ବମ୍ବେ ପାଇଁ ମନୋନୀତ ହୋଇଛନ୍ତି । ଲଗାତାର ତିନି ତିନି ଥର ଆଇଆଇଟି ଶିକ୍ଷା ପାଇଁ ମନୋନୀତ ହୋଇଥିଲେ ମଧ୍ୟ ଆଡମିଶନ୍ ପାଇଁ ଅର୍ଥ ସାଜିଛି ବାଧକ । ୨୦୨୪ ମସିହାରେ ଶ୍ରୀ ବାସ୍କେ ସର୍ବ ଭାରତୀୟ ସ୍ତରରେ ୫୪୩୫ ରଙ୍କ ହାସଲ କରି ଆଇଆଇଟି ଜାମ୍ ପାଇଁ ମନୋନୀତ ହୋଇଥିବା ବେଳେ ୨୦୨୫ ମସିହାରେ ପୁଣି ୪୩୧୦ ର଼୍ୟାଙ୍କ ହାସଲ କରି ଆଇଆଇଟି ଜାମ୍ ଅଧ୍ୟୟନ ପାଇଁ ମନୋନୀତ ହୋଇଥିଲେ । ତେବେ ପିତା ଶ୍ୟାମସୁନ୍ଦର ଦିନ ମଜୁରିଆ ହୋଇଥିବାରୁ ପୁଅର ନାମଲେଖା ଅର୍ଥ ଯୋଗାଡ କରିବାରେ ଅସମର୍ଥ ହୋଇଥିଲେ । କିନ୍ତୁ ପୁଅ କୁଆଁରିଆ ଯେପରି ଜୀବନରେ ହାର ମାନିବାକୁ ପ୍ରସ୍ତୁତ ନ ଥିଲେ । ଚଳିତ ବର୍ଷ ୨୦୨୬ ମସିହାରେ ତୃତୀୟ ଥର ଆଇଆଇଟି ଜାମ୍ ପରୀକ୍ଷା ଦେଇ ସର୍ବ ଭାରତୀୟ ସ୍ତରରେ ୩୫୬୩ ରେଙ୍କ ହାସଲ କରି ଆଇଆଇଟି ବମ୍ବେରେ ଆଡମିଶନ୍ ପାଇଁ ମନୋନୀତ ହୋଇଛନ୍ତି । ତେବେ ଚଳିତ ଥର କିଛି ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ କୁଆଁରିଆ ବାସ୍କେ ଏବେ ମୁମ୍ବାଇ ସହରର ଆଇଆଇଟି ବମ୍ବେ ଠାରେ ଆଡମିଶନ୍ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ କଶାଫଳ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସବ୍ୟସାଚି ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଆଦିବାସୀ ଫାଉଣ୍ଡେସନ ର ଗୁରୁଲ ନିର୍ଦ୍ଦେଶକ ଚନ୍ଦନ ପାତ୍ର, ମୁଖ୍ୟବକ୍ତା ଭାବେ ଯୁବ ନେତା ବିକ୍ରମ ପଣ୍ଡା , ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଶିବାନନ୍ଦ ପାତ୍ର, ସିଆରସିସି ପ୍ରଦୀପ କୁମାର ଟୁଡୁ, ପ୍ରଧାନଶିକ୍ଷକ ରଘୁନାଥ ଟୁଡୁ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦକ୍ଷିଣ ମୁର୍ମୁ, ଫାର୍ମାସିଷ୍ଟ ସତ୍ୟନାରାୟଣ ହୋତା, ସୁକୁଲ ମାରାଣ୍ଡି, ଶିକ୍ଷକ ପ୍ରଭାସ ଚନ୍ଦ୍ର ମାଝୀ , ବରେନ୍ଦ୍ର କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ର କୁଆଁରିଆ ବାସ୍କେଙ୍କୁ ଚେକ୍,ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ପୃଷ୍ଟି ମଞ୍ଚ ଆହ୍ୱାନ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ । ଗରିବ ମେଧାବୀ ଛାତ୍ର କୁଆଁରିଆ ବାସ୍କେ ଙ୍କ ଶିକ୍ଷା ପାଇଁ ରାଜ୍ୟ ସରକାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ । ତେବେ ମେଧାବୀ ଛାତ୍ର କୁଆଁରିଆ ବାସ୍କେଙ୍କୁ ଆଇଆଇଟି ଶିକ୍ଷାରେ ସହଯୋଗ କରିବାକୁ ଚାହୁଁଥିବା ସହୃଦୟ ବ୍ୟକ୍ତି ୭୦୬୪୨୧୫୪୬୩ ମୋବାଇଲ ନମ୍ବରରେ ଯୋଗାଯୋଗ କରିପାରିବେ ।

## ସୁନାବେଶ ଲାଗି ନୂଆ ଜଗନ୍ନାଥ ସଡ଼କରେ ପ୍ରବଳ ଭିଡ଼

ନିରାକାରପୁର,(ସବ୍ୟୁ):ପବିତ୍ର ସୁନାବେଶ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ବେଶ ଦର୍ଶନ ପାଇଁ ପୁରୀ ଅଭିମୁଖେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନ ଯୋଗୁଁ ନୂଆ ଜଗନ୍ନାଥ ସଡ଼କରେ ଅଭୂତପୂର୍ବ ଭିଡ଼ ଦେଖିବାକୁ ମିଳିଛି । ତେବେ ନିରାକାରପୁର ରେଳ ଫାଟକ ନିକଟରେ ଟ୍ରାଫିକ ସମସ୍ୟା ଜଟିଳ ରୂପ ଧାରଣ କରିବାରୁ ପୁରୀ ଯାଉଥିବା ଶ୍ରଦ୍ଧାଳୁ ଓ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ।ଟ୍ରାଫିକ ନିୟନ୍ତ୍ରଣ ଓ ଯାନବାହାନ ସୁଚାରୁ ରୂପେ ଚଳାଚଳ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ରେଳ ଫାଟକ ବାରମ୍ବାର ବନ୍ଦ ହେବା ଫଳରେ ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା । ଟ୍ରେନ ଚଳାଚଳ ଯୋଗୁଁ କ୍ରମାଗତ ଭାବେ ଲେଭଲ କ୍ରସିଂ ଫାଟକ ପଡ଼ିରହିବାରୁ ଉଭୟ ପାଖର୍ରେ ଶହ ଶହ ଗାଡ଼ି ଅଟକି ରହିଥିଲା । ଦେଖୁ ଦେଖୁ ନିରାକାରପୁର ରେଳ ଫାଟକଠାରୁ ଆରମ୍ଭ କରି ରାମେଶ୍ୱର ପର୍ଯ୍ୟନ୍ତ ଲମ୍ବା ଧାଡ଼ିରେ ଗାଡ଼ିଗୁଡ଼ିକ ଛିଡ଼ା ହୋଇ ରହିବାର ଦୃଶ୍ୟ ଦେଖିବାକୁ ମିଳିଥିଲା ।ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ୍‌ରେ ଅଟକି ରହିବା ଯୋଗୁଁ ଛୋଟ ଶିଶୁ, ମହିଳା ଓ ବୃଦ୍ଧ ଶ୍ରଦ୍ଧାଳୁମାନେ ପ୍ରବଳ ଆକୁଳତା ଓ କଷ୍ଟ ସଓ୍ୱୀକାର କରିଥିଲେ । ପୋଲିସ କର୍ମଚାରୀମାନେ ଉପସ୍ଥିତ ରହି ଭିଡ଼ ହଟାଇବାକୁ ନିରନ୍ତର ଉଦ୍ୟମ ଚଳାଇଥିଲେ ବି ରେଳ ଫାଟକର ବାରମ୍ବାର ବନ୍ଦ-ଖୋଲା ଯୋଗୁଁ ଟ୍ରାଫିକ ସ୍ୱାଭାବିକ ହେବାରେ ବିଳମ୍ବ ହୋଇଥିଲା । ଏହି ଗୁରୁତ୍ୱପୂର୍ଣ୍ଣ ସଡ଼କରେ ଜାମ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଓ ଯାତ୍ରୀମାନେ ଦାବି କରିଛନ୍ତି ।

## ମଣିନାଥପୁର ଏନ୍‌କେପି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ବ୍ଲକ ମଣିନାଥପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୦୨୬ ମସିହାରେ ଏକାଦଶ ଶ୍ରେଣୀରେ ନାମଲେଖାଇଥିବା ଛାତ୍ରଛାତ୍ରୀଙ୍କ ଗୁରୁବାର ପ୍ରବେଶ ଉତ୍ସବ ଅଧ୍ୟକ୍ଷ ସମୀର କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସଞ୍ଜିବ କୁମାର ମଲ୍ଲିକ ଯୋଗଦେଇଥିଲା ବେଳେ ଅବସରପ୍ରାପ୍ତ ଅଧ୍ୟାପକ ଅନାଦି ଚରଣ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି, ସମ୍ପାଦକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଧାୟକଙ୍କ ହାତପାଣ୍ଠି ଅର୍ଥରୁ ଏକଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ପାଠ୍ୟପୁସ୍ତକ କ୍ରୟ କରାଯାଇ ଛାତ୍ରଛାତ୍ରୀଙ୍କୁ ବିତରଣ କରାଯାଇଥିଲା । ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନେ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଚନ୍ଦନ ଚର୍ଚ୍ଚିତ କରି ସ୍ୱାଗତ କରିଥିଲେ । ବରିଷ୍ଠ ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ନାତୋକତ୍ତର ଶିକ୍ଷକ ପ୍ରଦୀପ କୁମାର ପଟ୍ଟାୟତ, ସତ୍ୟବ୍ରତ ରାହୁଲ, ରାଜେଶ କୁମାର କର, ସ୍ନାତୋକତ୍ତର ଶିକ୍ଷୟତ୍ରୀ ମାନସ୍ମିତା ସାହୁ, ମୋନାଲିସା ସାମଲଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଉତ୍ସବ ପରିଚାଳନା କରିଥିଲେ ।

## ବିଜେପିରେ ମିଶିଲେ ବ୍ଲକ ଯୁବ କଂଗ୍ରେସ ସଭାପତି

ତିହିଡି,(ସବ୍ୟୁ)::ତିହିଡି ବ୍ଲକ ଯୁବ କଂଗ୍ରେସ ସଭାପତି ସୁଧାଂଶୁ ଶେଖର ମାହୁନ୍ତ ବିଜେପିରେ ଯୋଗଦାନ କରିଥିବା ଜଣାଯାଇଛି । ତାଙ୍କ ସହ ଗୋଳାପୋଖରୀ ଗ୍ରାମର ଅନ୍ୟ ଜଣେ ଯୁବନେତା ରଞ୍ଜନ ମହାପାତ୍ର ମଧ୍ୟ ସାମିଲ ହୋଇଛନ୍ତି । ଫତେପୁର ସରପଞ୍ଚ ପ୍ରଦୀପ ବଳଙ୍କ ନେତୃତ୍ୱରେ ଉଭୟ ଧୁଷୁରୀରେ ଅନୁଷ୍ଠିତ ଏକ ସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହୋଇଥିଲେ । ମନ୍ତ୍ରୀ ଶ୍ରୀସୁରଜ ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶଧାରା ଓ ମନ୍ତ୍ରୀ ଶ୍ରୀସୁରଜଙ୍କ ଦୃଢ଼ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଦଳରେ ଯୋଗ ଦେଇଥିବା କହିଛନ୍ତି । ଏଥିସହ ସେମାନେ ସରପଂଚ ପ୍ରଦୀପ ବଳଙ୍କ ଉଦ୍ୟମରେ ପଂଚାୟତରେ ଚାଲିଥିବା ବିକାଶମୂଳକ କାର୍ଯ୍ୟରେ ସହଯୋଗ କରିବା ସଙ୍ଗେ ସଙ୍ଗେ ବିଜେପି ସଂଗଠନକୁ ସୁଦୃଢ଼ କରିବେ ବୋଲି କହିଛନ୍ତି । ଏହି ମିଶ୍ରଣ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ,ସାଂସଦଙ୍କ ପ୍ରତିନିଧି ମନୋଜ ମଲ୍ଲିକ,ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା ଓ ବିଜେପି ନେତା ଚତୁର୍ଭୁଜ ନାୟକ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋଳାପୋଖରୀ ପଂଚାୟତ ଶକ୍ତିକେନ୍ଦ୍ର ପ୍ରମୁଖ ପ୍ରଶାନ୍ତ ବାରିକ,ନିରାକାର ବେହେରା,ବିଶ୍ୱଜିତ ମିଶ୍ର,ରବିନ୍ଦ୍ର ଜେନା,ଅନନ୍ତ ନାୟକ,ହିମାଂଶୁ ଶେଖର ନାୟକ,ରାମଚନ୍ଦ୍ର ଭୋଇ ଓ ରତିକାନ୍ତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଶାନ୍ତନୁ ଜେନା ଆଗରପଡ଼ା କଲେଜ ନୂତନ ଅଧ୍ୟକ୍ଷ

ଆଗରପଡ଼ା,(ସବ୍ୟୁ): ଆଗରପଡ଼ା କଲେଜରେ ଶାନ୍ତନୁ କୁମାର ଜେନା ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି । ସେ ଏଥିପୂର୍ବରୁ କେନ୍ଦ୍ରାପଡ଼ା ଅଟୋନମ୍ବ ଡିଗ୍ରୀ କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ଓ ପଦାର୍ଥ ବିଜ୍ଞାନ ରିଡର ଭାବେ କାର୍ଯ୍ୟ କରୁଥିଲେ । ନୂତନ ଅଧ୍ୟକ୍ଷଙ୍କୁ କଲେଜ ଅଧ୍ୟାପକ,ଅଧ୍ୟାପିକା,କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ଶିକ୍ଷାବିତ ବାବାଜୀ ବେହେରାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ଧାମନଗର,(ସବ୍ୟୁ)::ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ଅଂଚଳର ଜଣେ ଆଦର୍ଶ ଶିକ୍ଷକ,ଶିକ୍ଷକ ନେତା ତଥା ସାମାଜିକ କର୍ମୀ ସ୍ୱର୍ଗତ ବାବାଜୀ ଚରଣ ବେହେରାଙ୍କ ଦ୍ୱିତୀୟ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ଓ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତିଚାରଣ ସଭାରେ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ । ଧାମନଗର ବରିଷ୍ଠ ନାଗରିକ ପରିଷଦର ସାଧାରଣ ସମ୍ପାଦକ ସଚିକାନ୍ତ ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ମୁରଲୀଧର ମହାନ୍ତି,ସ୍ମୃତି ସଂସଦର ସଭାପତି ଶିକ୍ଷାବିତ ଲକ୍ଷ୍ମୀଧର ଦାଶ,ସମ୍ପାଦକ ରମଣୀ ରଞ୍ଜନ ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ପ୍ରାଧ୍ୟାପକ ରବିନ୍ଦ୍ର ବେହୁରିଆ,ବରିଷ୍ଠ ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ,ପ୍ରଦୀପ କୁମାର ମହାପାତ୍ର,ସଂଜିବ ମହାନ୍ତି,ସୂର୍ଯ୍ୟମଣି ସାହୁ,କୃଷ୍ଣ ଚନ୍ଦ୍ର ସାହୁ,ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ ।

## ସେଣ୍ଟ ଜାଭିଅର ହାଇସ୍କୁଲରେ ପରିବେଶ ପଞ୍ଚାୟତ କାର୍ଯ୍ୟକ୍ରମ

ହାଟଡିହି (ସବ୍ୟୁ): ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ସେଣ୍ଟ ଜାଭିଅର ହାଇସ୍କୁଲ ଚଣ୍ଡୀବିରଞ୍ଚିପୁର ଠାରେ ଆୟୋଜିତ "ପରିବେଶ ପଞ୍ଚାୟତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଚି । ଏଥବରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଦେଇ ସ୍କୁଲ କଲେଜର ଛାତ୍ରଛତ୍ରୀମାନେ ବୃକ୍ଷ ରୋପଣ ଦିଗରେ ଆଗେଇ ଆସିବା ସହିତ ପ୍ରତି ପଞ୍ଚାୟତରେ ବନିକରଣ ପ୍ରକଳ୍ପ କରିବାକୁ ସେ ପରାମର୍ଶ ଦେଇଥିଲେ । ସାମ୍ବାଦିକ କିଶୋର ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ ଯୋଗଦେଇ ସମ୍ବାଦର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଏପରି ଉଦ୍ୟମକୁ ସେ ଭୁୟସୀ ପ୍ରଶଂସା କରିବା ସହିତ ପରିବେଶର ସୁରକ୍ଷା ପାଇଁ ସମସ୍ତେ ନିଜ ଜୀବନଚର୍ଯ୍ୟାରେ ପରିବର୍ତ୍ତନ ଆଣିବା ଆବଶ୍ୟକ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ହଦଗଡ଼ ବନପାଳ ମଳୟ ରଞ୍ଜନ ସାହୁ ଓ ସେଣ୍ଟ ଜାଭିଅର ହାଇସ୍କୁଲର ପ୍ରତିଷ୍ଠାତା ଉଦୟନାଥ କର ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ଚାରା ଲଗାଇବା ସହ ଏହାର ଯନି ନେବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ । ଏଥିରେ ବିଶିଷ୍ଟ ଶିକ୍ଷାବିତି ତଥା ପରିବେଶବିତ ନିରଞ୍ଜନ ସାହୁ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ସମସ୍ତେ ସଂକଳ୍ପ ନେବା ଆବଶ୍ୟକ ବୋଲି କହିଥିଲେ । ଏଥିରେ ଅନ୍ୟମାନଙ୍କ ଭିତରେ ଜାଭିଅର ହାଇସ୍କୁଲର ଅଧ୍ୟକ୍ଷ ହେମନ୍ତ କୁମାର ନାୟକ, , ଉପାଧ୍ୟକ୍ଷ ଗୋଲଖ ବିହାରୀ ସାହୁ, ସମାଜସେବୀ ଧୁଶାସନ ସାହୁ, ପ୍ରତାପ ଦାଶ ପ୍ରମୁଖ ଦେଇଦେଇ ପରିବେଶ ସୁରକ୍ଷା ଜୀବନ ରକ୍ଷା ଉପରେ ନିଜ ନିଜର ସମ୍ଭାଷଣ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀ ମାନେ ପରିବେଶ ସୁରକ୍ଷା ରେ ଆମର କର୍ତ୍ତବ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ଶିକ୍ଷକ ବିଜୟ କୁମାର ପହି ମଞ୍ଚ ସଂଯୋଜନା କରିଥିବା ବେଳେ କିଶୋର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ସାମ୍ବାଦିକ ପାର୍ଥ ସୌରଭ ସା, ବିକାଶ ବିଶ୍ୱାଳଙ୍କ ସମେତ ସେଣ୍ଟ ଜାଭିଅର ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**
Email - cedklpwd@gmail.com
**INVITATION FOR BIDS THROUGH e-Procurement**
**Bid Identification No. SE DKL (R&B). 14/ 2026-27**
34001/529/2627
**Invitation for Bids**

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal. on behalf of Governor of Odisha. invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of work | : | 2 Nos Civil works |
| 3. | No. of work | : | 02 Nos. |
| 4. | Bid Cost. | : | Rs. 6,000/- |
| 5. | Class of Contractor | : | 'C'&"D" License |
| 6. | Availability of Bid Documents in the website | : | From 10.00 AM of 29.07.2026 to 5.00 PM of 12.08.2026 |
| 7. | Date of Opening of Bid | : | Dt. 13.08.2026 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only | | |

Sd/- Superintending Engineer
Dhenkanal (R&B) Division
OIPR : 34001/34016/1/26-27/0018

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION : KORAPUT**
**Through GEPNIC e-Procurement Notice**
**Bid Identification No. SERWKPT-Online-05/2026-27**
25001/806/2627
Letter No. 2514 Dated. 24.07.2026

1. Name of the Work : CONSTRUCTION OF ROAD WORK UNDER MMSY FOR THE YEAR 2026-27
2. Toal Numbers of Works : 02 Nos. (DOUBLE COVER)
3. Approximately Estimate Cost : Rs. 54.26 to Rs. 98.29 Lakhs (Approximately)
4. Class of Contractor : "B" Class
5. Period of Completion : 6 Months.
6. Detail of Projects : As per Annexure attac

Other details as follows :

| Procurement Officer | Bid Identification No | No. of Works | Availability of tender online bidding | | Last Date & Time of seeking tender clarification | Date & Time of opening of tender in O/o the SE RW Division, Koraput | |
|---|---|---|---|---|---|---|---|
| | | | From | To | | Technical Bid | Financial Bid |
| Superintending Engineer, R.W. Division, Koraput | SERWKPT-ONLINE-05/ 05/2026-27 | 02 (Two) Nos | 29.07.2026 10.00 A.M. | 11.08.2026 5.00 P.M. | 10.08.2026 up to 2.00 P.M. | 12.08.2026 10.00 A.M. | To be intimated separately |

Further details can be seen from the website
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.
Sd/- Executive Engineer
Rural Works Division : Koraput
OIPR : 25001/25088/1/26-27/0007

ବ୍ୟାଙ୍କ ଅଫ୍ ବରୋଦା Bank of Baroda
**ଭଦ୍ରକ ଶାଖା**
ମୋହନ ପ୍ଲାଜା, ରାଜଘାଟ ଛକ, ଭଦ୍ରକ-୭୫୬୧୦୦,
ମୋ ନଂ.: ୭୦୬୬୭୨୨୦୬୨

**ନୋଟିସ୍**

ଏତଦଦ୍ୱାରା ସର୍ବସାଧାରଣଙ୍କୁ ଏହା ଅବଗତ କରାଇ ଦିଆଯାଉଅଛି ଯେ, **ବ୍ୟାଙ୍କ ଅଫ ବରୋଦା, ଭଦ୍ରକ ଶାଖା, ମେସର୍ସ ପିପି ଫିଲିଙ୍ଗ୍ ଷ୍ଟେସନର** ଅନୁରୋଧ କ୍ରମେ **ଶ୍ରୀ ପ୍ରଦୀପ କୁମାର ପଣ୍ଡାଙ୍କ** ନାମରେ ଥିବା ନିମ୍ନଲିଖିତ ସମ୍ପତ୍ତି: ଜାହାଣିଗଡିଆ, ପୋ: ଚରମ୍ପା, ଜିଲ୍ଲା: ଭଦ୍ରକ, ଓଡିଶା, ପିନ୍-୭୫୬୧୦୧କୁ ଋଣ ସୁବିଧା ପାଇଁ ବନ୍ଧକ ହିସାବରେ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଅଛି। ଯଦି କାହାର ନିମ୍ନ ଦର୍ଶିତ ସମ୍ପତ୍ତି ଉପରେ କୌଣସି ପ୍ରକାରର ମାଲିକାନା/ଅଧିକାର/ଦାବି/ସ୍ୱାର୍ଥରହିଥାଏ, ସେମାନେ **୧୦ ଦିନ** ମଧ୍ୟରେ ଆବଶ୍ୟକୀୟ ପ୍ରମାଣପତ୍ର ସହିତ ନିଜ ଦାବିକୁ ପ୍ରମାଣିତ କରିବା ନିମନ୍ତେ ବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଉଛି।
ଯଦି, **୧୦ ଦିନ** ମଧ୍ୟରେ କୌଣସି ଉତ୍ତର ନମିଳେ ତେବେ ଏହା ଅନୁମାନ କରାଯିବ ଯେ ଏହି ସମ୍ପତ୍ତି ଉପରେ କାହାର କୌଣସି ପ୍ରକାରର ଅଧିକାର/ଦାବି/ଏନକମ୍ବ୍ରାନ୍ସେସ୍ ନାହିଁ ଏବଂ ବ୍ୟାଙ୍କ ଏହି ବନ୍ଧକଉପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ।
**ସମ୍ପତ୍ତି-୧: ଶ୍ରୀ ପ୍ରଦୀପ କୁମାର ପଣ୍ଡାଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: କଇଥ ଖୋଲା, ତହସିଲ: ଚାନ୍ଦବାଲି, ଥାନା: ବାଁଶଡା, ଭଦ୍ରକ-୭୫୬୧୬୧, ଖାତା ନଂ.: ୧୯୩/୫୮୨, ପ୍ଲଟ୍ ନଂ.: ୫୭/୭୦୭, କ୍ଷେତ୍ର: ଏକର୦.୫୬୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୫୭ ଏବଂ ନୟନଯୋରୀ ଏବଂ ଧାମରା ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୫୮, ଉତ୍ତର: ପ୍ଲଟ୍ ନଂ.: ୫୨ର ବଳକା ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୬୭, ପ୍ଲଟ୍ ନଂ.: ୬୭/୭୦୮, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୫୭ ଏବଂ ନୟନଯୋରୀ ଏବଂ ଧାମରା ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୬୬, ଉତ୍ତର: ପ୍ଲଟ୍ ନଂ.: ୫୭/୭୦୭, ଦକ୍ଷିଣ: ପ୍ଲଟ୍ ନଂ.: ୬୭, ପ୍ଲଟ୍ ନଂ.: ୧୭୨/୬୮୦, କ୍ଷେତ୍ର: ଏକର୦.୧୪୪ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ମେନା ବିବି, ପଶ୍ଚିମ: ରାସ୍ତା, ଉତ୍ତର: ଗୌରହରୀ ନାୟକଙ୍କ ପ୍ଲଟ୍, ଦକ୍ଷିଣ: ରାସ୍ତା, **ସମୁଦାୟ ୧ଟି ଖାତା ଏବଂ ୩ଟି ପ୍ଲଟ୍, କ୍ଷେତ୍ର: ଏକର୦.୭୪୪ ଡିସିମିଲି**
**ସମ୍ପତ୍ତି-୨: ଶ୍ରୀ ପ୍ରଦୀପ କୁମାର ପଣ୍ଡାଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: କାଗୁଳା, ତହସିଲ: ଚାନ୍ଦବାଲି ନଂ.: ୩୦୭, ଥାନା: ବାଁଶଡା ନଂ.: ୧୩୪, ଜିଲ୍ଲା: ଭଦ୍ରକ, ଓଡିଶା-୭୫୬୧୬୧, ଖାତା ନଂ.: ୨୧୨/୩୪୦, ପ୍ଲଟ୍ ନଂ.: ୩୬/୯୬୫, କ୍ଷେତ୍ର: ଏକର୦.୩୦ ଡିସିମିଲି, ପ୍ଲଟ୍ ନଂ.: ୩୬/୯୬୫/୧୨୧୮, କ୍ଷେତ୍ର: ଏକର୦.୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୨୯ ଏବଂ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୩୮, ଅନାଦି ବେହେରା, ପୂର୍ବ: ପ୍ରଦୀପ କୁମାର ପଣ୍ଡା, ପଶ୍ଚିମ: ନରସିଂହ ପ୍ରଧାନଙ୍କ ମୌଜାର ସୀମା, **ସମୁଦାୟ ୧ଟି ଖାତା ଏବଂ ୨ଟି ପ୍ଲଟ. କ୍ଷେତ୍ର: ଏକର୦.୬୦ ଡିସିମିଲି**
ଆଡଭୋକେଟ: ଅତୀଶ କୁମାର ବେହେରା, ମୋ.: ୯୪୩୭୧୫୬୩୩୮ଙ୍କ ସହ ଯୋଗାଯୋଗ କରନ୍ତୁ।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1273/2627 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ https://oshb.org
ପତ୍ର ସଂଖ୍ୟା: ୧୦୩ **ବିଜ୍ଞାପନ** ତା : ୧୫.୦୭.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦଖଲ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ମୃତ୍ୟୁ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-ସ୍ୱର୍ଗୀୟା ସନ୍ଧ୍ୟାରାଣୀ ସାମନ୍ତରାୟ, ସ୍ୱା- ହୃଷିକେଶ ପଟ୍ଟନାୟକ, ସା-ଛତାବର, ପୋ- ବାଣ୍ଟି ଛାତବର, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା | ଘର ନଂ-ଏଲ.ଆଇ.ଜି-୩୧୨ (LIG-312) ଚନ୍ଦ୍ରଶେଖରପୁର ୧ମ ପର୍ଯ୍ୟାୟ ଭୁବନେଶ୍ୱର ଜିଲ୍ଲା-ଖୋର୍ଦ୍ଧା | ୧. ହୃଷିକେଶ ପଟ୍ଟନାୟକ (ସ୍ୱାମୀ) ୨. ସୁନନ୍ଦ ପଟ୍ଟନାୟକ (କନ୍ୟା) ୩. ସୋନାଲ ପଟ୍ଟନାୟକ (କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0165


### ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, କେନ୍ଦୁଝର-ରବିନାରାୟଣ ରାଜ୍-୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

ସମୟ

# ୧୦ ମାସର ଶିଶୁର ଜୀବନ ବଞ୍ଚାଇଲେ ସମ୍ ଡାକ୍ତର

ଭୁବନେଶ୍ୱର, (ସବ୍ୟୁ): ଉଚ୍ଚସ୍ତରୀୟ ଚିକିତ୍ସା ଦକ୍ଷତା ଓ ସମନ୍ୱିତ କାର୍ଯ୍ୟଧାରାର ପରିଚୟ ସ୍ୱରୂପ ସମ୍ ଅଲ୍ଟିମେଟ୍ ମେଡିକେୟାର (ସମମ)ର ଡାକ୍ତରମାନେ ଏକ ୧୦ ମାସର ଶିଶୁର ଜୀବନ ସଫଳତାର ସହ ବଂଚାଇଛନ୍ତି। ଶିଶୁଟିର ଡାହାଣ ମୁଖ୍ୟ ଶ୍ୱାସନଳୀ ମଧ୍ୟରେ ଅଟକି ରହିଥିବା ଏକ ଆତ ମଞ୍ଜିକୁ ଜଟିଳ ପ୍ରକ୍ରିୟା ମାଧ୍ୟମରେ ବାହାର କରି ଶିଶୁଟିର ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି ସମ୍ ଡାକ୍ତର।

ଶିଶୁଟି ଆତ ମଞ୍ଜିଟିକୁ ଗିଳି ଦେବା ଫଳରେ ଏହା ଶ୍ୱାସନଳୀକୁ ଚାଲିଯିବା ପରେ ଶିଶୁଟିର ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ସେ ନିଶ୍ୱାସ ନେବା ପାଇଁ କଷ୍ଟ ଅନୁଭବ କରିଥିଲା। ଏଭଳି ଜଟିଳ ଅବସ୍ଥାରେ ଶିଶୁଟିକୁ ସମ୍ ଅଲ୍ଟିମେଟ୍ ମେଡିକେୟାରକୁ ଅଣାଯାଇଥିଲା। ଛାତିର ଏକ୍ସ-ରେ ରୁ ଜଣାପଡ଼ିଥିଲା ଯେ ଡାହାଣ ପାର୍ଶ୍ୱର ଶ୍ୱାସନଳୀରେ



ମଞ୍ଜିଟି ଅଟକି ରହିଥିବାରୁ ଡାହାଣ ପାଶ୍ୱର୍ ଫୁସଫୁସ ସଂପୂର୍ଣ୍ଣ ପ୍ରଭାବିତ ହୋଇଥିଲା। ଏହା ଏକ ସଙ୍କଟାପନ୍ନ ପରିସ୍ଥିତି ସୃଷ୍ଟି କରିବା ଫଳରେ ତୁରନ୍ତ ଚିକିତ୍ସାର ଆବଶ୍ୟକତା ଥିଲା। ସମ୍ ଅଲ୍ଟିମେଟ୍ ମେଡିକେୟାରର କର୍ଣ୍ଣ, ନାସା ଓ ଗଳା (ଇଏନ୍‌ଟି) ଏବଂ ସ୍କଲ୍ ବେସ୍ ସର୍ଜରୀ ବିଭାଗର ସିନିୟର କନ୍‌ସଲଟାଣ୍ଟ ଡାକ୍ତର ରାଧାମାଧବ ସାହୁ ଏମର୍ଜେନ୍ସି ରିଜିଡ୍ ବ୍ରୋଙ୍କୋସ୍କୋପି ପ୍ରକ୍ରିୟା ମାଧ୍ୟମରେ ଆତ ମଞ୍ଜିଟିକୁ ଶିଶୁର ଶରୀରରୁ କାଢ଼ିବା ନିମନ୍ତେ ପଦକ୍ଷେପ ନେଇଥିଲେ। ମଞ୍ଜିଟି ଦୃଢ଼ ଭାବେ ଅଟକି ରହିଥିବାରୁ ପ୍ରାରମ୍ଭିକ କେତେକ ପ୍ରୟାସ ବିଫଳ ହୋଇଥିଲେ ମଧ୍ୟ ଶେଷରେ ଡାକ୍ତର ସାହୁ ସ୍ୱତନ୍ତ୍ର ଅପ୍‌ଟିକାଲ୍ ଫୋର୍ସେପ୍ସ ବ୍ୟବହାର କରି ସଫଳତାର ସହ ମଞ୍ଜିଟିକୁ ବାହାର କରିଥିଲେ। ଏହା ଫଳରେ ଶ୍ୱାସନଳୀର ଅବରୋଧ ତୁରନ୍ତ ଦୂର ହୋଇ ଶିଶୁଟି ସାଧାରଣ ଭାବେ ନିଶ୍ୱାସ ନେବାକୁ ସକ୍ଷମ ହୋଇଥିଲା।

ଡାକ୍ତର ସାହୁ କହିଛନ୍ତି ଯେ "୧୦ ମାସର ଶିଶୁଠାରେ ବ୍ରୋଙ୍କୋସ୍କୋପି କରିବା ଶ୍ୱାସନଳୀ ସମ୍ବନ୍ଧୀୟ ଏକ ଅତ୍ୟନ୍ତ ଜଟିଳ ପ୍ରକ୍ରିୟା। ଆତ ମଞ୍ଜିଟି ଶିଶୁର ଶ୍ୱାସନଳୀ ତୁଳନାରେ ବହୁତ ବଡ଼ ଥିଲା ଏବଂ ଏହାର ଚିକ୍କଣ ପୃଷ୍ଠ ଯୋଗୁଁ ବାହାର କରିବା ଅତ୍ୟନ୍ତ କଷ୍ଟକର ହୋଇଥିଲା। କେତେକ ପ୍ରୟାସ ବିଫଳ ହେବା ପରେ ଧୈର୍ଯ୍ୟ, ଦକ୍ଷତା ଓ ଅପ୍‌ଟିକାଲ୍ ଫୋର୍ସେପ୍ସ ବ୍ୟବହାର କରି ଆମେ ଏହାକୁ ସଫଳତାର ସହ ବାହାର କରିପାରିଥିଲୁ।" ଏହି ସଫଳ ଚିକିତ୍ସାରେ ଆନାସ୍ଥେସିଆ ବିଭାଗର ଡାକ୍ତର ରଞ୍ଜିତ ପତି, ଶିଶୁରୋଗ ବିଭାଗର ଡାକ୍ତର ପ୍ରଦୀପ ଦେ ଓ ଡାକ୍ତର ହିମାଂଶୁଙ୍କ ସମେତ ଏକ ବହୁବିଭାଗୀୟ ଟିମ୍‌ର ସମନ୍ୱିତ ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା। ଅସ୍ତ୍ରୋପଚାର ପରେ ଶିଶୁଟି ସୁସ୍ଥ ହୋଇ ବର୍ତ୍ତମାନ ସ୍ଥିର ଅବସ୍ଥାରେ ରହିଛି।

# ଭୁବନେଶ୍ୱରରେ ମାଳତୀ ଫୁଡ୍‌ପ୍ରଡକ୍ଟର ପଞ୍ଚମ ଆଉଟଲେଟ

ଭୁବନେଶ୍ୱର, (ସବ୍ୟୁ): କଟକ ପରେ ଏବେ ଭୁବନେଶ୍ୱର ମାଳତୀ ଫୁଡ୍ ପ୍ରଡକ୍ଟର ଏକ ନୂତନ ଆଉଟଲେଟ୍ ଶନିବାର ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ଅନେକ ମାନ୍ୟଗଣ୍ୟ ଅତିଥି ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। କଟକ ସହରରେ ମାଳତୀ ଫୁଡ୍ ପ୍ରଡକ୍ଟର ୫ ନମ୍ବର ଆଉଟଲେଟ୍ ପରେ ରାଜଧାନୀର କସମୋ ପଲିସ ଠାରେ ପ୍ରଥମ ଥର ଏହି ଆଉଟଲେଟ୍ ଖୋଲିଛି। ଏଠାରେ ମିଲେଟ୍ ଆଧାରିତ ବିଭିନ୍ନ ସ୍ୱାସ୍ଥ୍ୟକର ଖାଦ୍ୟ ସାମଗ୍ରୀ ମହଜୁଦ ରହିଛି। ମାଣ୍ଡିଆ (ରାଗି), ବାଜରା, ଯଅ, ଜୁଆର, ପ୍ରୋସୋ ମିଲେଟ୍, ଲିଟିଲ୍ ମିଲେଟ୍, କୋଡୋ ମିଲେଟ୍, ବାର୍ନୟାର୍ଡ ମିଲେଟ୍ ଏବଂ ବ୍ରାଉନଟପ୍ ମିଲେଟରୁ ପ୍ରସ୍ତୁତ ବିଭିନ୍ନ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ଏଠାରେ ସୁଲଭ ମୂଲ୍ୟରେ ମିଳିପାରିବା ସହ



ହୋମ ଡେଲିଭରିର ସୁବିଧା ମଧ୍ୟ ରହିଛି। ଏଥିସହିତ ମାଳତୀ ଫୁଡ୍ ପ୍ରଡକ୍ଟର ଉତ୍ପାଦନ ସାମଗ୍ରୀ ଗୁଡିକର ଗୁଣବତ୍ତା, ସ୍ୱାଦ ଓ ସ୍ୱାସ୍ଥ୍ୟ ଉପଯୋଗିତାକୁ ପ୍ରାଧାନ୍ୟ ଦେଇ ପ୍ରସ୍ତୁତ ଏହି ଉତ୍ପାଦଗୁଡ଼ିକ ଓଡ଼ିଶା ସମେତ ଦେଶ ଓ ବିଦେଶରେ ମଧ୍ୟ ଗ୍ରାହକଙ୍କ ଦ୍ୱାରା ବେଶ୍ ଆଦୃତ ଲାଭ କରିପାରିଛି। ନୂତନ ଆଉଟଲେଟ୍ ଖୋଲିବା ଦ୍ୱାରା ରାଜଧାନୀବାସୀଙ୍କୁ ଉନ୍ନତମାନର ମିଲେଟ୍ ଖାଦ୍ୟ ସାମଗ୍ରୀ ସହଜରେ ଉପଲବ୍ଧ ହେବ ବୋଲି ମାଳତୀ ଫୁଡ୍ ପ୍ରଡକ୍ଟର ଆଉଟଲେଟର ପ୍ରୋପାଇଟର ପୀୟୁଷ ମହାନ୍ତି କହିଛନ୍ତି।

## ଶିଆଳ କାମୁଡାରେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

ଢେଙ୍କାନାଳ, (ସବ୍ୟୁ): ଶିଆଳ କାମୁଡ଼ାରେ କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ବାର୍ହାଟିପୁରା ଗ୍ରାମର ଶୈଳେନ୍ଦ୍ର ତନ୍ତୀଙ୍କ ଦଶମ ଶ୍ରେଣୀରେ ପାଠ ପଢୁଥିବା ପୁଅ ବାଦଲ ତନ୍ତୀ (୧୫)ଙ୍କ ମୃତ୍ୟୁ ହୋଇଛି। ଗତ ଜୁନ ୨୨ ତାରିଖେ ଅପରାହ୍ନରେ ଘରପାଖରେ ଥିବା ନାଳ ନିକଟକୁ ଯାଇଥିବା ବେଳେ ଶିଆଳ ତାକୁ ଆକ୍ରମଣ କରିଥିଲା। ପ୍ରଥମେ ପରିବାର ଲୋକେ ଘଟଗାଁ ଓ ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନା ନେଇ ଚିକିତ୍ସିତ କରାଯାଉଥିଲେ। ପାଖାପାଖି ଦୀର୍ଘ ଏକମାସ ଧରି ସେ ଜୀବନ ମରଣ ସହିତ ସଂଗ୍ରାମ କରି ଶେଷରେ ଗତ ୨୦ ତାରିଖରେ ମୃତ୍ୟୁ ହୋଇଛି। ସେ ବାର୍ହାଟିପୁରା ନୀଳକଣ୍ଠେଶ୍ୱର ହାଇସ୍କୁଲରେ ପଢୁଥିଲେ। ତାଙ୍କର ମୃତ୍ୟୁ ରେ ବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବରିଷ୍ଠ ଶିକ୍ଷକ ରୋହିତ କୁମାର ବେହେରା ସାନ୍ତ୍ୱନା ଦେଇଛନ୍ତି।

### ରଥଯାତ୍ରା ପରିଚାଳନାରେ ଫେଲ୍ ମାରିଛନ୍ତି ରାଜ୍ୟ ସରକାର

# ସମସ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ ହେଉ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପରିଚାଳନା କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଫେଲ ମାରିଛନ୍ତି। ଚଳିତ ବର୍ଷ ରଥଯାତ୍ରା ସମୟରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ବାହୁଡ଼ା ଯାତ୍ରାରେ ଦଳାଚକଟାରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି। ଯାହାକୁ ନେଇ ଡବଲ ଇଞ୍ଜିନ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା, ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ, ବିଧାୟକ ତୁଷାରକାନ୍ତି ବେହେରା ରଥଯାତ୍ରାରେ ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁକୁ ନେଇ ବିଜେପି ସରକାରକୁ କଡ଼ା ସମାଲୋଚନା କରିଛନ୍ତି।

ଶ୍ରୀ ଦାସବର୍ମା କହିଥିଲେ ଯେ, ରଥଯାତ୍ରାରେ ବାରମ୍ବାର ଅବ୍ୟବସ୍ଥା ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ମନକୁ ଆଘାତ ଦେଇଛି। ଗତ ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ୩୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ପୁଣି ବାହୁଡ଼ା ଯାତ୍ରାରେ ଦଳାଚକଟାରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩୦ରୁ ଉର୍ଦ୍ଧ୍ୱ ହୋଇଛନ୍ତି। ଏତେ ପରେ ବି ରାଜ୍ୟ ସରକାର ନିଜ ଭୁଲ୍‌କୁ ସ୍ୱୀକାର କରୁନାହାଁନ୍ତି। ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ୱାସରୁଦ୍ଧ ହୋଇ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ନେଇ ରାଜ୍ୟବାସୀଙ୍କୁ ମିଥ୍ୟା କହି ଭ୍ରମିତ କରୁଛନ୍ତି। ତ୍ରୁଟି ଶୂନ୍ୟ ରଥଯାତ୍ରା ପରିଚାଳନା କରିବାରେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରଥଯାତ୍ରା ଠାରୁ ଆରମ୍ଭ କରି ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ବିଭ୍ରାଟ ଦେଖାଦେଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପୂର୍ବରୁ ମୃତ୍ୟୁର କାରଣ ନେଇ ରାଜ୍ୟ ସରକାର କିପରି ବିବୃତ୍ତି ପ୍ରଦାନ କରୁଛନ୍ତି ? ଉକ୍ତ ଅଘଟଣ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରଥଯାତ୍ରା ଠାରୁ ବାହୁଡ଼ା ପର୍ଯ୍ୟନ୍ତ ସମସ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। ଶ୍ରୀ ଉମାକାନ୍ତ ସାମନ୍ତରାୟ କହିଥିଲେ ଯେ, ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପରିଚାଳନା କରିବାରେ ରାଜ୍ୟ ସରକାର ଅସମର୍ଥ ହୋଇଛନ୍ତି। ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ଶ୍ରୀ ତୁଷାରକାନ୍ତି ବେହେରା କହିଥିଲେ ଯେ, ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ବାରମ୍ବାର ଅଘଟଣ ଘଟୁଛି। ଡବଲ ଇଞ୍ଜିନ ସରକାରର ତ୍ରୁଟି ପୂର୍ଣ୍ଣ ପରିଚାଳନ ପାଇଁ ଶ୍ରଦ୍ଧାଳୁ ମାନେ ମୃତ୍ୟୁମୁଖରେ ପଡୁଛନ୍ତି।

# ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ନିଶୁଳ୍କ ଅନ୍ନପ୍ରସାଦ ଓ ଜଳସେବା

ଭୁବନେଶ୍ୱର, (ସବ୍ୟୁ) : ପବିତ୍ର ବାହୁଡ଼ା ଯାତ୍ରା ୨୦୨୬ ଉପଲକ୍ଷେ ବିଶ୍ୱପ୍ରସିଦ୍ଧ ଶ୍ରୀକ୍ଷେତ୍ର ପୁରୀରେ



ଶ୍ରଦ୍ଧାଳୁ ଭକ୍ତଙ୍କ ସେବା ପାଇଁ ଆଗେଇ ଆସିଛି 'ଓଡ଼ିଶା ଡ୍ରାଇଭର ମହାସଂଘ'। ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ବାହୁଡ଼ା ବିଜେ ଅବସରରେ ବଡ଼ଦାଣ୍ଡରେ ଉପସ୍ଥିତ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ସଂଘ ପକ୍ଷରୁ ଏକ ମହତ୍ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ସେବା ଅଭିଯାନ ଅଧୀନରେ ପୁରୀ ବଡ଼ଦାଣ୍ଡସ୍ଥିତ ଭୋଳାନାଥ ବିଦ୍ୟାପୀଠ ନିକଟରେ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ନିଶୁଳ୍କ ଅନ୍ନପ୍ରସାଦ ଏବଂ ବିଶୁଦ୍ଧ ସୁଶୀତଳ ଜଳସେବାର ବ୍ୟବସ୍ଥା କରାଯାଇଛି।

"ଡ୍ରାଇଭର ଭାଇମାନେ ସଦାସର୍ବଦା ସମାଜ ଓ ଜନସେବାରେ ନିୟୋଜିତ। ମହାପ୍ରଭୁଙ୍କ ଅପାର କୃପାରୁ ବାହୁଡ଼ା ଯାତ୍ରାରେ ଦୂରଦୂରାନ୍ତରୁ ଆସୁଥିବା ଜଗନ୍ନାଥ ପ୍ରେମୀ ଭକ୍ତମାନଙ୍କ ସେବା କରିବାର ସୌଭାଗ୍ୟ ଆମକୁ ମିଳିଛି। ଆମର ଏହି ପ୍ରଚେଷ୍ଟା ଭକ୍ତମାନଙ୍କୁ କିଞ୍ଚିତ୍ ସେବା ଯୋଗାଇବାରେ ସହାୟକ ହେବ। ଓଡ଼ିଶା ଡ୍ରାଇଭର ମହାସଂଘ ଏଣୁ ପୁରୀ ବଡ଼ଦାଣ୍ଡକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁ ଓ ଭକ୍ତବୃନ୍ଦଙ୍କୁ ଭୋଳାନାଥ ବିଦ୍ୟାପୀଠ ନିକଟରେ ଅବସ୍ଥିତ ଏହି ସେବା ଶିବିରକୁ ଆସି ଅନ୍ନପ୍ରସାଦ ଗ୍ରହଣ କରିବା ସହ ଜଳସେବାର ସୁବିଧା ନେବାକୁ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଆଦରର ସହ ଅନୁରୋଧ କରାଯାଉଛି।

### ସିପ୍ଲା ହେଲଥ୍ ସ୍ୱାସ୍ଥ୍ୟ-କେନ୍ଦ୍ରିକ ପଦକ୍ଷେପ ମାଧ୍ୟମରେ

# ରଥଯାତ୍ରାରେ ୮୫ ହଜାର ଭକ୍ତଙ୍କୁ ସହାୟତା ପ୍ରଦାନ କରୁଛି

ଭୁବନେଶ୍ୱର, (ସବ୍ୟୁ): ସିପ୍ଲା ହେଲଥ୍ ଲିମିଟେଡ୍ ସେମାନଙ୍କର ପ୍ରମୁଖ ବ୍ରାଣ୍ଡ— ଓମ୍ନିଜେଲ୍ ଏବଂ ପ୍ରୋଲାଇଟ୍ ଓଆରଏସ୍ଦ୍ୱା ରା ପରିଚାଳିତ ସମର୍ପିତ ଅନ୍-ଗ୍ରାଉଣ୍ଡ ପଦକ୍ଷେପ ମାଧ୍ୟମରେ ରଥଯାତ୍ରା ୨୦୨୬ ରେ ଅଂଶଗ୍ରହଣ କରିଛି। ଯାହାର ଲକ୍ଷ୍ୟ ହେଉଛି ନଅ -ଦିନିଆ ଉତ୍ସବ ସମୟରେ ଯନ୍ତ୍ରଣା ଉପଶମ ଏବଂ ହାଇଡ୍ରେସନ୍ ସମାଧାନ ଦେଇ ଭକ୍ତମାନଙ୍କୁ ସହାୟତା କରିବା। ଏହି ଉତ୍ସବ ସମୟରେ ୮୫,୦୦୦




ଭକ୍ତଙ୍କ ଜୀବନକୁ ସ୍ପର୍ଶ କରିବାକୁ ଏହି ପଦକ୍ଷେପ ଲକ୍ଷ୍ୟ ରଖିଛି। ଯାତ୍ରାରେ ସିପ୍ଲା ହେଲଥ୍ ର ଉପସ୍ଥିତି ତୀର୍ଥଯାତ୍ରା ସମୟରେ ସ୍ୱାସ୍ଥ୍ୟ ଆବଶ୍ୟକତା ପୂରଣ କରିବା ଉପରେ କେନ୍ଦ୍ରୀଭୂତ ହୋଇଛି, ଯାହା ଭକ୍ତମାନଙ୍କୁ ଆରାମ ଏବଂ ସୁବିଧାର ସହ ଯାତ୍ରା କରିବାରେ ସାହାଯ୍ୟ କରୁଛି। ଏହି ପଦକ୍ଷେପର ଏକ ଅଂଶ ଭାବରେ, ପ୍ରୋଲାଇଟ୍ ଏକ ସମର୍ପିତ ହାଇଡ୍ରେସନ୍ ଷ୍ଟଲ୍ ପ୍ରତିଷ୍ଠା କରିଛି ଯାହା ସମଗ୍ର ଉତ୍ସବରେ ସକ୍ରିୟ ରହିବ। ଏହି ଆକ୍ଟିଭେସନ୍ ମାଧ୍ୟମରେ, ବ୍ରାଣ୍ଡ ୭୦୦୦୦ ରୁ ଅଧିକ ପ୍ରୋଲାଇଟ୍ ଓଆରଏସ୍ ୟୁନିଟ୍ ବଣ୍ଟନ କରିଛି। ଏହି ପ୍ରୟାସର ପରିପୂରକ ଭାବରେ, ଯାତ୍ରା ସମୟରେ ଦୈନନ୍ଦିନ ମାଂସପେଶୀ ଯନ୍ତ୍ରଣା, ଶରୀରବ୍ୟଥା ଏବଂ ଶାରୀରିକ କ୍ଲାନ୍ତି ଅନୁଭବ କରିପାରୁଥିବା ଭକ୍ତମାନଙ୍କୁ ସହାୟତା କରିବା ପାଇଁ ଓମ୍ନିଜେଲ୍ ଏକ ସମର୍ପିତ ସେବା ଷ୍ଟଲ୍ ପ୍ରତିଷ୍ଠା କରିଛି।

# ଲୁଟେରାଙ୍କ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ

ଜଟଣୀ, (ସବ୍ୟୁ) : ଜଟଣୀ ଥାନା ଅନ୍ତର୍ଗତ ଉପରବସ୍ତ ଗ୍ରାମରେ ଶୁକ୍ରବାର ରାତିରେ ଘଟିଯାଇଛି ଏକ ହତ୍ୟାକାଣ୍ଡ। ହତ୍ୟା କାଣ୍ଡର ଶିକାର ହୋଇଛନ୍ତି ଜଣେ ୬୫ ବର୍ଷିଆ ବୃଦ୍ଧା ଶାନ୍ତିଲତା ପ୍ରଧାନ କ୍ଷ ଲୁଟର ଉଦେଶ୍ୟ ରଖି ଘରେ ପଶି ଲୁଟପାଟ ସହିତ ମହିଳାଙ୍କୁ ହୋଇଛି ଆକ୍ରମଣ ସହ ହତ୍ୟା। ଦୁର୍ବୃତ୍ତଙ୍କ ଆକ୍ରମଣରେ ମୃତ ବୃଦ୍ଧାଙ୍କ ମୁଣ୍ଡରେ ଲାଗିଛି ଗଭୀର ଆଘାତ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳା ପଡିଥିବାର ଦେଖି ପଡୋଶୀ ମାନେ ଜଟଣୀ ଥାନାକୁ ଦେଇଥିଲେ ଖବର। ଘଟଣା ସ୍ଥଳରେ ଜଟଣୀ ପୋଲିସ ପହଁଚି ମୃତ ଦେହ ବ୍ୟବଛେଦ ପାଇଁ ପଠାଇବା ସହ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହିତ ଅଧିକ ତଦନ୍ତ ଜାରି ରଖିଛି। ଅନ୍ୟ ପକ୍ଷରେ ଅପରାଧୀଙ୍କ ସୂଚନା ପାଇଁ ପୁଲିସ ଲୋଡ଼ିଛି ଜନତାଙ୍କ ସହଯୋଗ। ଏ ନେଇ ଅଭିଯୋଗକାରୀ ଜିତେନ୍ଦ୍ର ପ୍ରଧାନ ଥାନାରେ ଏକ ଲିଖିତ ଅଭିଯୋଗ କଲାପରେ ଜଟଣୀ ଥାନାରେ ୪୦୯/୨୬ ରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ସୂତ୍ରରୁ ଜାଣିବାକୁ ମିଳିଛି ଯେ ବୃଦ୍ଧାଙ୍କର ସ୍ୱାମୀଙ୍କ ବିଗତ ଦିନରେ ମୃତ୍ୟୁ ହୋଇଯାଇଥିବା ବେଳେ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ଥିବା ପୁଅର ସ୍ୱାସ୍ଥ୍ୟ ଅତି ଖରାପ ଥିବାରୁ ଅଧିକ ଚିକତ୍ସା ପାଇଁ ଘରେ ଥିବା କିଛି ଅଳଙ୍କାର ବିକ୍ରୀ କରି ଟଙ୍କା ଆଣି ଘରେ ରଖିଥିଲେ, ଯାହାର ସୁରାକ ପାଇ କିଛି ଠାଉକା ଲୁଟେରା ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟାଇଛନ୍ତି ବୋଲି ପୁଲିସ ନିଶ୍ଚିତ ହୋଇଯାଇଛି। ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳ ଘଟଣାଟିକୁ ଗମ୍ଭୀରତାର ସହ ନେଇ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ରୋଟାରୀ ଇ-କ୍ଲବ୍ ମହୋଦଧି ଦ୍ୱାରା ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା


ଭୁବନେଶ୍ୱର (ସବ୍ୟୁ): ରୋଟାରୀ ଇ-କ୍ଲବ୍ ମହୋଦଧି, ଭୁବନେଶ୍ୱର ତରଫରୁ ଡୁମୁଡୁମାସ୍ଥିତ ଆଶ୍ରୟ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ଓ ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନଙ୍କର ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଅଭିଜ୍ଞ ଡାକ୍ତର ଆର୍. କେ. ରାଉତ ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକୀୟ ଔଷଧ ସୁପାରିଶ କରିଥିଲେ। ଏଥିରେ ପ୍ରାୟ ୫୦ ଜଣ ଶିଶୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।




ଏହା ସହିତ ଉତ୍ତମ ସ୍ୱାସ୍ଥ୍ୟରକ୍ଷା ପାଇଁ ସାଧାରଣ ନିୟମଗୁଡିକ ବିଷୟରେ ଡ. ରାଉତ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ରୋଟାରୀ ଇ-କ୍ଲବର ଉପସଭାପତି ରୋଟାରିଆନ୍ ରାଜକୁମାର ସୂତାର ଓ ସମ୍ପାଦକ ରୋଟାରିଆନ୍ ସୁସ୍ମିତା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ରୋଟାରିଆନ ସର୍ବେଶ୍ୱର ସାହୁ, ରୋଟାରିଆନ୍ ରଜନୀକାନ୍ତ ପଟ୍ଟନାୟକ ଏବଂ ରୋଟାରିଆନ୍ ନିରଞ୍ଜନ ସାହୁ ଯୋଗଦେଇ ଏହାକୁ ସଫଳ କରାଇବାରେ ସାହାଯ୍ୟ କରିଥିଲେ। ଆଶ୍ରୟର ପ୍ରତିଷ୍ଠାତା ଡ. ବିନାୟକ ପଲାଇ, ଶ୍ରୀମତୀ ପ୍ରତିମା ଦାସ ଏବଂ ବିଦ୍ୟାଳୟର ଗୁରୁମାମାନେ ଏଥିରେ ସହଯୋଗ କରିଥିଲେ। ଡ. ରାଉତଙ୍କୁ ତାଙ୍କର ନିଃସ୍ୱାର୍ଥ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଇଂରାଜୀରେ ଚାରୋଟି ପୁସ୍ତକ ରଚନା କରି ଓଡ଼ିଆ ଛାତ୍ର ସମ୍ମାନିତ

ଭୁବନେଶ୍ୱର, (ସବ୍ୟୁ): ୨୦୨୩ ରୁ ୨୦୨୫ ମଧ୍ୟରେ ଇଂରାଜୀରେ ଚାରୋଟି ପୁସ୍ତକ ରଚନା କରି ବିଭିନ୍ନ ପୁରସ୍କାରରେ ସମ୍ମାନିତ ହୋଇପାରିଛନ୍ତି ଅଭ୍ୟୁକ୍ତ ସାହୁ ମାତ୍ର ୧୪ ବର୍ଷୀୟ ଏହି ଯୁବ ଲେଖକଙ୍କର



ପୁସ୍ତକଗୁଡ଼ିକ ହେଲା- ଫ୍ରମ୍ ଏ ପ୍ରିନ୍ସ ଟୁ ଏ କିଙ୍ଗ (୨୦୨୩), ଦ୍ୱିତୀୟ ପୁସ୍ତକ, ଏମ୍.ଏସ୍. ଧୋନି: ଦି ଏନିଗ୍ମା (୨୦୨୪), ତୃତୀୟ ପୁସ୍ତକ ଟାଇମ୍ ଓ୍ୱିଭରସ୍ ପାରାଡକ୍ସ (୨୦୨୫) ଏବଂ ଚତୁର୍ଥ ପୁସ୍ତକ,ହ୍ୱାଟ୍ ଓ୍ୱି ଚୁଜ୍ ଟୁ ରିମେମ୍ବର (୨୦୨୫)। ୨୦୨୩ ମସିହାରେ ନୂଆଦିଲ୍ଲୀର ବ୍ରିବୁକ୍ସ ଦ୍ୱାରା ପ୍ରତିଷ୍ଠିତ "ଲେଖନ ପ୍ରଡିଜି ଲେଖକ' ପ୍ରମାଣପତ୍ରରେ ସମ୍ମାନିତ ଅଭ୍ୟୁକ୍ତ ମଧ୍ୟ ଜଣେ ଯୁବ ଲେଖକ ଭାବରେ ସେ "ସିଲଭର ଷ୍ଟାର', "ଗୋଲ୍ଡ ଷ୍ଟାର' ଏବଂ "ପ୍ଲାଟିନମ୍ ଷ୍ଟାର' ପଦକ ପାଇ ପାରିଛନ୍ତି। ୨ ସେପେଟମ୍ବର ୨୦୨୩ ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ଜାତୀୟ ସ୍ତରୀୟ ପୁରସ୍କାର ସମାରୋହରେ ତାଙ୍କ କୃତିଗୁଡ଼ିକୁ ପାଳନ କରାଯାଇଥିଲା। ସାହିତ୍ୟ ଏବଂ କଳା ସହ ବିଜ୍ଞାନ ଏବଂ ଜ୍ୟୋତିର୍ବିଜ୍ଞାନ ପ୍ରତି ଆଗ୍ରହ ପ୍ରଦର୍ଶନ କରୁଥିବା ଅଭ୍ୟୁକ୍ତ ୮ମ ଶ୍ରେଣୀରେ ଅଧ୍ୟୟନ କରୁଥିବାବେଳେ "ଗ୍ଲୋବାଲଆର୍ଟ'ରୁ କଳାରେ ସ୍ନାତକ ହାସଲ କରିପାରିଥିଲେ। ସେ ସମ୍ପ୍ରତି ଆନ୍ତର୍ଜାତୀୟ ଜ୍ୟୋତିର୍ବିଜ୍ଞାନ ଏବଂ ଜ୍ୟୋତିର୍ବିଜ୍ଞାନ ସଂଶ୍ଳିଷ୍ଟ ପଦାର୍ଥ ବିଜ୍ଞାନ ପ୍ରତିଯୋଗିତାର ଫାଇନାଲ୍ ରାଉଣ୍ଡରେ ପଦାର୍ପଣ କରିବାର ଯୋଗ୍ୟତା ହାସଲ କରିବା ସଙ୍ଗେ ସଙ୍ଗେ, ବିଶ୍ୱର ୧୫ ପ୍ରତିଶତ ଶ୍ରେଷ୍ଠ ପ୍ରତିଯୋଗୀଙ୍କ ମଧ୍ୟରେ ରହିବାର ଯୋଗ୍ୟତା ହାସଲ କରିଥିବାରୁ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜି ପାରିଛନ୍ତି।

## ତନୁଶ୍ରୀ ମହାନ୍ତି ଜିଲ୍ଲା ବିଜେପିର ମହିଳା ମୋର୍ଚ୍ଚା ଉପ-ସଭାପତି

କଟକ, (ସ୍ୱପ୍ର) : ଜିଲ୍ଲା ମହିଳା ମୋର୍ଚ୍ଚା ଉପ-ସଭାପତି ଭାବେ ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳରୁ ତନୁଶ୍ରୀ ମହାନ୍ତି ଓ ହରିପ୍ରିୟା ଧଳଙ୍କୁ ନିଯୁକ୍ତ କରାଯାଇଛି। ଏହି ନିଯୁକ୍ତି ପରେ ଉଭୟ ଦଳକୁ ତୃଣମୂଳ ସ୍ତରରୁ ମଜବୁତ କରିବାକୁ



କାର୍ଯ୍ୟ କରିବେ ବୋଲି କହିବା ସହିତ ସମସ୍ତ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଅବସରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜେପି ନେତା ନୟନ କିଶୋର ମହାନ୍ତିଙ୍କ ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଜିଲ୍ଲା ଉପସଭାପତି ଭାଗିରଥି ଦଳାଇ, ଜିଲ୍ଲା ସମ୍ପାଦକ ବୈରାଗୀ ପ୍ରଧାନ, ମଣ୍ଡଳ ସଭାପତି ଅନିଲ ଦଳାଇ, ମମତା ବେହେରା, ଦାମୋଦର ନାୟକ, ପ୍ରସାର ଜ୍ୟୋତି କୁମାର, ସାଧାରଣ ସମ୍ପାଦକ ଧିର ପ୍ରସାଦ ମହାନ୍ତି, ସନ୍ତୋଷ ସାହୁ, ପୃଥିବୀରାଜ ସ୍ୱାଇଁ, ମହିଳା ମୋର୍ଚ୍ଚା ସଭାପତି ସୀତାରାଣୀ ସାହୁ, ସୁଚିତ୍ରା ରାୟ, ଜୋସ୍ନାମୟୀ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ରଥଯାତ୍ରାରେ ଅଘଟଣ ପ୍ରସଙ୍ଗ

# ରଥଯାତ୍ରାକୁ ନେଇ ଘୃଣ୍ୟ ଓ ହୀନ ରାଜନୀତି କରୁଛି ବିଜେଡି : ବିରଞ୍ଚି

ଭୁବନେଶ୍ୱର, (ସବ୍ୟୁ): ବିଜେପି ସରକାର ରଥଯାତ୍ରାକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ କରିବା ପାଇଁ ସାଧାରଣଜନତାଙ୍କ ସହଯୋଗରେ ଭରପୁର ପ୍ରୟାସ କରିଛି। ରଥଯାତ୍ରାରେ ପ୍ରତ୍ୟେକ ବର୍ଷ ଦର୍ଶନାର୍ଥୀଙ୍କ ଭିଡ଼ ଆଶାତୀତ ଭାବେ ବୃଦ୍ଧି ପାଇଛି। ସେହି ପରିପ୍ରେକ୍ଷୀରେ କାଁ ଭାଁ କିଛି ଅସ୍ୱାଭାବିକ ଘଟଣା ଘଟିବା ଆମ୍ଭମାନଙ୍କୁ ମର୍ମାହତ କରିଛି। ସରକାର ସେନେଇ ସଚେତନ ଥିବା ସହିତ ଭବିଷ୍ୟତରେ କିଭଳି ଆଉ ଦୁର୍ଘଟଣା ନ ଘଟିବ ସେ ଦୃଷ୍ଟିରୁ ପ୍ରୟାସରତ ଅଛନ୍ତି। ଯେଉଁମାନଙ୍କ ଦେହାନ୍ତ ହୋଇଛି ସେନେଇ ସରକାର ଦୁଃଖ ପ୍ରକାଶ କରିବା ସହ କେଉଁ ପରିସ୍ଥିତରେ ଏଭଳି ଦୁର୍ଘଟଣା ହୋଇଛି, ତାହାର କାରଣ ଓ ନିରାକଣ ସମ୍ପର୍କରେ ତଦନ୍ତ କରୁଛନ୍ତି। ଏନେଇ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି ଏବଂ ଦୁର୍ଘଟଣା ସମ୍ପର୍କରେ ସ୍ୱଷ୍ଟତା ଆସିଲା ପରେ ପ୍ରତ୍ୟେକ ବିଷୟରେ ଅନୁସନ୍ଧାନ କରାଯିବ। କିନ୍ତୁ ବିଜୁ ଜନତା ଦଳ ଜଗନ୍ନାଥଙ୍କ ରଥଯାତ୍ରାକୁ ନେଇ ଅତ୍ୟନ୍ତ ଘୃଣ୍ୟ ଓ ହୀନ ରାଜନୀତି କରୁଛି ବୋଲି ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରକାଶ କରିଛନ୍ତି। ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ରଥଯାତ୍ରା ହେଉ ବା ତଦନ୍ତ କମିଶନ ହେଉ, ସେ ସମ୍ପର୍କରେ କିଛି କହିବା ପାଇଁ ବିଜେଡିର କୌଣସି ନୈତିକ ଅଧିକାର ନାହିଁ। ବିଜେଡି ହେଉଛି ସେହି ଦଳ, ଯିଏ କୋଭିଡ



ସମୟରେ ରଥଯାତ୍ରା ବନ୍ଦ କରିବାକୁ ସବୁପ୍ରକାର ପ୍ରୟାସ କରିଥିଲା। ମାତ୍ର କେନ୍ଦ୍ରର ବିଜେପି ସରକାର ଓ କୋର୍ଟଙ୍କ ହସ୍ତକ୍ଷେପ କାରଣରୁ ସେତେବେଳେ ମହାପ୍ରଭୁଙ୍କର ଐତିହାସିକ ବନ୍ଦ ନ ହୋଇ, ରଥଯାତ୍ରା ସମ୍ପନ୍ନ ହୋଇଥିଲା। ବିଜୁ ଜନତା ଦଳ ବିଗତ ୨୪ ବର୍ଷ ଶାସନକାଳ ମଧ୍ୟରେ ବିଭିନ୍ନ ଦୁର୍ଘଟଣାକୁ ଓ ବିଷୟକୁ ଚପାଇ ଦେବା ପାଇଁ ଚବିଶଟି କମିଶନ ବସେଇଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, କୌଣସି ଗୋଟିଏ ବି କମିଶନଙ୍କ ରିପୋର୍ଟ ନା ବିଧାନସଭାରେ ଉପସ୍ଥାପିତ ହୋଇଥିଲା ନା ସାର୍ବଜନୀନ କରାଯାଇଥିଲା ନା କମିଶନଙ୍କ ସୁପାରିଶ ଆଧାରରେ କାହା ଉପରେ କାର୍ଯ୍ୟାନୁଷ୍ଠାନ କରାଯାଇଥିଲା। ୧୯୯୩ ମସିହାରେ ବିଜୁ ପଟ୍ଟନାୟକଙ୍କ ଜନତା ଦଳ ସରକାର ଥିଲାବେଳେ ଜଗନ୍ନାଥଙ୍କ ନାର୍ଗାର୍ଜୁନ ବେଶ ବେଳେ ଦଳାଚକଟା ହୋଇ ୬ ଜଣ ଭକ୍ତଙ୍କ ପ୍ରାଣହାନୀ ହୋଇଥିଲା। ଏହି ଦୁର୍ଘଟଣାର ତଦନ୍ତ ପାଇଁ ଗଠିତ ହୋଇଥିବା ତଦନ୍ତ କମିଶନଙ୍କ ରିପୋର୍ଟକୁ ହଜାଇଦିଆଯାଇଥିଲା। ରିପୋର୍ଟ ହଜିବାର ତଦନ୍ତ କରିବା ପାଇଁ, ୨୦୦୬ ମସିହାରେ ଜଷ୍ଟିସ ପି.କେ ମହାନ୍ତି କମିଶନ ଗଠନ କରାଯାଇଥିଲା। କିନ୍ତୁ ଉକ୍ତ କମିଶନଙ୍କ ରିପୋର୍ଟ ମଧ୍ୟ ଓଡ଼ିଶାବାସୀ ଜାଣିପାରିଲେ ନାହିଁ। ତେଣୁ କମିଶନ ତଦନ୍ତ ନାମରେ ବିଜେଡି ଏଭଳି ନାଟକ ଓ ଘୃଣ୍ୟ ରାଜନୀତି କରିବା ବନ୍ଦ କରୁ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

# ଗଣତନ୍ତ୍ରର ବିଜୟ: ଅଭିଜିତ ଦୀପକେ





**ନୂଆଦିଲ୍ଲୀ:** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ କକ୍ରୋଚ ଜନତା ପାର୍ଟି (ସିଜେପି) ନେତୃତ୍ୱରେ ନୂଆଦିଲ୍ଲୀର ଜନ୍ତରମନ୍ତରଠାରେ ଚାଲିଥିବା ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ଛାତ୍ରମାନଙ୍କ ମଧ୍ୟରେ ଖୁସିର ଲହର ଖେଳିଯାଇଛି। ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାକୁ ଗଣତନ୍ତ୍ରର ବିଜୟ ବୋଲି କହିଛନ୍ତି। ଛାତ୍ରମାନଙ୍କୁ ଏହାର ଶ୍ରେୟ ଦେଇ ଦୀପକେ କହିଛନ୍ତି ଛାତ୍ରମାନଙ୍କର ଦୀର୍ଘ ଦିନର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ସରକାରଙ୍କୁ ଏତେ ବଡ଼ ପଦକ୍ଷେପ ନେବାକୁ ବାଧ୍ୟ କରିଥିଲା। ଏହା ଆମ ପାଇଁ ବଡ଼ ବିଜୟ। ଦେଶ ସମ୍ବିଧାନ ଦ୍ୱାରା ପରିଚାଳିତ ହେଉଛି ଏହା ତା'ର ଜ୍ୱଳନ୍ତ ପ୍ରମାଣ। ଏହାର ଆରମ୍ଭ ମାତ୍ର ବୋଲି ଦୀପକେ କହିଛନ୍ତି। ଧାରଣାସ୍ଥଳର ସଭାମଞ୍ଚରୁ ଶହ ଶହ ସମର୍ଥକଙ୍କୁ ସମ୍ବୋଧନ କରି ଦୀପକେ କହିଛନ୍ତି, ଇସ୍ତଫା ପ୍ରମାଣ କରିଥିଲା ଯେ, ସ୍ଥାୟୀ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପରିବର୍ତ୍ତନ ଆଣିପାରେ। ଜନସମାଗମର ପ୍ରବଳ ଜୟଧ୍ୱନି ମଧ୍ୟରେ ସେ ଆନ୍ଦୋଳନକୁ ଗଣତାନ୍ତ୍ରିକ ମୂଲ୍ୟବୋଧର ବିଜୟ ଓ ଦେଶବ୍ୟାପୀ ଛାତ୍ରମାନଙ୍କ ସାମୂହିକ ସଂକଳ୍ପ ଭାବରେ ପ୍ରଶଂସା କରିଥିଲେ। ଦୀପକେ କହିଛନ୍ତି, ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଛନ୍ତି। ଏହି ଇସ୍ତଫା ପ୍ରମାଣ କରେ ଯେ ଯଦି ଆପଣମାନେ ଭୟଭୀତ ନୁହନ୍ତି, ଯଦି ଆପଣମାନେ ଏହି ସରକାରଙ୍କ ଆଗରେ ମୁଣ୍ଡ ନୁଆନ୍ତି ନାହିଁ, ତେବେ ଆମେ ଯେକୌଣସି ବ୍ୟକ୍ତିଙ୍କ ଇସ୍ତଫା ନେଇପାରିବୁ। ଦୀପ୍କେ ଏହି ଅବସରରେ ପ୍ରଶ୍ନପତ୍ର ଲିକ୍ ଯୋଗୁ ଆତ୍ମହତ୍ୟା କରି ଜୀବନ ହାରିଥିବା ନିଟ୍ ଆଶାୟୀ ଛାତ୍ରଛାତ୍ରୀଙ୍କୁ ମନେ ପକାଇଥିଲେ ଓ ସେମାନଙ୍କ ସ୍ମରଣରେ ଦୁଇ ମିନିଟର ନିରବ ପ୍ରାର୍ଥନା କରିଥିଲେ। ଶନିବାର ଅପରାହ୍ଣରେ କେନ୍ଦ୍ର ସରକାର ଓ ସିଜେପି ପ୍ରତିନିଧିଙ୍କ ମଧ୍ୟରେ ତୃତୀୟ ପର୍ଯ୍ୟାୟ ବୈଠକ ପୂର୍ବରୁ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଥିଲେ। କିନ୍ତୁ ଆନ୍ଦୋଳନକାରୀ ଜିଦ୍ ଧରିଥିଲେ ଯେ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ବିନା ସେମାନେ ଆନ୍ଦୋଳନରୁ ହଟିବେ ନାହିଁ। କକ୍ରୋଚ ଜନତା ପାର୍ଟି (ସିଜେପି) କହିଛି, ସେମାନଙ୍କ ମୁଖ୍ୟ ଦାବି କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପୂରଣ ହୋଇଛି। ସେମାନଙ୍କ ବାକି ଦାବିଗୁଡ଼ିକ ଏପର୍ଯ୍ୟନ୍ତ ବିଚାରାଧୀନ ଅଛି। ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ କହିଛନ୍ତି ଯେ, ସେଗୁଡ଼ିକର ସମାଧାନ ନହେବା ପର୍ଯ୍ୟନ୍ତ ଜନ୍ତରମନ୍ତରରେ ପ୍ରତିବାଦ ଜାରି ରହିବ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ସିଜେପି ଏହାର ଦାବିର ଏକ ଅଦ୍ୟତନ ତାଲିକା ପ୍ରଦାନ କରିଛି। ଏଥିରେ ସେମାନଙ୍କ ପୂର୍ବ ଦାବି ନିଟ୍ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ ଏକ କୋଟି ଟଙ୍କା କ୍ଷତିପୂରଣ ଦେବା ଓ ଆନ୍ଦୋଳନକାରୀ ଛାତ୍ରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସହିତ ଆଉ ଏକ ଦାବି ଦିଲ୍ଲୀ ପୁଲିସ ଓ ରାପିଡ ଆକ୍ସନ ଫୋର୍ସ ସର୍ବସାଧାରଣରେ ସେମାନଙ୍କ ବର୍ବରତା ପାଇଁ କ୍ଷମା ମାଗିବା ଯୋଡ଼ା ଯାଇଛି। ଜନ୍ତରମନ୍ତର ଓ ସମଗ୍ର ଦେଶ ଅନ୍ୟ ଦାବିଗୁଡ଼ିକ ପୂରଣ ହେବାକୁ ଅପେକ୍ଷା କରିଛି ବୋଲି ସିଜେପି କହିଛି। ଅନ୍ୟ ଦାବିଗୁଡ଼ିକ ପୂରଣ ହେବା ପର୍ଯ୍ୟନ୍ତ ଛାତ୍ରମାନଙ୍କ ଧାରଣା ଜାରି ରହିବ ବୋଲି କୁହାଯାଇଛି। ଶନିବାର କକ୍ରୋଚ୍ ଜନତା ପାର୍ଟି ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାକୁ ସ୍ୱାଗତ କରିଛି। ସିଜେପି ନିଜ ପ୍ରତିକ୍ରିୟାରେ କହିଛି, କୁହାଯାଉଥିଲା ଯେ ଏହି ସରକାରରେ କେହି ଇସ୍ତଫା ଦିଅନ୍ତି ନାହିଁ। ସମସ୍ତେ ମୁଣ୍ଡ ନୁଆଁଇବେ, ସେଥିପାଇଁ ନୁଆଁଇବାକୁ ଜାଣିଥିବା ଲୋକ ଆବଶ୍ୟକ ବୋଲି ଦୀପକେ କହିଛନ୍ତି।

## ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ନିଷ୍ପତ୍ତିକୁ ନେଇ କିଏ କଣ କହିଲେ?

**ନୂଆଦିଲ୍ଲୀ:** ବିଜେପି ଧର୍ମେନ୍ଦ୍ର ପ୍ରଧାନଙ୍କ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦରୁ ଇସ୍ତଫା ଦେବା ନିଷ୍ପତ୍ତି ସହିତ ଦୃଢ଼ ଭାବରେ ଠିଆ ହୋଇଛି ବୋଲି ଦଳର ରାଷ୍ଟ୍ରୀୟ ମୁଖ୍ୟ ନୀତିନ ନବୀନଶନିବାର କହିଛନ୍ତି। ନବୀନ କହିଛନ୍ତି, ଭାରତର ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ଓ ଐତିହାସିକ ଜାତୀୟ ଶିକ୍ଷା ନୀତି ୨୦୨୦କୁ ସଫଳତାର ସହିତ କାର୍ଯ୍ୟକାରୀ କରିବାରେ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଧର୍ମେନ୍ଦ୍ର ପ୍ରଧାନ ବୃହତ୍ତର ସ୍ୱାର୍ଥକୁ ପ୍ରାଥମିକତା ଦେଇ, ତାଙ୍କ ପଦ ଛାଡିବାର ନିଷ୍ପତ୍ତି ସାର୍ବଜନୀନ ଜୀବନରେ ସଚ୍ଚୋଟତା ଓ ନିସ୍ୱାର୍ଥପର ସେବାର ସର୍ବୋଚ୍ଚ ମାନଦଣ୍ଡକୁ ପ୍ରତିଫଳିତ କରୁଛି। ଏହି ନିଷ୍ପତ୍ତିରେ ଦଳ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଦୃଢ଼ ଭାବରେ ଛିଡ଼ା ହୋଇଛି ବୋଲି କହିବା ସହିତ ତାଙ୍କ ଭବିଷ୍ୟତର କାର୍ଯ୍ୟଧାରା ପାଇଁ ଶୁଭକାମନା ଜଣାଇଛନ୍ତି।

### ଦେଶ ପ୍ରତି ନିରନ୍ତର ସେବା ପାଇଁ ଧନ୍ୟବାଦ: ରିଜିଜୁ

କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦେଶ ପ୍ରତି ତାଙ୍କର ନିରନ୍ତର ସେବା ପାଇଁ ଧନ୍ୟବାଦ ଜଣାଇଥିଲେ, ତାଙ୍କ କାର୍ଯ୍ୟକାଳକୁ ଦଶନ୍ଧି ଧରି ଜନସେବା ଓ ଛାତ୍ର କଲ୍ୟାଣ ପ୍ରତି ପ୍ରତିବଦ୍ଧତାର ପ୍ରମାଣ ଭାବରେ ବର୍ଣ୍ଣନା କରିଥିଲେ। କେନ୍ଦ୍ର କ୍ୟାବିନେଟ୍ରେ ତାଙ୍କ ସହିତ କାମ କରିବା ପରେ, ଭାରତର ଶିକ୍ଷା ପରିବେଶକୁ ସୁଦୃଢ଼ କରିବା ଓ ଲକ୍ଷ ଲକ୍ଷ ଯୁବ ଛାତ୍ରଙ୍କୁ ପ୍ରତ୍ୟେକ ନିଷ୍ପତ୍ତିର କେନ୍ଦ୍ରରେ ରଖିବା ପାଇଁ ତାଙ୍କର ଆନ୍ତରିକ ପ୍ରତିବଦ୍ଧତା ଦେଖିଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ନେତୃତ୍ୱ ନେବା ପାଇଁ ଅତ୍ୟନ୍ତ ଦୃଢ଼ତାର ଆବଶ୍ୟକତା ଅଛି। ସେ ସାହସ ଓ ସ୍ୱଷ୍ଟ ଦୃଷ୍ଟିକୋଣ ସହିତ ଏହି ଦାୟିତ୍ୱ ଗ୍ରହଣ କରିଥିଲେ ବୋଲି ରିଜିଜୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି।

### ଧର୍ମେନ୍ଦ୍ର ଶିକ୍ଷା ସହିତ ରାଷ୍ଟ୍ରର ପରିଚୟ ଯୋଡ଼ିଥିଲେ: ତାୱଡ଼େ

ରାଜ୍ୟସଭା ସାଂସଦ ଓ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିନୋଦ ତାୱଡେ କହିଛନ୍ତି ଯେ, ଧର୍ମେନ୍ଦ୍ର ପ୍ରଧାନ ସର୍ବଦା ଏକ ଶକ୍ତିଶାଳୀ ରାଷ୍ଟ୍ରର ଧାରଣାକୁ ସର୍ବାଧିକ ଗୁରୁତ୍ୱ ଦେଇଆସିଛନ୍ତି। ଶକ୍ତିଶାଳୀ ରାଷ୍ଟ୍ରର ପରିଚୟ ଏହାର ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ଚିହ୍ନଟ ହୋଇଥାଏ ବୋଲି ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ବିଶ୍ୱାସ କରନ୍ତି ବୋଲି ତାୱଡ଼େ କହିଛନ୍ତି। ଛାତ୍ର ଆନ୍ଦୋଳନରୁ ଆରମ୍ଭ ହୋଇଥିବା ତାଙ୍କର ସାର୍ବଜନୀନ ଜୀବନଯାତ୍ରା ଦେଶର ଶିକ୍ଷାମନ୍ତ୍ରୀ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟରେ ପହଞ୍ଚିଥିଲା। ଏହି ସମୟ ମଧ୍ୟରେ ସେ ଜାତୀୟ ଆଲୋଚନାର କେନ୍ଦ୍ରରେ ଶିକ୍ଷାକୁ ରଖିବାକୁ ନିରନ୍ତର ଚେଷ୍ଟା କରିଥିଲେ ବୋଲି ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କହିଛନ୍ତି।

### ଗଣତନ୍ତ୍ର ପାଇଁ ଏକ ବଡ଼ ବିଜୟ: କେଜରିୱାଲ

ଆମ୍ ଆଦମୀ ପାର୍ଟି ଆବାହକ ଅରବିନ୍ଦ କେଜ୍ରିୱାଲ, ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାକୁ ଗଣତନ୍ତ୍ର ଓ ଛାତ୍ରମାନଙ୍କ ପାଇଁ ଏକ ବଡ଼ ବିଜୟ ବୋଲି କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ଭିଡିଓ ବାର୍ତ୍ତାରେ ଧର୍ମେନ୍ଦ୍ରଙ୍କ ଇସ୍ତଫା ସମଗ୍ର ଦେଶ ପାଇଁ ବଡ଼ ବିଜୟ ବୋଲି ସେ କହିଥିଲେ।

### ଛାତ୍ରମାନଙ୍କ ଚାପରେ ଇସ୍ତଫା ଦେଲେ: ମନିଷ ସିସୋଦିଆ

ଆମ ଆଦମୀ ପାର୍ଟିର ନେତା ମନିଷ ସିସୋଦିଆ କହିଛନ୍ତି, ଧର୍ମେନ୍ଦ୍ର ପ୍ରଧାନ ନିଜ ଇଚ୍ଛାରେ ନୁହେଁ, ଛାତ୍ରମାନଙ୍କ ଚାପରେ ଶିକ୍ଷାମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କୁ ନିଟ୍ ପ୍ରଶ୍ନପତ୍ର ଲିକ୍ ହେବା ପରେ ଇସ୍ତଫା ଦେବାର ଥିଲା। ଦେଶର ଶିକ୍ଷାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆବଶ୍ୟକ ବୋଲି କହିଛନ୍ତି।

### ଅତୀତ କେବେ ଭବିଷ୍ୟତ ସହିତ ଲଢ଼ିପାରିବ ନାହିଁ: ମହୁଆ ମୈତ୍ର

ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୈତ୍ର ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମହୁଆ କହିଛନ୍ତି, ନରେନ୍ଦ୍ର ମୋଦୀ ଭାରତର ଅତୀତ, ଅତୀତ କେବେ ଭବିଷ୍ୟତ ସହିତ ଲଢ଼ିପାରିବ ନାହିଁ ବୋଲି ଆପଣଙ୍କ କଥା ସତ ହୋଇଛି, ସେଥିପାଇଁ ଧନ୍ୟବାଦ।

### ଉତ୍ସର୍ଗୀକୃତ ସେବା ଓ ପ୍ରତିବଦ୍ଧତା ପାଇଁ ଧନ୍ୟବାଦ: ଅମିତ୍ ମାଲବ୍ୟ

ବିଜେପି ନେତା ଅମିତ ମାଲବ୍ୟ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କର ବର୍ଷ ବର୍ଷର ଉତ୍ସର୍ଗୀକୃତ ସେବା, ଭାରତର ଛାତ୍ରଛାତ୍ରୀମାନଙ୍କ ପ୍ରତି ଦୃଢ଼ ପ୍ରତିବଦ୍ଧତା ଓ ଶିକ୍ଷାର ପରିବର୍ତ୍ତନକାରୀ ଶକ୍ତିରେ ବିଶ୍ୱାସକୁ ନେଇ ଧନ୍ୟବାଦ ଜଣାଇଛନ୍ତି। ମାଲବ୍ୟ କହିଛନ୍ତି, ଶିକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ତାଙ୍କ ଯାତ୍ରା ଛାତ୍ର ଆନ୍ଦୋଳନ ସହିତ ଗଭୀର ଭାବରେ ଜଡ଼ିତ ଥିଲା। ସେହି ଅଭିଜ୍ଞତା ଧର୍ମେନ୍ଦ୍ରଙ୍କୁ ଯୁବ ଭାରତୀୟଙ୍କ ଆକାଂକ୍ଷା, ଆହ୍ୱାନ ଓ ମହତ୍ତ୍ୱାକାଂକ୍ଷା ବିଷୟରେ ଏକ ସ୍ଥାୟୀ ଲକ୍ଷ୍ୟ ଦେଇଥିଲା। ଧର୍ମେନ୍ଦ୍ର ପ୍ରଧାନ ତାଙ୍କର ସାର୍ବଜନୀନ ଜୀବନ ଓ ବିଶ୍ୱାସରେ ଶିକ୍ଷାକୁ ସାମାଜିକ ପରିବର୍ତ୍ତନ ଓ ଜାତୀୟ ପ୍ରଗତି ପାଇଁ ସବୁଠାରୁ ଶକ୍ତିଶାଳୀ ଉପକରଣ ଭାବେ ଗ୍ରହଣ କରିଥିଲେ।

### ପୂର୍ବରୁ ଇସ୍ତଫା ଦେଇଥିଲେ ଏପରି ସ୍ଥିତି ହୋଇ ନ ଥାନ୍ତା: ଅଧୀର ଚୌଧୁରୀ

କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି, ଧର୍ମେନ୍ଦ୍ର ପ୍ରଧାନ ବହୁ ପୂର୍ବରୁ ଇସ୍ତଫା ଦେବାର ଥିଲା। ସେ ପୂର୍ବରୁ ଇସ୍ତଫା ଦେଇଥିଲେ ଛାତ୍ର ଓ ପୁଲିସ ମଧ୍ୟରେ ସଂଘର୍ଷ ହୋଇ ନ ଥାନ୍ତା। ସରକାର ହତାଶ ହୋଇ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ନେବାକୁ ବାଧ୍ୟ ହୋଇଛନ୍ତି।

### ଧର୍ମେନ୍ଦ୍ରଙ୍କ ଇସ୍ତଫାକୁ ସ୍ୱାଗତ କଲେ ମୁରଲୀ ମନୋହର ଯୋଶୀ

କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫାକୁ ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୁରଲୀ ମନୋହର ଯୋଶୀ ସ୍ୱାଗତ କରିଛନ୍ତି। ଆଦୌ ନ ହେବା ଅପେକ୍ଷା ବିଳମ୍ବରେ ହେବା ଭଲ। ପ୍ରଧାନମନ୍ତ୍ରୀ ଏହା ଉପରେ ଠିକ୍ ସମୟରେ ନିଷ୍ପତ୍ତି ନେବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବେ ଶେଷ କରିଥିବାରୁ ସେ ଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଖୁବ୍ଶୀଘ୍ର ଭାରତର ଶିକ୍ଷା ବ୍ୟବସ୍ଥାକୁ ଶାନ୍ତି ଫେରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

### ଧର୍ମେନ୍ଦ୍ରଙ୍କ ଇସ୍ତଫା ଆବଶ୍ୟକ ଥିଲା: ଆନ୍ନା ହଜାରେ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଆବଶ୍ୟକ ଥିଲା ବୋଲି ବିଶିଷ୍ଟ ସମାଜସେବୀ ଆନ୍ନା ହଜାରେ କହିଛନ୍ତି। ଗଣତନ୍ତ୍ରରେ ସରକାର ଲୋକଙ୍କ କଥା ଶୁଣିବା ଆବଶ୍ୟକ। ତେବେ ସମସ୍ୟାର ସମାଧାନ କେବଳ ଇସ୍ତଫା କରିବ ନାହିଁ। ସମସ୍ୟାର ସମାଧାନ ହିଂସାରେ ନୁହେଁ ଆଲୋଚନାରେ କରିବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି।

## ସ୍ୱାଭାବିକ ହେଲା ଦିଲ୍ଲୀ ଓ ଜନ୍ତରମନ୍ତର

**ନୂଆଦିଲ୍ଲୀ:** କକ୍ରୋଚ ଜନତା ପାର୍ଟି (ସିଜେପି) ନେତୃତ୍ୱରେ ଦିଲ୍ଲୀର ଜନ୍ତରମନ୍ତରଠାରେ ଚାଲିଥିବା ଛାତ୍ର ଆନ୍ଦୋଳନ ଶେଷ ହେବା ପରେ ଜାତୀୟ ରାଜଧାନୀ ସ୍ୱାଭାବିକ ଅବସ୍ଥାକୁ ଫେରିଛି। ଜୁଲାଇ ୨୦ର 'ସଂସଦ ଚଲୋ' ଅଭିଯାନ ପରେ ଦିଲ୍ଲୀରେ ଛାତ୍ର ଆନ୍ଦୋଳନ ଅଧିକ ତୀବ୍ର ହୋଇଥିଲା। ଛାତ୍ରମାନଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଦେଶର ବିଭିନ୍ନ କୋଣରୁ ଛାତ୍ରମାନେ ଜନ୍ତରମନ୍ତର ଆସୁଥିବାରୁ ଦିଲ୍ଲୀର ବିଭିନ୍ନ ମେଟ୍ରୋ ଷ୍ଟେସନ ବନ୍ଦ ରଖାଯାଇଥିଲା। ପ୍ରତିବାଦ ସ୍ଥଳକୁ ଆସିବାକୁ ବହୁ ସଂଖ୍ୟାରେ ଲୋକ ଟଲଷ୍ଟୟ ମାର୍ଗର ଜନପଥ ମେଟ୍ରୋ ଷ୍ଟେସନ ପର୍ଯ୍ୟନ୍ତ ଧାଡ଼ିରେ ୫୦ରୁ ୧୦୦ ମିନିଟ୍ ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ। ଆନ୍ଦୋଳନକୁ ସମର୍ଥନ କରି ପଡ଼ୋଶୀ ରାଜ୍ୟଗୁଡ଼ିକର ଓକିଲ, କୃଷକ ସଂଘ, ଏନ୍ଜିଓ ଓ ଅନ୍ୟ ଗୋଷ୍ଠୀଗୁଡ଼ିକର ପ୍ରତିନିଧିମଣ୍ଡଳୀ ବ୍ୟାନର ଓ ପ୍ଲାକାର୍ଡ ଧରି ପହଞ୍ଚୁଥିବାରୁ ମେଟ୍ରୋ ଷ୍ଟେସନକୁ ବନ୍ଦ ରଖାଯାଇଥିଲା। ଶୁକ୍ରବାର ୧୭ଟି ମେଟ୍ରୋ ଷ୍ଟେସନ ବନ୍ଦ ଥିବାବେଳେ ଶନିବାର ଅପରାହ୍ଣ ପର୍ଯ୍ୟନ୍ତ ୧୮ଟି ଷ୍ଟେସନ ବନ୍ଦ ଥିଲା। ତେବେ ସିଜେପି ଆନ୍ଦୋଳନ ବନ୍ଦ କରିବାକୁ ଘୋଷଣା କରିବା ପରେ ଦିଲ୍ଲୀର ସମସ୍ତ ମେଟ୍ରୋ ଷ୍ଟେସନଜନସାଧାରଣଙ୍କ ପାଇଁ ଖୋଲି ଦିଆଯାଇଛି। ଏହାସହିତ ଜନ୍ତରମନ୍ତରଠାରେ ଇଣ୍ଟରନେଟ୍ ସେବା ପୁନଃସ୍ଥାପିତ କରାଯାଇଛି।

## ସରକାରକୁ ହଟାଇବା ସମୟ ଆସିଛି: ରାହୁଲ



**ନୂଆଦିଲ୍ଲୀ:** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରତିକ୍ରିୟା ରଖି ସରକାରକୁ ହଟାଇବା ସମୟ ଆସିଯାଇଛି ବୋଲି କହିଛନ୍ତି। ଗଣତନ୍ତ୍ର, ସମ୍ବିଧାନ ଏବଂ ସେମାନଙ୍କ ଭବିଷ୍ୟତର ସୁରକ୍ଷା ପାଇଁ ଯେଉଁମାନେ ଲଢ଼େଇ କରୁଛନ୍ତି ସେମାନଙ୍କୁ ରାହୁଲ ଅଭିନନ୍ଦନ ଜଣାଇଛନ୍ତି। ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦେଶର ଦେଶର ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବା ଦିଗରେ ବହୁତ ବଡ଼ ପଦକ୍ଷେପ। ଦେଶର ଛାତ୍ରମାନଙ୍କୁ ଶୁଭକାମନା। ଆମେ ତୁମମାନଙ୍କ ପାଇଁ ଗର୍ବିତ ବୋଲି ରାହୁଲ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରିଛନ୍ତି। ତେବେ ଏବେ ଆହୁରି ଦୁଇଟି ଦାବି ରହିଛି। ତାହା ହେଲା ଛାତ୍ର ଓ ଭାରତର ଭବିଷ୍ୟତକୁ ସମ୍ମାନ ଜଣାଇ ପ୍ରଧାନମନ୍ତ୍ରୀଙ୍କ କ୍ଷମାପାର୍ଥନା ଏବଂ ଛାତ୍ରଙ୍କ ପ୍ରତି ହିଂସା ଆଚରଣ କରିଥିବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ। ସମାଜର ଅନ୍ୟ ବର୍ଗ ଯଥା ଚାଷୀ, ଶ୍ରମିକ, ଗରିବ, ପ୍ରତ୍ୟେକ ବ୍ୟକ୍ତି ଯେଉଁମାନଙ୍କୁ ଏହି ସରକାର ଦମନ କରିଛି ଏବଂ ଚାପି ଦେଇଛି ସେମାନଙ୍କ ପାଇଁ ପ୍ରକୃତ ସାହସ ହେଉଛି ନିଜ ସମ୍ମାନ ପାଇଁ ସାମ୍ବିଧାନିକ ଉପାୟରେ ଦୃଢ଼ ଭାବରେ ଠିଆ ହେବା। ଏହି ସରକାରଙ୍କୁ ହଟାଇବାର ସମୟ ଆସିଛି। ଭୟ କରନାହିଁ ବୋଲି ସେ କହିଛନ୍ତି। ରାହୁଲ ଆଜି ତାଙ୍କ ୧୦ ଜନପଥ ବାସଭବନରେ ଆନ୍ଦୋଳନରତ କିଛି ଛାତ୍ରଙ୍କୁ ଭେଟିଛନ୍ତି।

## ବିକଶିତ ଭାଇବ୍ରାଣ୍ଟ ଭିଲେଜ ପ୍ରୋଗ୍ରାମର ଅଂଶଗ୍ରହଣକାରୀଙ୍କ ସହ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,(ପିଆଇବି):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୬ ଜୁଲାଇ ୨୦୨୬ ଅପରାହ୍ଣ ୪:୩୦ ସମୟରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ 'ବିକଶିତ ଭାଇବ୍ରାଣ୍ଟ ଭିଲେଜ ପ୍ରୋଗ୍ରାମ ୨୦୨୬'ର ଅଂଶଗ୍ରହଣକାରୀମାନଙ୍କ ସହ ଆଲୋଚନା କରିବେ । 'ମାଇ ଭାରତ'



ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା 'ବିକଶିତ ଭାଇବ୍ରାଣ୍ଟ ଭିଲେଜ ପ୍ରୋଗ୍ରାମ'ର ଲକ୍ଷ୍ୟ ହେଉଛି ଭାରତର ସୀମାବର୍ତ୍ତୀ ଗ୍ରାମଗୁଡିକୁ ଦେଶର 'ପ୍ରଥମ ଗ୍ରାମ' ଭାବରେ ବିବେଚନା କରିବା ଏବଂ 'ବିକଶିତ ଭାରତ' ଗଠନ ଦିଗରେ ସେଗୁଡିକୁ ସକ୍ରିୟ ଅଂଶୀଦାର କରିବା ନେଇ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିକୁ ସାକାର କରିବା । 'ବିକଶିତ ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ ୨୦୨୬' ଦୁଇଟି ପର୍ଯ୍ୟାୟରେ ୪ ଜୁନ୍ରୁ ୩୦ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା । ଯେଉଁଥିରେ ଲଦାଖ, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡର ୭୪ଟି ଭାଇବ୍ରାଣ୍ଟ ଗ୍ରାମ (ସୀମାବର୍ତ୍ତୀ ଗ୍ରାମ)କୁ ସାମିଲ କରାଯାଇଥିଲା । ଏକ ସର୍ବଭାରତୀୟ ଅନ୍ଲାଇନ୍ କୁଇଜ୍ ପ୍ରତିଯୋଗିତା ମାଧ୍ୟମରେ ୪୦୦ରୁ ଅଧିକ ଯୁବ ଅଂଶଗ୍ରହଣକାରୀଙ୍କୁ ଚୟନ କରାଯାଇଥିଲା । ଏହି ପ୍ରତିଯୋଗିତାରେ ତିନି ଲକ୍ଷରୁ ଅଧିକ ଯୁବକ-ଯୁବତୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ଅଂଶ ସ୍ୱରୂପ, ଅଂଶଗ୍ରହଣକାରୀମାନେ ସ୍ଥାନୀୟ ସମ୍ପ୍ରଦାୟ ସହିତ ରହି ସ୍ୱଚ୍ଛତା ଅଭିଯାନ, ସରକାରୀ ଯୋଜନା ସମ୍ପର୍କରେ ସଚେତନତା ଅଭିଯାନ, ଯୁବ ସମ୍ମିଳନୀ, ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ, ବୃକ୍ଷରୋପଣ ଅଭିଯାନ, ମିନି ମଡ଼େଲ ପଞ୍ଚାୟତ ସିମୁଲେସନ, ସ୍ଥାନୀୟ କାରିଗରଙ୍କ ସହିତ ପାରସ୍ପରିକ ଆଲୋଚନା ଏବଂ ରଣନୈତିକ ଗୁରୁତ୍ୱ ଥିବା ଅନୁଷ୍ଠାନଗୁଡ଼ିକୁ ପରିଦର୍ଶନ ଭଳି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କୁ ଭାରତର ସୀମାନ୍ତ ଅଞ୍ଚଳର ସାମାଜିକ-ଅର୍ଥନୈତିକ ଦୃଶ୍ୟପଟ, ସାଂସ୍କୃତିକ ଐତିହ୍ୟ ଏବଂ ବିକାଶମୂଳକ ଆକାଂକ୍ଷା ପ୍ରତି ପ୍ରତ୍ୟକ୍ଷ ଦୃଷ୍ଟିକୋଣ ପ୍ରଦାନ କରିବା ସହିତ ସାମ୍ପ୍ରଦାୟିକ ଅଂଶଗ୍ରହଣ, ଜାତୀୟ ସଂହତି ଏବଂ ସୀମାନ୍ତ ଗ୍ରାମଗୁଡିକର ରଣନୈତିକ ଗୁରୁତ୍ୱ ବିଷୟରେ ଗଭୀର ବୁଝାମଣାକୁ ପ୍ରୋତ୍ସାହିତ କରିଥିଲା ।

## ବାହାରିନରେ ପ୍ରବାସୀ ଓଡ଼ିଆଙ୍କ ବାହୁଡ଼ା ଯାତ୍ରା ପାଳିତ



**ମାନାମା,(ସବ୍):** ବାହାରିନର ରାଜଧାନୀ ମାନାମାଠାରେ ପ୍ରବାସୀ ଓଡ଼ିଆଙ୍କ ପ୍ରମୁଖ ସଂଗଠନ 'ବାହାରିନ ଓଡ଼ିଆ ସମାଜ' ପକ୍ଷରୁ ଘୋଷଯାତ୍ରା ପର୍ବର ଅନ୍ତିମ ଦିବସ ବାହୁଡ଼ା ଯାତ୍ରା ଭବ୍ୟ ଓ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରାଯାଇଥିଲା । ଏହି ପବିତ୍ର ଅବସରରେ ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇ ଘଣ୍ଟ, ଘଣ୍ଟା, ମୃଦଙ୍ଗ ଓ ବିଭିନ୍ନ ବାଦ୍ୟର ନାଦ ମଧ୍ୟରେ ହରିବୋଲ ଏବଂ ଜୟ ଜଗନ୍ନାଥଧ୍ୱନିରେ ସମଗ୍ର ପରିବେଶକୁ ଭକ୍ତିମୟ କରିଦେଇଥିଲେ । ସମସ୍ତେ ଭକ୍ତିଭାବରେ ରଥ ଟାଣି ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ । ରଥ ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରା ବିଜେ କରିବା ପରେ ଭକ୍ତମାନେ ଭାବବିହ୍ୱଳ ହୋଇଉଠିଥିଲେ । ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ ପରିକ୍ରମା ପରେ ଶତାଧିକ ଭକ୍ତ ମହାପ୍ରସାଦ ସେବନ କରିଥିଲେ । ପରବର୍ତ୍ତୀ ସମୟରେ ଓଡ଼ିଶାର ବିଭିନ୍ନ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା, ଯାହା ଦର୍ଶକଙ୍କୁ ମୁ କରିଥିଲା । ଏହି ଅବସରରେ ବାହାରିନ ଓଡ଼ିଆ ସମାଜର ସଭାପତି ରାମଚନ୍ଦ୍ର ସାହୁ ମହାପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତି, ପରମ୍ପରା ଓ ବିଶ୍ୱବ୍ୟାପୀ ମହିମା ସମ୍ପର୍କରେ ଆଲୋକପାତ କରିଥିଲେ । ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଅମରେଶ ପଣ୍ଡା, ସାଂସ୍କୃତିକ ସମ୍ପାଦିକା ଶ୍ରୀମତୀ ସରିତା ପାଢ଼ୀ, କ୍ରୀଡ଼ା ସମ୍ପାଦକ ଅନିରୁଦ୍ଧ ବିଶ୍ୱାଳ ଏବଂ ଜନସମ୍ପର୍କ ସମ୍ପାଦିକା ଶ୍ରୀମତୀ ଅଙ୍କିତା ନାୟକ ସମସ୍ତ ଭକ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଉପରେ ଆଲୋଚନା କରିଥିଲେ । ବିଦେଶ ମାଟିରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପାଳନ କରିବା ପ୍ରତ୍ୟେକ ପ୍ରବାସୀ ଓଡ଼ିଆଙ୍କ ପାଇଁ ଏକ ସୌଭାଗ୍ୟ ଓ ଗର୍ବର ବିଷୟ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ରଥଯାତ୍ରାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ନଅ ଦିନ ଧରି ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟମାନେ ନିଷ୍ଠାର ସହିତ ସହଯୋଗ କରିଥିଲେ । ଏହି ଉତ୍ସବରେ ଶତାଧିକ ଅଣଓଡ଼ିଆ ଭକ୍ତ ମଧ୍ୟ ଯୋଗଦେଇ ମହାପ୍ରଭୁଙ୍କ ଦର୍ଶନ ଓ ରଥ ଟାଣିବାର ସୁଯୋଗ ପାଇ ନିଜକୁ ସୌଭାଗ୍ୟବାନ ମନେ କରିଥିଲେ । ଏ ବର୍ଷ ର ମୁଖ୍ୟ ଆକର୍ଷଣ ଥିଲା ଭୁବନେଶ୍ୱର ଇସ୍କନର ପ୍ରମୁଖ ବକ୍ତା ଅକ୍ଷୟ ହରି ପ୍ରଭୁ ମହାପ୍ରଭୁ ଜଗନ୍ନାଥଙ୍କ ଅଲୌକିକ ଲୀଳା ଓ ମହିମା ସମ୍ପର୍କରେ ଆଧ୍ୟାତ୍ମିକ ଆଲୋଚନା । ଉପସ୍ଥିତ ଭକ୍ତମାନେ ତାଙ୍କର ପ୍ରେରଣାଦାୟକ ବକ୍ତବ୍ୟକୁ ଅତ୍ୟନ୍ତ ଆନନ୍ଦ ଓ ଭକ୍ତିଭାବର ସହିତ ଶ୍ରବଣ କରିଥିଲେ । ଶେଷରେ ଶ୍ରୀଶ୍ରୀ ରାଧାଗୋପାଳକୃଷ୍ଣ ମନ୍ଦିରର ସଭାପତି ପ୍ରଶାନ୍ତ ମହାନ୍ତି ଏବଂ ଅନୁଷ୍ଠାନର ବରିଷ୍ଠ ସଦସ୍ୟ କିଶୋର ଦାସ, ବିଷ୍ଣୁପ୍ରସାଦ ମହାନ୍ତି ଓ ଶ୍ରୀ ଭକ୍ତହରି ଅଗସ୍ତି କହିଥିଲେ ଯେ, ବିଦେଶ ମାଟିରେ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପାଳନ କରିବା ତାଙ୍କର ଅସୀମ କୃପା ଓ ଦିବ୍ୟ ଲୀଳାର ପ୍ରତୀକ ।

## ୟୁନିସ୍କୋ ବିଶ୍ୱ ଐତିହ୍ୟ ତାଲିକାରେ ସାରନାଥ

**ସିଓଲ:** ଦକ୍ଷିଣ କୋରିଆରେ ଶନିବାର ଅନୁଷ୍ଠିତ ୟୁନେସ୍କୋ କମିଟି ବୈଠକରେ ଏସିଆ, ଆମେରିକା ଓ ଆଫ୍ରିକାର ଅନେକ ସ୍ଥାନକୁ ବିଶ୍ୱ ଐତିହ୍ୟ ତାଲିକାରେ ଯୋଡାଯାଇଛି, ଯେଉଁଥିରେ ଜର୍ଜିଆର ଓକେଫେନୋକି ସ୍ୱାମ୍ପ, ଥାଇଲାଣ୍ଡର ତ୍ରୟୋଦଶ ଶତାବ୍ଦୀର ଏକ ବୌଦ୍ଧ ମନ୍ଦିର, ଭାରତର ସାରନାଥ, ଦକ୍ଷିଣ କୋରିଆର ଟାଇଡାଲ ଫ୍ଲାଟ୍, ଚୀନ୍ର ଚିନାମାଟି ପାତ୍ର ଶିଳ୍ପ ସ୍ଥାନ ଓ କୋମୋରୋସର ଐତିହାସିକ ସହର ଅନ୍ତର୍ଭୁକ୍ତ। ବାରାଣସୀର ଏକ ପ୍ରାଚୀନ ବୌଦ୍ଧ ସ୍ଥଳୀ ସାରନାଥ ବିଶ୍ୱ ଐତିହ୍ୟ ତାଲିକାରେ ନୂତନ ଭାବେ ଯୋଡ଼ି ହୋଇଛି। ୟୁନେସ୍କୋ କହିଛି ଯେ, ସାରନାଥରେ ଗୌତମ ବୁଦ୍ଧ ତାଙ୍କର ପ୍ରଥମ ଧର୍ମୋପଦେଶ ଦେଇଥିବାରୁ ଏହାର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ସାରନାଥର ସ୍ଥାପତ୍ୟ ଓ ପ୍ରତ୍ନତାତ୍ତ୍ୱିକ ଅବଶେଷ ଅବକ୍ଷୟ ହେବା ସତ୍ତ୍ୱେ ଏହା ଗଭୀର ଗୁରୁତ୍ୱ ବହନ କରୁଛି। ବୁସାନରେ ବୈଠକଗୁଡ଼ିକ ଆସନ୍ତା ବୁଧବାର ପର୍ଯ୍ୟନ୍ତ ଚାଲିବ।କମିଟିଫ୍ରାନ୍ସର ଡି-ଡେ ଅବତରଣ ବେଳାଭୂମି, ଗ୍ରୀସର ମାଉଣ୍ଟ ଅଲିମ୍ପସ୍ ଓ ଜାପାନର ପ୍ରାଚୀନ ରାଜଧାନୀ ଆସୁକା-ଫୁଜିୱାରା ସମେତ ଅନ୍ୟ ପ୍ରସ୍ତାବଗୁଡ଼ିକର ସମୀକ୍ଷା କରିବ। ଆମେରିକାର ଜର୍ଜିଆ ରାଜ୍ୟର ଓକେଫେନୋକି ସ୍ୱାମ୍ପକୁ ଏହାର ଜୈବବିବିଧତା ଓ ପରିବେଶଗତ ଗୁରୁତ୍ୱ ପାଇଁ ତାଲିକାରେ ଯୋଡାଯାଇଛି।

## ଶାନ୍ତିପୂର୍ଣ୍ଣ ପ୍ରତିବାଦ ସମସ୍ତଙ୍କର ଅଧିକାର: ଜାତିସଂଘ

**ନ୍ୟୁୟର୍କ:** ଭାରତରେ ଚାଲିଥିବା ଛାତ୍ର ପ୍ରତିବାଦ ଉପରେ ଜାତିସଂଘର ମୁଖପାତ୍ର ଷ୍ଟିଫେନ୍ ଡୁଜାରିକ୍ ଏକ ବିବୃତି ଜାରି କରିଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଯେଉଁମାନେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିବାକୁ ଚାହାଁନ୍ତି ସେମାନଙ୍କୁ ହଇରାଣ, ଗିରଫଦାରୀ କିମ୍ବା ଆଘାତର ଭୟ ବିନା ଏହା କରିବାକୁ ଅନୁମତି ଦିଆଯିବା ଜରୁରୀ। ତାଙ୍କୁ ପଚରାଯାଇଥିଲା, ଆପଣ ହୁଏତ ଦେଖିଥିବେ ଯେ ଭାରତରେ ପ୍ରତିବାଦ ଚାଲିଛି, ଯାହା ପ୍ରାୟ ଗୋଟିଏ ମାସ ଧରି ଜାରି ରହିଛି। ଭାରତୀୟ ପୁଲିସ ଶହ ଶହ ଛାତ୍ରଙ୍କୁ ଆହତ କରିଛି। ସେମାନେ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଏବଂ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଦାବି କରୁଛନ୍ତି। ତେଣୁ ଏହି ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଜାତିସଂଘର ମତ କ""ଣ? ଜାତିସଂଘର ମୁଖପାତ୍ର ଉତ୍ତର ଦେଇଥିଲେ, ଆମେ ନୂଆଦିଲ୍ଲୀରେ ହେଉଥିବା ପ୍ରତିବାଦ ବିଷୟରେ ଭଲ ଭାବରେ ଜାଣୁ। ଯେଉଁମାନେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିବାକୁ ଚାହାଁନ୍ତି ସେମାନଙ୍କୁ ହଇରାଣ, ଗିରଫଦାରୀ କିମ୍ବା ଆଘାତର ଭୟ ବିନା ଏହା କରିବାକୁ ଅନୁମତି ଦିଆଯିବା ଜରୁରୀ। ସୁରକ୍ଷା ବାହିନୀର ଦାୟିତ୍ୱ ଅଛି, ଯେପରି ସବୁଠି ଏହି ଅଧିକାରଗୁଡ଼ିକୁ ସୁରକ୍ଷିତ ରଖାଯାଇ ପାରିବ।ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟର ସ୍ୱତନ୍ତ୍ର ପ୍ରକ୍ରିୟା ଶାଖାରେ ଏକ ଆନୁଷ୍ଠାନିକ ଅଭିଯୋଗ ଦାଖଲ କରାଯାଇଛି। ଅଭିଯୋଗରେ ପ୍ରାୟ ୭୦ ଜଣ ପ୍ରତିବାଦକାରୀଙ୍କୁ ମନଇଚ୍ଛା ଅଟକ ରଖିବା, ବହୁ ସଂଖ୍ୟକ ଏଫଆଇଆର ଦାଖଲ କରିବା ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କ ଉପରେ ଲାଠିଚାର୍ଜ କରିବା ସମେତ ପୁଲିସ ନିର୍ମମତା ସମେତ ମାନବାଧିକାର ଉଲ୍ଲଂଘନ ଅଭିଯୋଗ କରାଯାଇଛି। ଆମନେଷ୍ଟି ଇଣ୍ଟରନ୍ୟାସନାଲ ଏବଂ ହ୍ୟୁମାନ୍ ରାଇଟ୍ସ ୱାଚ୍ ଭଳି ବିଶ୍ୱସ୍ତରୀୟ ସଂଗଠନଗୁଡ଼ିକ ଦିଲ୍ଲୀ ପୁଲିସ ଏବଂ ଅର୍ଦ୍ଧସାମରିକ ବାହିନୀ ୟୁନିଟଗୁଡ଼ିକୁ କଡ଼ା ସମାଲୋଚନା କରିଛନ୍ତି। ସେମାନେ ବାଡ଼ି, ଲୁହ ଗ୍ୟାସ୍ ଏବଂ କଥିତ ପେଲେଟ୍ ଗନ୍ ବ୍ୟବହାର ସମେତ ବେଆଇନ ଏବଂ ଅତ୍ୟଧିକ ବଳ ବ୍ୟବହାର, ଏବଂ ବହୁ ମେଟ୍ରୋ ଷ୍ଟେସନ ବନ୍ଦ କରିବା ଏବଂ ମୋବାଇଲ୍ ଇଣ୍ଟରନେଟ୍ ବନ୍ଦ କରିବା ସମେତ କଠୋର କଟକଣା ଲାଗୁ କରିବା ଉପରେ ପ୍ରଶ୍ନ ଉଠାଇଛନ୍ତି। ପୂର୍ବରୁ ୨୩ ଜୁଲାଇରେ ହ୍ୟୁମାନ୍ ରାଇଟ୍ସ ୱାଚ୍ କହିଥିଲା ଯେ ୨୦ ଜୁଲାଇରେ ନୂଆଦିଲ୍ଲୀରେ ଛାତ୍ର ଏବଂ ଯୁବକମାନଙ୍କ ଦ୍ୱାରା କରାଯାଇଥିବା ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଦମନ କରିବା ପାଇଁ ଭାରତୀୟ ସୁରକ୍ଷା ବାହିନୀ ଲୁହବୁହା ଗ୍ୟାସ୍ ଏବଂ ବାଡ଼ି ବ୍ୟବହାର କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ତୁରନ୍ତ ଏବଂ ନିରପେକ୍ଷ ଭାବରେ ଅନାବଶ୍ୟକ ଏବଂ ଅତ୍ୟଧିକ ବଳ ପ୍ରୟୋଗର ତଦନ୍ତ କରିବା ଉଚିତ୍ ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଅନୁମତି ଦେବା ଉଚିତ୍। ଏହା ଏକ ବିବୃତିରେ ମଧ୍ୟ କହିଛି ଯେ, ମୋବାଇଲ୍ ଇଣ୍ଟରନେଟ୍ ସେବା ବନ୍ଦ କରିବା ବନ୍ଦ କରାଯିବା ଉଚିତ୍ କାରଣ ଏହା ଲୋକଙ୍କ ପ୍ରତି ବିପଦ ବଢ଼ାଇଥାଏ।

# ଆଗୁଆ ଶୃଙ୍ଖଳା ଜିତିଲା ଭାରତ

## ଇଶାନ-ତିଲକଙ୍କ ଅର୍ଦ୍ଧଶତକ, ଜିମ୍ବାୱେ ଧରାଶାୟୀ

ହରାରେ,୨୬।୭(ଏଜେନ୍ସି): ଜିମ୍ବାୱେ ବିପକ୍ଷ ଟି-୨୦ ଶୃଙ୍ଖଳାକୁ ଆଗୁଆ ୨-୦ରେ କବଜା କରିନେଇଛି ଭାରତ। ଶନିବାର ହରାରେ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମ୍ୟାଚରେ ଭାରତ ୯୦ ରନ୍ ବ୍ୟବଧାନରେ ଜିମ୍ବାୱେକୁ ପଛରେ ପକାଇ ବଡ଼ ବିଜୟ ହାସଲ କରିଥିଲା। ଏହି ବିଜୟ ସହ ଭାରତ କ୍ରମାଗତ ୨ଟି ମ୍ୟାଚ ଜିତି ଜିମ୍ବାୱେ ହାତରୁ ଶୃଙ୍ଖଳା ଛଡାଇ ଆଣିଛି। ଦୁଇଟି ଚମତ୍କାର କ୍ୟାଚ ସାଙ୍ଗକୁ ୪୪ ବଲରୁ ୮୧ ରନର ବିସ୍ଫୋରକ ଇନିଂସ ଖେଳିଥିବା ଇଶାନ କିଷାନଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଏହି ମ୍ୟାଚରେ ଇଶାନ କିଷାନଙ୍କ ବ୍ୟତୀତ ତିଲକ ବର୍ମା ଅପରାଜିତ ୬୦ ରନର ଇନିଂସ ଖେଳିଥିଲେ। ତେଣୁ ଭାରତ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ୱିକେଟ ହରାଇ ୨୧୯ ରନର ବଡ଼ ସ୍କୋର କରିଥିଲା। ଏହାକୁ ପିଛା କରି ଜିମ୍ବାୱେ ୧୭.୫ ଓଭରରେ ୧୨୯ ରନ୍ କରି ଅଲଆଉଟ୍ ହୋଇଥିଲା। ଅଭିଶେକ ଶର୍ମା ସର୍ବାଧିକ ୩ ୱିକେଟ୍ ଅକ୍ତିଆର କରିଥିଲେ।



ଏହି ମ୍ୟାଚରେ ଜିମ୍ବାୱେ ଅଧିନାୟକ ଶିକନ୍ଦର ରାଜା ଟସ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ପ୍ରଥମ ମ୍ୟାଚରେ ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଥିବା ବୈଭବ ସୂର୍ଯ୍ୟବଂଶୀ ୯ ବଲରୁ ୨୦ ରନ୍ କରି ପାଭିଲିୟନ୍ ଫେରିଯାଇଥିଲେ। ଅଭିଶେକ ଶର୍ମା ପୁଣି ନିରାଶ କରିଛନ୍ତି। ସେ ୮ ବଲରୁ ୮ ରନ୍ କରି ଆଉଟ୍ ହୋଇଥିଲେ। ନଂ.୩ ସ୍ଥାନରେ ପଡିଆକୁ ଆସିଥିବା ଇଶାନ କିଷାନଙ୍କ ବ୍ୟାଟରୁ ଜମାଣିଆ ଇନିଂସ ଦେଖିବାକୁ ମିଳିଥିଲା। ଇଶାନ ୪୪ ବଲର ସମ୍ମୁଖୀନ ହୋଇ ୯ଟି ଚୌକା ଓ ୨ଟି ଛକା ସହାୟତାରେ ୮୧ ରନର ଇନିଂସ ଖେଳିଥିଲେ ଅଧିନାୟକ ଶ୍ରେୟାସ ଆୟର ୨୦ ବଲରୁ ୨୫ ରନ, ତିଲକ ବର୍ମା ୨୯ ବଲରୁ ୫ ଚୌକ ଓ ୩ ଛକା ସହାୟତାରେ ଅପରାଜିତ ୬୦ ରନ୍ କରିଥିଲେ। ଦୀର୍ଘ ଦିନ ପରେ ମୈଦାନକୁ ଓହ୍ଲାଇଥିବା ରିଙ୍କୁ ସିଂ ମଧ୍ୟ ଶେଷଭାଗରେ ୮ ବଲରୁ ୧୨ ରନ୍ କରିଥିଲେ। ଶିବମ ଦୁବେ ୩ ବଲରୁ ୬ ରନ୍ କରିଥିଲେ। ଜିମ୍ବାୱେର ବ୍ଲେସିଂ ମୁଜରବାନୀ, ରିଚାର୍ଡ ନାଗାରଭା, ବ୍ରାଡ ଇଭାନ୍ସ, ନ୍ୟୁମାନ ନେମହୁରୀ ଏବଂ ବ୍ରିଆନ ବେନେଟ ପ୍ରତ୍ୟେକ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ।

୨୨୦ ରନର ବିଜୟଲକ୍ଷ୍ୟ ଜିମ୍ବାୱେ ପାଇଁ କଷ୍ଟସାଧ୍ୟ ଥିଲା। ଅବଶ୍ୟ ଜିମ୍ବାୱେର ଆରମ୍ଭ ଭଲ ଥିଲା। କିନ୍ତୁ ୩.୫ ଓଭର ପରେ କ୍ରମାନ୍ୱୟରେ ୱିକେଟ ଝଡିଥିଲା। ପ୍ରଥମ ଟି-୨୦ ମ୍ୟାଚ ଭଳି ଦ୍ୱିତୀୟରେ ମଧ୍ୟ ୟଶ ଠାକୁର, ପ୍ରିନ୍ସ ଯାଦବ, ଅଭିଶେଖ ଶର୍ମା ପ୍ରମୁଖ ଦ୍ରୁତ ୱିକେଟ୍ ସଫଳ ହୋଇଥିଲେ। ଭାରତୀୟ ବୋଲରଙ୍କ ଶାଣିତ ପ୍ରଦର୍ଶନ ଆଗରେ ଜିମ୍ବାୱେ ବ୍ୟାଟର ତିଷ୍ଠି ପାରିନଥିଲେ। କେବଳ ଓପନର ବ୍ରିଆନ ବେନେଟ ୩୨ ରନ୍ କରିଥିବା ବେଳେ ଅନ୍ୟମାନଙ୍କ ପ୍ରଦର୍ଶନ ଆଦୌ ସନ୍ତୋଷଜନକ ନଥିଲା। ଦଳୀୟ ସ୍କୋର ୩.୫ ଓଭରରେ ୩୪ ରନ ବେଳେ ବେନେଟ ୩୨ ରନ୍ କରି ୟଶ ଠାକୁରଙ୍କ ଶିକାର ହୋଇଥିଲେ। ଏହା ପରେ ବେନ କୁରନ୍ ୧, ଡିଅନ ମେୟସ ୧୨, ରିଆନ ବୁରି ୨୦, ସିକନ୍ଦର ରାଜା ୦, ୱିସଲି ମାଧେବୀରେ ୨, ତାଡିୱାନମେ ମାରୁମଣି ୨୪, ବ୍ରାଡ ଇଭାନ୍ସ ୧୯ କରିଥିଲେ। ତେଣୁ ଜିମ୍ବାୱେ ୧୭.୫ ଓଭରରେ ୧୨୯ ରନ କରି ଅଲଆଉଟ୍ ହୋଇଥିଲେ। ଭାରତର ୟଶ କୁମାର ଓ ପ୍ରିନ୍ସ ଯାଦବ ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ। ଅଭିଶେକ ଶର୍ମାଙ୍କୁ ସର୍ବାଧିକ ୩ ୱିକେଟ ମିଳିଥିଲା। ବ୍ୟାଟିଂରେ କମାଲ ଦେଖାଇନଥିଲେ ମଧ୍ୟ ବୋଲିଂରେ ଅଭିଶେକ ଶର୍ମା ଚମକ ଛାଡିଛନ୍ତି। ରବି ବିଷ୍ଣୋଇ, ଶିବମ ଦୁବେ ଓ ତିଲକ ବର୍ମା ପ୍ରତ୍ୟେକ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ। ଏହି ଶୃଙ୍ଖଳାର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ ରବିବାର ଖେଳାଯିବ।

# ଫାଓ ଲିଗ୍: ରୋଭର୍ସ କ୍ଲବର ଗୋଲ ବର୍ଷା

ଭୁବନେଶ୍ୱର,୨୬।୭(ସବ୍ୟ): ଏମଜିଏମ ଫାଓ ଲିଗର ୨୧ ତମ ଦିବସରେ ଅନୁଷ୍ଠିତ ଦୁଇଟି ମ୍ୟାଚରେ ରାଧା ଗୋବିନ୍ଦ ଓ ସନରାଇଜ କ୍ଲବ ମଧ୍ୟରେ ପଏଣ୍ଟ ଭାଗ ହୋଇଥିବା ରେଭର୍ସ କ୍ଲବର ଗୋଲବର୍ଷା ଦେଖିବାକୁ ମିଳିଥିଲା। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ରୋଭର୍ସ କ୍ଲବ ୮-୧ ଗୋଲରେ ରାଧାରମଣ କ୍ଲବକୁ ପରାଜିତ କରିଥିଲା। ରୋଭର୍ସ ପକ୍ଷରୁ ଅଖିଳ କେ ଦଳକୁ ସୁରେଶ ଖଡିଆ, ଅବଦୁ ରହିମ, ମହେଶ, ଚନ୍ଦ୍ର ମୁଦୁଲି ପ୍ରମୁଖ ଗୋଲ କରିଥିଲେ। ରାଧାରମଣ ପକ୍ଷରୁ ଜିତୁ ମୁଦୁଲି ମ୍ୟାଚର ୨୧ ତମ ମିନିଟରେ ଏକମାତ୍ର ଗୋଲ ଦେଇଥିଲେ। ଏହା ପୂର୍ବରୁ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ରାଧାଗୋବିନ୍ଦ କ୍ଲବ ଓ ସନସାଇନ କ୍ଲବ ମଧ୍ୟରେ ମ୍ୟାଚ ୩-୩ ଗୋଲରେ ଡ୍ର' ରହିଥିଲା। ବଳିଆ ମଲ୍ଲିକ, ଅଭିଳାସ ସୁନା, ଏସକେ ସାହାବାଜ କାଦିର ଗୋଟିଏ କରି ଗୋଲ କରିଥିଲେ। ସନସାଇନର କ୍ଲବର ରୋହିତ ସିଂ, ବନମାଳୀ କିସକୁ ଓ ସିଙ୍ଘୁ ମାଝୀ ଗୋଲ ଦେଇଥିଲା।



## ରାଜ୍ୟଗୋଷ୍ଠୀ କ୍ରୀଡା

# ପରିବା ବିକାଳୀରୁ ପୋଡିୟମ

ନୂଆଦିଲ୍ଲୀ,୨୬।୭(ଏଜେନ୍ସି): ୨୯ ବର୍ଷୀୟ ଝଣ୍ଟୁ କୁମାର ଦେଶ ପାଇଁ ରାଜ୍ୟ ଗୋଷ୍ଠୀ କ୍ରୀଡାରେ ପ୍ରଥମ ପଦକ ଜିତିଛନ୍ତି। ସେ ପୁରୁଷ ହେଭିୱେଟ ପାରା ପାୱାର ଲିଫ୍ଟିଂରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଛନ୍ତି। ଇଚ୍ଛାଶକ୍ତି ଆଗରେ ସବୁ ଫେଲ ମାରେ। ଏହାକୁ ପ୍ରମାଣିତ କରିଦେଖାଇଛନ୍ତି ୨୯ ବର୍ଷୀୟ ଝଣ୍ଟୁ କୁମାର। ପଦକ ବ୍ରୋଞ୍ଜ ହୋଇପାରେ କିନ୍ତୁ ଏହାର ମୂଲ୍ୟ ସୁନାଠାରୁ କୌଣସି ଗୁଣରେ କମ ନୁହେଁ। ଦିବ୍ୟାଙ୍ଗ ଝଣ୍ଟୁ କୁମାର ଅନ୍ତର୍ଜାତୀୟ ପୋଡିୟମରେ ପହଞ୍ଚିବାକୁ ଅନେକ ସଂଘର୍ଷ କରିଛନ୍ତି। ଶେଷରେ ତାଙ୍କ ସଂଘର୍ଷ ସମଗ୍ର ଦେଶକୁ ଗୌରବାନ୍ୱିତ କରିଛି। ଏହି ସଫଳତା ସହ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତ ପଦକ ଖାତା ଖୋଲିଛି। ବିହାରର ୨୯ ବର୍ଷୀୟ ଝଣ୍ଟୁ କୁମାରଙ୍କ ବାପା ଜଣେ ପରିବା ବିକାଳି। ପୂର୍ବରୁ ଝଣ୍ଟୁ କୁମାର ପେଟ ପାଇଁ ଇ-ରିକ୍ସା ଚଳାଉଥିଲେ। ଏହା ସହ ଇ-ରିକ୍ସାରେ ମଧ୍ୟ ସେ ପରିବା ବିକ୍ରି କରନ୍ତି। ଏବେ ସେ ଦେଶ ପାଇଁ ପଦକ ଜିତି ଅସଲ ହୀରୋ ସାଜିଛନ୍ତି।



ହେଭିୱେଟ ପାରା ପାୱାର ଲିଫ୍ଟିଂରେ ପଦକ ଜିତିବା ପୂର୍ବରୁ ଝଣ୍ଟୁ କୁମାରଙ୍କୁ ନିରାଶ ହେବାକୁପଡିଥିଲା। କାରଣ ସେ ପୁରୁଷ ଲାଇଟୱେଟ ବର୍ଗରେ ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ସେ ଚତୁର୍ଥ ସ୍ଥାନରେ ରହିଥିଲେ। ପାରା ପାୱାରଲିଫ୍ଟିଂରେ ଶରୀର ଓଜନ ଓ ଜଣେ ଆଥଲେଟ ଉଠାଇଥିବା ଆଧାର କରି ଜଟିଳ ସ୍କୋରିଂ ବ୍ୟବସ୍ଥାରେ ପଦକ ନିର୍ଣ୍ଣୟ କରାଯାଏ। ପ୍ରତିଯୋଗୀ ବିଭିନ୍ନ ଗ୍ରୁପରେ ବିଭକ୍ତ ହୁଅନ୍ତି। ସାଧାରଣତଃ ଗ୍ରୁପ ଏ' ଲିଫ୍ଟରମାନେ ଦ୍ୱିତୀୟ ଭାଗରେ ଲଢ଼େଇ କରନ୍ତି। ସେମାନଙ୍କ ଶରୀର ଓଜନ ଅଧିକ ଥିବାରୁ ରଣନୀତିକ ଲାଭ ମିଳେ। ଲାଇଟୱେଟ ଇଭେଣ୍ଟରେ ସମସ୍ତ ପଦକ ଗ୍ରୁପ ଲିଫ୍ଟରମାନେ ହିଁ ଜିତିଥିଲେ।

ପାରା ପାୱାରଲିଫ୍ଟିଂର ଗ୍ରୁପ୍ ବି'ରୁ ପ୍ରତିଯୋଗିତା କରୁଥିବା ଝଣ୍ଟୁ ଏହି ଧାରାକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛନ୍ତି। ଝଣ୍ଟୁ ଅତ୍ୟନ୍ତ ଦୃଢ଼ତାର ସହ ନିଜ ଅଭିଯାନ ଆରମ୍ଭ କରିଥିଲେ। ଦ୍ୱିତୀୟ ପ୍ରୟାସରେ ସେ ୧୯୦ କିଲୋଗ୍ରାମ ଓଜନ ସଫଳତାର ସହ ଉଠାଇଥିଲେ। ଫଳରେ ତାଙ୍କ ପଏଣ୍ଟ ୧୩୦.୯ ହୋଇଥିଲା। ତଥାପି ଏହା ତାଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ଠାରୁ ୮ କିଲୋଗ୍ରାମ କମ। ଶେଷ ଚେଷ୍ଟାରେ ଝଣ୍ଟୁ ୧୯୬ କିଲୋଗ୍ରାମ ଉଠାଇବାକୁ ଚେଷ୍ଟା କରିଥିଲେ। ତଥାପି ୧୯୦ କିଲୋଗ୍ରାମ ପ୍ରଦର୍ଶନ ଆଧାରରେ ସେ ପଦକ ଜିତିଛନ୍ତି। ଏହି ପ୍ରତିଯୋଗିତାରେ ନାଇଜେରିଆର ରିଲିୱାନ ଇଦ୍ରିସ ୨୦୮ କିଲୋଗ୍ରାମ ଉଠାଇ ସ୍ୱର୍ଣ୍ଣ ଏବଂ ଇଂଲଣ୍ଡର ମାଥ୍ୟୁ ହାର୍ଡିଂ ୧୯୯ କିଲୋଗ୍ରାମ ଉଠାଇ ରୌପ୍ୟ ପଦକ ଜିତିଛନ୍ତି। ଭାରତର ଅନ୍ୟତମ ପ୍ରତିଯୋଗୀ ସୁଧୀର ହେଭିୱେଟ ପାରାପାୱାର ଲିଫ୍ଟିଂରେ ଷଷ୍ଠ ସ୍ଥାନରେ ରହିଥିଲେ।

ବିହାରର ନାଳନ୍ଦା ଜିଲ୍ଲାର ହରମୌତରେ ଜନ୍ମ ହୋଇଥିବା ଝଣ୍ଟୁ ଜନ୍ମରୁ ପୋଲିଓରେ ପୀଡିତ ହୋଇଥିଲେ। ଗରୀବ ପରିବାରରୁ ଆସିଥିବାରୁ ଝଣ୍ଟୁ ରାସ୍ତା କଡରେ ବାପାଙ୍କୁ ଆଳୁ, ପିଆଜ, ପରିବା ବିକ୍ରିରେ ସାହାର୍ଯ୍ୟ କରୁଥିଲେ। କରୋନା ମହାମାରୀ ସମୟରେ ସେ ଦୈନିକ ମଜୁରୀ ପାଇଁ ଇ-ରିକ୍ସା ଚଳାଉଥିଲେ। ୨୦୧୭ରେ ପାରା ଆଥଲେଟିକ୍ସ ମାଧ୍ୟରେ ଝଣ୍ଟୁ କ୍ରୀଡାଯାତ୍ରା ଆରମ୍ଭ କରିଥିଲେ। ୨୦୨୩ରେ ଜାତୀୟ ଚାମ୍ପିଅନସିପରେ ଅଂଶଗ୍ରହଣ କରିବା ପାଇଁ ଯାତ୍ରା ଖର୍ଚ୍ଚ ଯୋଗାଡ କରିବାକୁ ସେ ନିଜର ଇ-ରିକ୍ସା ବିକ୍ରି କରିଦେଇଥିଲେ। ଡେବ୍ୟୁରେ ସେ ସମ୍ପୂର୍ଣ୍ଣ ଫେଲ ମାରିଦେଇଥିଲେ। ତାଙ୍କ ଅସାଧାରଣ ପ୍ରତିଭା ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜେତା ରାଜିନ୍ଦର ସିଂ ରାହେଲୁଙ୍କ ନଜରକୁ ଆସିଥିଲା। ରାହୁଲଙ୍କ ନିର୍ଦ୍ଦେଶରେ ଗାନ୍ଧୀନଗର ସ୍ଥିତ ସାଇ ନ୍ୟାସନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ପ୍ରଶିକ୍ଷଣ ପାଇଁ ସୁଯୋଗ ପାଇଥିଲେ। ଏହା ତାଙ୍କ କ୍ୟାରିୟର ଗତିକୁ ବଦଳାଇଥିଲା। ୭୨ କିଲୋଗ୍ରାମରେ ଝଣ୍ଟୁ ଭାରତର ଶ୍ରେଷ୍ଠ ଲିଫ୍ଟର ଭାବେ ନିଜକୁ ପ୍ରତିଷ୍ଠିତ କରିଛନ୍ତି। ଜାତୀୟ ଚାମ୍ପିଅନସିପରେ ୨୦୫ କିଲୋଗ୍ରାମ ଉଠାଇ ସେ ଜାତୀୟ ରେକର୍ଡ କରିଥିଲେ। ୨୦୨୫ ବେଜିଂ ବିଶ୍ୱକପରେ ବ୍ରୋଞ୍ଜ ଏବଂ ୨୦୨୬ ଏସିଆନ ଆଣ୍ଡ ଓସେନିଆ ଚାମ୍ପିଅନସିପରେ ସେ ଦେଶ ପାଇଁ ବ୍ରୋଞ୍ଜ ପଦକ ଜିତିଥିଲେ।

# ଫାଇନାଲରେ ଅନାହତ




ନୂଆଦିଲ୍ଲୀ,୨୬।୭(ଏଜେନ୍ସି): ଭାରତର ମହିଳା ଚେସ ଖେଳାଳି ଅନାହତ ସିଂ କନିଷ୍ଠ ବିଶ୍ୱ ସ୍କ୍ୱାଶ ପ୍ରତିଯୋଗିତା ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ଭାରତୀୟ ଭାବେ କନିଷ୍ଠ ବିଶ୍ୱ ସ୍କ୍ୱାଶ ଚାମ୍ପିଅନ ହେବାକୁ ସେ ଆଉ ଗୋଟିଏ ବିଜୟ ପଛରେ ଅଛନ୍ତି। ଫାଇନାଲରେ ସେ ଇଜିପ୍ଟର ରକାୟା ସାଲେମାନଙ୍କୁ ଭେଟିବେ।

୨୦୦୫ ପରେ ପ୍ରଥମଥର ପାଇଁ ଜଣେ ଭାରତୀୟ ଏହି ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛନ୍ତି। ୨୦୦୫ରେ ଜ୍ୟୋତ୍ସ୍ନା ଚିନାପ୍ପା ଏହି ସଫଳତା ହାସଲ କରିଥିଲେ। ସେ ସେମିଫାଇନାଲରେ ଅନାହତ ଇଜିପ୍ଟର ସାମ୍ୟଙ୍କୁ ୧୧-୩, ୮-୧୧, ୧୧-୬ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

# ଆକାଶଦୀପ, ମୁକେଶ ହେଲେ ଡିଏସପି



ପାଟନା,୨୬।୭(ଏଜେନ୍ସି): ଭାରତୀୟ ଦ୍ରୁତ ବୋଲର ଆକାଶଦୀପ ଓ ମୁକେଶ କୁମାର ବିହାର ପୋଲିସ ବିଭାଗରେ ଡିଏସପି ଭାବେ ନିଯୁକ୍ତି ପାଇଛନ୍ତି। ପାଟନାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ସେମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି।

ବିହାର ସରକାରଙ୍କ ମେଡେଲ ଆଣ ନିଯୁକ୍ତି ପାଓ ଯୋଜନା ଅଧିନରେ ସେମାନଙ୍କୁ ଏହି ଚାକିରୀ ମିଳିଛି। ଉଭୟ ଖେଳାଳି ଏହି ନିଯୁକ୍ତି ପାଇଁ ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ବିହାରର ଯୁବ ଖେଳାଳିଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି। ଏହା ପୂର୍ବରୁ ୨୦୨୪ରେ ତେଲେଙ୍ଗାନା ସରକାର ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ଡିଏସପି ଭାବେ ନିଯୁକ୍ତି ଦେଇଥିଲେ। ଆକାଶଦୀପ ଭାରତ ପାଇଁ ୧୦ଟି ଟେଷ୍ଟ ଖେଳି ୨୮ ୱିକେଟ୍ ନେଇଥିବା ବେଳେ ମୁକେଶ ୩ ଟେଷ୍ଟ ଖେଳି ୭ ୱିକେଟ୍ ନେଇଛନ୍ତି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

# ୬୬ତମ ରାଜ୍ୟ ବରିଷ୍ଠ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ

ଭୁବନେଶ୍ୱର,୨୬।୭(ସବ୍ୟ): ନିଖିଳ ଓଡ଼ିଶା ଚେସ ସଂଘ ଆନୁକୂଲ୍ୟରେ ସ୍ଥାନୀୟ କୀଟ ବିଶ୍ୱନାଥନ ଆନନ୍ଦ ଅନ୍ତର୍ଜାତୀୟ ଚେସ ହଲ୍‌ରେ ଅନୁଷ୍ଠିତ ମର୍ଯ୍ୟଦାଜନକ ୬୬ତମ ରାଜ୍ୟ ବରିଷ୍ଠ ରେଟେଡ୍ ଚେସ୍ ପ୍ରତିଯୋଗିତାକୁ ଅଲିମ୍ପିଆନ୍ ତଥା ହଡଲସ କୁଇନ୍ ଅନୁରାଧା ବିଶ୍ୱାଳ ପ୍ରଦୀପ ପ୍ରଜ୍ୱଳନ କରି ଡେମୋ ଚେସ୍ ବୋର୍ଡରେ ପ୍ରଥମ ଚାଲ୍ ଚଳାଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। କୀଟ ଓ କିସ୍, ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଆସନ୍ତା ୫ ଦିନ ଧରି ଅନୁଷ୍ଠିତ ଏହି ୯ ରାଉଣ୍ଡ ବିଶିଷ୍ଟ ଚେସ୍ ପ୍ରତିଯୋଗିତାରେ ରାଜ୍ୟର ୨୨ଟି ଜିଲ୍ଲାରୁ ୨୦ ଜଣ ମହିଳା ଓ ୭୬ ଜଣ ଅନ୍ତର୍ଜାତୀୟ ରେଟେଡ୍ ଖେଳାଳୀଙ୍କ ସହ ମୋଟ୍ ୧୪୫ ଜଣ ଦକ୍ଷ ଖେଳାଳୀ ଭାଗ ନେଇଛନ୍ତି।




ଏକ ଲକ୍ଷ୍ୟ କୋଡ଼ିଏ ହଜାର ଟଙ୍କା ପୁରସ୍କାର ରାଶି ଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିନ ୨ୟ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଟପ୍ ସିଡ୍ ସି ଏମ୍ ଆଶୀର୍ବାଦ ସ୍ୱାଇଁ (ନୟାଗଡ), ଆୟୁଷ୍ମାନ ମହାନ୍ତି ଓ ଜଗଦୀଶ ମହାନ୍ତି (ପୁରୀ) ଲଭ୍ୟ ଜ୍ୟୋତି ରାଉତରାୟ କେନ୍ଦ୍ରାପଡ଼ା, ବଡ ମୁଣ୍ଡି ତପନ ଗଜପତି, ସ୍ୱପ୍ନିଳ ପ୍ରିୟଦର୍ଶୀ ଖୋର୍ଦ୍ଧା, ଆୟୁଷ ପଟ୍ଟନାୟକ ଓ ଲଳିତ ରଞ୍ଜନ ସାହୁ କଟକ, ସିଧେଶ କମିଲା ବାଲେଶ୍ୱର, ସ୍ଥିତପ୍ରଜ୍ଞା ନାୟକ ଗଞ୍ଜାମ, ଫକୀର ମାଝୀ ରାୟଗଡ଼ା, ଓ ଏନ୍ ଏନ୍ ବେହେରା ସୁନ୍ଦରଗଡ ଙ୍କ ସହ ମୋଟ୍ ୩୦ ଜଣ ଖେଳାଳୀ ଦୁଇ ରାଉଣ୍ଡରୁ ପୂର୍ଣ୍ଣ ୨ ପଏଣ୍ଟ ସହ ମିଳିତ ଭାବରେ ଅଗ୍ରଣୀ ଲାଭ କରିଛନ୍ତି।

ନିଖିଳ ଓଡ଼ିଶା ଚେସ୍ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଘାଟନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରୋଟରିଆନ ରାଜ ନାରାୟଣ ତ୍ରିପାଠୀ ଓ ବଲାଙ୍ଗୀର ଜିଲ୍ଲା ଚେସ ସଂଘ ସମ୍ପାଦକ ପ୍ରିୟବ୍ରତ ପଣ୍ଡା ଯୋଗ ଦେଇଥିଲେ। ରାଜ୍ୟ ଚେସ୍ ସଂଘ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇ ଥିବାବେଳେ ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କେନ୍ଦ୍ରାପଡ଼ା ଜିଲ୍ଲା ଚେସ ସଂଘ ଉପସଭାପତି ଲଲାଟ ସାମଲ ସଞ୍ଚାଳନ କରିଥିଲେ। ଅନ୍ତର୍ଜାତୀୟ ଆରବିଟର ନିହାର ରଞ୍ଜନ ସାମଲ ଓ ପିଙ୍କି ମହାପାତ୍ରଙ୍କ ନେତୃତ୍ୱରେ ଜାତୀୟ ସିନିୟର ଆରବିଟର ଅନିକେତ ଧାନି (ବୌଦ୍ଧ), ବିକ୍ରମ ବିଶ୍ୱାଳ, ମାନସ ରଞ୍ଜନ ପଟ୍ଟନାୟକ, ଗୌରହରି ମହାପାତ୍ର, ଓ ବିସ୍ମିତା ସ୍ୱାଇଁ ପରିଚାଳନା କରୁଛନ୍ତି।

ସମୟ ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod IOS
Download Now:
https://play.google.com/store/app/details/id-com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି